ସ୍ୱାଗତଂ ଓଡ଼ିଶା
# ଡୁମାଣୀ ଖବର
Dumani Khabar (Odia Daily)
R.N.I. Regd. No. ODIODI/2020/78914
P.O. Regd. No. : BN/290/23-25
Visit us: www.dumanikhabar.in • e-paper.dumanikhabar.in
DUMANI TV
Follow us:
ବର୍ଷ-୬ | ସଂଖ୍ୟା-୭୩ | ଗୁରୁବାର | ୫ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-73 | Thursday | 5 June 2025 | Bhubaneswar | Pages-8 | Rs. 2.00

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ



ନୂଆଦିଲ୍ଲୀ, ୪।୬ (ପିଆଇବି): ଅଷ୍ଟ୍ରେଲିଆର ଉପ-ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ, ରିଚର୍ଡ ମାର୍ଲେସ୍ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ନିକଟରେ ଅଷ୍ଟ୍ରେଲିଆରେ ହୋଇଥିବା ଫେଡେରାଲ୍ ନିର୍ବାଚନରେ ଅଷ୍ଟ୍ରେଲୀୟ ଲେବର ପାର୍ଟିର ଐତିହାସିକ ବିଜୟ ପାଇଁ ଉପ-ପ୍ରଧାନମନ୍ତ୍ରୀ ମାର୍ଲେସଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦୁଇ ନେତା ଭାରତ-ଅଷ୍ଟ୍ରେଲିଆ ବ୍ୟାପକ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ଉପରେ ଆଲୋଚନା କରିଛନ୍ତି, ଯାହାକି ଆଜି ପାଞ୍ଚ ବର୍ଷ ପୂରଣ କରିଛି। ସେମାନେ ପ୍ରତିରକ୍ଷା ଶିଳ୍ପ ସହଯୋଗିତା, ସ୍ଥିର ଯୋଗାଣ ଶୃଙ୍ଖଳ, କ୍ରିଟିକାଲ ମିନେରାଲ୍ସ, ନୂତନ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଭଳି ପ୍ରମୁଖ କ୍ଷେତ୍ରରେ ସହଯୋଗ • ପୃଷ୍ଠା ୭ ଦେଖନ୍ତୁ...

## ଜୁଲାଇ ୨୧ରୁ ସଂସଦର ମୌସୁମୀ ଅଧିବେଶନ

ନୂଆଦିଲ୍ଲୀ, ୪।୬ (ହି.ସ): ଆସନ୍ତା ଜୁଲାଇ ୨୧ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଅଗଷ୍ଟ ୧୨ ଯାଏ ଚାଲିବ। ଏ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି। ଜୁଲାଇ ୨୧ରୁ ଅଗଷ୍ଟ ୧୨ ତାରିଖ ଯାଏ ସଂସଦର ଉଭୟ ଗୃହରେ ମୌସୁମୀ ଅଧିବେଶନ ଚାଲିବ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇପାରେ। ବିରୋଧୀ ଦଳ 'ଅପରେସନ ସିନ୍ଦୂର' ଏବଂ ପହଲଗାମ ଆତଙ୍କୀ ଆକ୍ରମଣକୁ ନେଇ ଲଗାତାର ସ୍ୱତନ୍ତ୍ର ଅଧିବେଶନ ଦାବି କରି ଆସୁଛନ୍ତି। ଏହାରି ଭିତରେ ମୌସୁମୀ ଅଧିବେଶନ ନେଇ ତାରିଖ ସ୍ଥିର ହୋଇଛି। 'ଅପରେସନ୍ ସିନ୍ଦୂର' ଉପରେ ବି ସରକାର ନିୟମ ଅନୁସାରେ ଚର୍ଚ୍ଚା କରିବାକୁ ପ୍ରସ୍ତୁତ ହେଉଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି କି, 'ଚଳିତ ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବା ସହ ଏହା ଉପରେ ଚର୍ଚ୍ଚା କରିବାକୁ ପ୍ରସ୍ତୁତି ଚାଲିଛି। ସଂସଦକୁ ଶୃଙ୍ଖଳିତ ଭାବେ ଚଲାଇବାକୁ ସଂସଦୀୟ ମନ୍ତ୍ରୀ ବିରୋଧୀ ଦଳଙ୍କ ସହଯୋଗ ଲୋଡିଛନ୍ତି। ଏହି ଅଧିବେଶନ ସୂଚାରୁରୂପେ ଚାଲୁ ଓ ଦେଶହିତରେ ସକରାତ୍ମକ ଆଲୋଚନା ହେଉ ବୋଲି ସରକାର ଚାହାନ୍ତି।' ବୀମା • ପୃଷ୍ଠା ୭ ଦେଖନ୍ତୁ...

## ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

# ତହସିଲଦାରମାନେ ହେଉଛନ୍ତି ତୃଣମୂଳସ୍ତରରେ ରାଜ୍ୟ ପ୍ରଶାସନର ମେରୁଦଣ୍ଡ: ମୁଖ୍ୟମନ୍ତ୍ରୀ



- ରାଜସ୍ୱ ବିଭାଗ ହେଉଛି ସ୍ୱଚ୍ଛ ଏବଂ ଉତ୍ତମ ସରକାରର ଦର୍ପଣ
- ଓଡିଶାରେ କେହି ବି ଭୂମିହୀନ ରହିବେ ନାହିଁ
- 'ବାତ୍ୟା ଦାନା'ର ସଫଳ ମୁକାବିଲା ଆମର ଏକ ପ୍ରମୁଖ ସଫଳତା
- ପ୍ରତିଷ୍ଠା ନୁହେଁ, ଜନସେବାରେ ସମର୍ପଣ ହେଉ ଆପଣମାନଙ୍କ ମାନଦଣ୍ଡ

ଭୁବନେଶ୍ୱର, ୪।୬ (ଡିକେ ନ୍ୟୁଜ୍): ଶାସନ-ପ୍ରଶାସନ ବ୍ୟବସ୍ଥାରେ ତହସିଲଦାରମାନେ ହେଉଛନ୍ତି ଆମ ରାଜସ୍ୱ ପ୍ରଶାସନର ମେରୁଦଣ୍ଡ। ଏଣୁ ଆପଣ ସମସ୍ତେ ଲୋକଙ୍କ ଅଭିଯୋଗ ଶୁଣନ୍ତୁ ଓ ତାହାର ତ୍ୱରିତ ସମାଧାନ ପାଇଁ ଚେଷ୍ଟା କରନ୍ତୁ। ଆପଣଙ୍କ ଅଫିସ୍ ଲୋକଙ୍କ ପାଇଁ ଭୟର ନୁହେଁ, ବିଶ୍ୱାସର ସ୍ଥାନ ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ ତଥା କର୍ମଶାଳାରେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଭୂମି ପ୍ରଶାସନକୁ ଆଧୁନିକ ଏବଂ ଲୋକାଭିମୁଖୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଓଡିଶାରେ କେହିବି ଭୂମିହିନ ରହିବେ ନାହିଁ। ଯେଉଁମାନଙ୍କର ୪ ଡେସିମିଲରୁ କମ ଜମି ଅଛି, ସେମାନଙ୍କୁ ବି ଭୂମିହୀନ ଭାବେ ଗଣାହେବେ ଏବଂ ସରକାର ସେମାନଙ୍କୁ ଜମି ଯୋଗାଇ ଦେବେ। ତେଣୁ, ଏହି ଯୋଜନାକୁ ପ୍ରଭାବୀ ଭାବେ ଲାଗୁ କରିବା ପାଇଁ ଆପଣମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକଙ୍କ ସରକାର ହିସାବରେ ଲୋକ ଏବଂ ସରକାରଙ୍କ ବ୍ୟବଧାନ କମାଇବା ଦରକାର। ନ୍ୟାୟ ପ୍ରଦାନ କରିବା ଆମର ପ୍ରଥମ କର୍ତ୍ତବ୍ୟ। ଆମ ସରକାର ଆସିବାର କିଛି ଦିନ ଭିତରେ ଏକ ବାତ୍ୟାର ସମ୍ମୁଖୀନ ହୋଇଥିଲୁ। ମୁଁ ସନ୍ତୋଷ ସହକାରେ କହିବାକୁ ଚାହେଁ ଯେ ମାନ୍ୟବର ବିଭାଗୀୟ ମନ୍ତ୍ରୀଙ୍କ ନେତୃତ୍ୱରେ 'ବାତ୍ୟା ଦାନା'ର ସଫଳ ମୁକାବିଲା କରାଯାଇଛି। 'ଜିରୋ କାଜୁଆଲ୍ଟି' ଅଭିଯାନକୁ ସାକାର କରିବା ପାଇଁ ପ୍ରାୟ ୮.୧ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୬ ହଜାର ୨୧୦ଟି ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ସରକାରର ପ୍ରତିନିଧି ଭାବରେ ଗାଁ ଓ ଗ୍ରାମବାସୀଙ୍କୁ ସମୟରେ ଓ ନ୍ୟାୟସଙ୍ଗତ ସେବା ଦେବା ପାଇଁ ତତ୍ପର ହେବା ଆବଶ୍ୟକ ଅଛି। ସମାଜର ଶେଷ ଧାଡିରେ ଥିବା ଲୋକ ପର୍ଯ୍ୟନ୍ତ ସେବା ପହଞ୍ଚାନ୍ତୁ। ଯେଉଁମାନେ ଦୀର୍ଘଦିନ ଧରି ବଞ୍ଚିତ ଓ ଅବହେଳିତ - ସେମାନେ ହେଉଛନ୍ତି ସରକାରଙ୍କ ପ୍ରଥମ ପ୍ରାଥମିକତା। ବହୁତ ମୂଲ୍ୟବାନ ସରକାରୀ ଜମି ଜବରଦଖଲରେ ଅଛି। ସେହି ସରକାରୀ ଜମିକୁ ଆପଣ ଜବରଦଖଲମୁକ୍ତ କରି ତାହାର ସୁରକ୍ଷା କରନ୍ତୁ। ଆଗାମୀ ଦିନରେ ସରକାର ଅନେକ ରାଜସ୍ୱ କ୍ଷେତ୍ରରେ ଅନେକ ସଂସ୍କାର ଆଣିବାକୁ ଯାଉଛନ୍ତି। ସମୟ ସୀମା ମଧ୍ୟରେ ଦାଖଲ ଖାରଜ ମାମଲା ଓ ଅନ୍ୟାନ୍ୟ ଜମିଜମା ମାମଲାର ତ୍ୱରିତ ଫଇସଲା କରନ୍ତୁ। ଜମିଜମା ସଙ୍କ୍ରାନ୍ତିୟ ମାମଲା ବିଚାର କଲାବେଳେ ସଂପୂର୍ଣ୍ଣ ସ୍ୱଚ୍ଛତା ସହିତ କରିବେ। କାରଣ, ଯେତେବେଳେ ଆପଣ ଏହି ଭୂମିକା ତୁଲାନ୍ତି, ସେତେବେଳେ ଆପଣ ନ୍ୟାୟ ଦଣ୍ଡରେ ବିରାଜମାନ କରିଥାନ୍ତି। ଏହି କଥାକୁ ସବୁବେଳେ ମନେ ରଖିବେ। ସେ କହିଥିଲେ ଯେ, ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ଜମି କିଣା ବିକାରେ ଅନେକ ସମୟରେ ଅନିୟମିତତା ଦେଖାଯାଇଥାଏ। ଏହି କିଣାବିକା ତହସିଲଦାରଙ୍କ ଅଗୋଚରରେ ହେବା ପ୍ରାୟତଃ ଅସମ୍ଭବ। ତେଣୁ, ଏହି ସମ୍ବନ୍ଧୀୟ ସବୁ ବିବାଦ, କିଣାବିକାରେ ସାମାନ୍ୟତମ ବ୍ୟତିକ୍ରମ ହେବା ଉଚିତ ନୁହେଁ। ଯଦି ଜ୍ଞାତସାରରେ କିଛି ତ୍ରୁଟି ହୁଏ, ଏହାର ପରିଣାମ ସେହି ଅଧିକାରୀ ଭୋଗିବେ। ଏଥିରେ ସରକାରଙ୍କ 'ଶୂନ୍ୟ ସହନଶୀଳତା' ଅଛି। କିଛି ଦିନ ପରେ ମୌସୁମୀ ବର୍ଷା ଆରମ୍ଭ ହୋଇଯିବ। କିଛି କିଛି ଅଞ୍ଚଳରେ ଆରମ୍ଭ ହୋଇଗଲାଣି। ତେଣୁ, ସମସ୍ତେ ପାଣିପାଗ ବିଭାଗଦ୍ୱାରା ଜାରି ପାଣିପାଗ ସୂଚନାକୁ ନିୟମିତ ଭାବେ ଫୋଲୋ କରୁଥିବେ ଏବଂ ତଦନୁସାରେ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ଏସ୍ଓପି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବେ। ଚଳିତ ମାସ ଠାରୁ ଆରମ୍ଭ କରି ନଭେମ୍ବର ପର୍ଯ୍ୟନ୍ତ ମୌସୁମୀ ବର୍ଷା ଏବଂ ବାତ୍ୟା ଲାଗି ରହିବ। ତେଣୁ, ଏଥିପାଇଁ ନିଜ ନିଜ ଅଞ୍ଚଳର ପାରିପାର୍ଶିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରା ପ୍ରଶାସନକୁ ପ୍ରସ୍ତୁତ କରିବେ। ସେ ପୁଣି କହିଥିଲେଯେ, ରାଜସ୍ୱ ବିଭାଗ ହେଉଛି ସ୍ୱଚ୍ଛ ଏବଂ ଉତ୍ତମ ସରକାରର ଦର୍ପଣ। ଯଦି ସରକାର ଆପଣଙ୍କ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି, ଆପଣମାନେ ଆବଶ୍ୟକ ଜମି ଯୋଗାଡ କରିବେ। ଯଦି ସରକାରଙ୍କ ପାଖରେ ଜମି ନାହିଁ, ଲୋକଙ୍କ ଠାରୁ ଅଧିଗ୍ରହଣ କରିବାକୁ ପଡିବ ଏବଂ ଏହି କାର୍ଯ୍ୟ ସବୁବେଳେ ବିଶ୍ୱାସର ସହିତ କରିବାକୁ ହେବ। ସରକାର ବର୍ତ୍ତମାନ ଧାନ କିଣିବା ପାଇଁ ଅଧିକ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ, କେଉଁ ଚାଷୀ କେତେ ଜମିରେ ପ୍ରକୃତ ଚାଷ କରିଛନ୍ତି ତାହାର ଜମିୱାରୀ ଭେରୀଫିକେଶନ ହେବା ଆବଶ୍ୟକ ଯାହା ରାଜସ୍ୱ, ସମବାୟ, କୃଷି ଏବଂ ଜଳସେଚନ ବିଭାଗ ଦ୍ୱାରା ମିଳିତ ଭାବେ ହୁଏ। ତେଣୁ, • ପୃଷ୍ଠା ୭ ଦେଖନ୍ତୁ...

## ଢେଙ୍କାନାଳରେ ପ୍ରାୟ ୩୦୮ କୋଟିର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଢେଙ୍କାନାଳ, ୪।୬ (ଡିକେ ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଢେଙ୍କାନାଳ ଠାରେ ପ୍ରାୟ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବିଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ, ପ୍ରାୟ ୧୮୮ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟ ବରାଦରେ, ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ ଯେ, ୧୧୨ କୋଟି ଟଙ୍କାର ୧୨ଟି ପ୍ରକଳ୍ପର ଶୁଭଉଦ୍‌ଘାଟନ ହୋଇଥିବା ବେଳେ ୭୬ କୋଟି ଟଙ୍କାର ୧୦ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଆଜି କରାଗଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଢେଙ୍କାନାଳ ଠାରେ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟବରାଦରେ ହେବାକୁଥିବା ଶିଳ୍ପ ପ୍ରକଳ୍ପ ଆଜି ଓଡିଶାର ବିକାଶର ଧାରାରେ ଆଉ ଏକ ସ୍ରୋତ ଯୋଡି ଦେଇଛି। ଆଜି ଯେଉଁ ନୂତନ ଶିଳ୍ପର ଶୁଭାରମ୍ଭ ହେଲା, ଏଥିରୁ ୩୦ ହଜାର କୋଟି ଟଙ୍କାର ବ୍ୟୟ କେବଳ ସୋଲାର ଶକ୍ତି ଶିଳ୍ପ ସମ୍ବଳିତ ପ୍ରକଳ୍ପ। ଏଣୁ, ଢେଙ୍କାନାଳ ଜିଲ୍ଲାକୁ ଓଡିଶାର ସୌର ଶକ୍ତି ସମୃଦ୍ଧ ଜିଲ୍ଲା ଓ ରାଜ୍ୟର ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ କରିବା ହେଉଛି ଆମର ଲକ୍ଷ୍ୟ। ସୋଲାର ଏନର୍ଜିକୁ ଆମେ କେବଳ ଆମ ରାଜ୍ୟର ନୁହେଁ ବରଂ ସମଗ୍ର ଦେଶର ପ୍ରମୁଖ ଶକ୍ତି ଭାବେ ବ୍ୟବହାର କରିବା। ଆଜି ଏଠାରେ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ ଯୋଗୁଁ ପ୍ରାୟ ୨୬ ହଜାର ୪୦୦ଟି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗର ସମ୍ଭାବନା ରହିଛି। ଆଉ ଆଜିର ଏହି ଶିଳ୍ପ, ଆମର ଉତ୍କର୍ଷ ଓଡିଶା-ମେକ ଇନ ଓଡିଶା କନକ୍ଲେଭ କାର୍ଯ୍ୟକ୍ରମର ସଫଳତା। ଆମ ସରକାରକୁ ୩୬୫ ଦିନ ମଧ୍ୟ ପୂରିନି କିନ୍ତୁ ଦେଖନ୍ତୁ, ଆମେ ଦେଇଥିବା ପ୍ରତିଶ୍ରୁତି କିଭଳି ଆମେ ପୂରଣ କଲୁ। କାରଣ ଆମ ସରକାର, ଯେଉଁ ବିଶ୍ୱାସର ସହ ଲୋକଙ୍କ ପାଖକୁ ଆସିଛି ସେ ବିଶ୍ୱାସ ଆମେ କେବେ ହେଲେ ଭାଙ୍ଗିବୁନି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ। ସେ କହିଥିଲେ ଯେ, ଏହି ଜିଲ୍ଲାର ଚିର ସ୍ମରଣୀୟ ବରପୁତ୍ର ତଥା ଶହୀଦ ବାଜି ରାଉତଙ୍କ ସ୍ମୃତିରେ ଆଜି ବନମାଳିପ୍ରସାଦ ଅଞ୍ଚଳରେ ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟବରାଦରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହେଲା। ଏଥିରେ ଫୁଟବଲ ପଡିଆ, ସିନ୍ଥେଟିକ ଆଥେଲେଟିକ ଟ୍ରାକ୍, ହକି ଟ୍ରେନିଂ ସେଣ୍ଟର, ଇଣ୍ଡୋର ଷ୍ଟାଡିଅମ, ସୁଇମିଂପୁଲ୍, ୧୦୦ ଶଯ୍ୟା ବିଶିଷ୍ଟ କ୍ରୀଡା ଛାତ୍ରାବାସ ଇତ୍ୟାଦି ବିକଶିତ କରାଯିବ। ସେ ପୁଣି କହିଥିଲେ ଯେ, ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଆମ ଯୁବ ପିଢିଙ୍କ କ୍ରୀଡା ପ୍ରତି ଥିବା ଉଚ୍ଚ ଆଶାକୁ ଆହୁରି ଆଗକୁ ନେଇଯିବ। ଜିଲ୍ଲାରେ କ୍ରୀଡା ଭିତ୍ତିଭୂମିର ଉନ୍ନତି ଅର୍ଥାତ ଯୁବଶକ୍ତିର ଉତ୍ଥାନ। ଯୁବ ସମାଜ ହେଉଛନ୍ତି ଆଗାମୀ ପିଢିର ନିର୍ମାତାୟ ସେମାନଙ୍କ ସବୁଠାରୁ ବଡ ସମସ୍ୟା ହେଉଛି ରୋଜଗାର। ତେଣୁ ସରକାର ଏଥିପାଇଁ ଚିନ୍ତିତ ଅଛନ୍ତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଆମେ ପ୍ରଥମ ବର୍ଷରେ ୨୭ ହଜାର ଖାଲିଥିବା ସରକାରୀ ପଦ ପୂରଣ କରିଛୁ। ଚଳିତ ବର୍ଷ ୪୦ ହଜାର ପଦ ପୂରଣ କରିବାପାଇଁ ମୁଁ ନିର୍ଦ୍ଦେଶ ଦେଇ ସାରିଛି। ଗତ କ୍ୟାବିନେଟ ବୈଠକରେ ରାଜ୍ୟର ଚାକିରି ଆଶାୟୀଙ୍କ ଏକ ଦୀର୍ଘ ଦିନର ଦାବିକୁ ପୂରଣ କରିଛୁ। ବର୍ତ୍ତମାନ ଚାକିରି • ପୃଷ୍ଠା ୭ ଦେଖନ୍ତୁ...

## ୬ରେ ଜମ୍ମୁ ଓ କାଶ୍ମୀର ଗସ୍ତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୪।୬ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୬ ଜୁନରେ ଜାମ୍ମୁ ଏବଂ କାଶ୍ମୀର ଗସ୍ତ କରିବେ। ଏହି କ୍ଷେତ୍ରରେ ରେଳ ଭିତ୍ତିଭୂମି ଏବଂ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ ପ୍ରଧାନମନ୍ତ୍ରୀ ପ୍ରାୟ ପୂର୍ବାହ୍ନ ୧୧ ଘଟିକାରେ ଚେନାବ ସେତୁ ଉଦଘାଟନ ଏବଂ ସେତୁ ଡେକ୍ ପରିଦର୍ଶନ କରିବେ। ଏହା ପରେ, ସେ ଅଞ୍ଜି ସେତୁ ପରିଦର୍ଶନ ଏବଂ ଉଦଘାଟନ କରିବେ। ସେ ମଧ୍ୟାହ୍ନ ପ୍ରାୟ ୧୨ ଘଟିକାରେ ବନ୍ଦେ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହା ପରେ ସେ କଟରା ଠାରେ ୪୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଏବଂ ଲୋକାର୍ପଣ କରିବେ। ଚେନାବ ଏବଂ ଅଞ୍ଜି ରେଳ ସେତୁ ନଦୀଠାରୁ ୩୫୯ ମିଟର ଉଚ୍ଚତାରେ ଅବସ୍ଥିତ ସ୍ଥାପତ୍ୟ ଚମତ୍କାର ଚେନାବ ରେଳ ସେତୁ ହେଉଛି ବିଶ୍ୱର ସର୍ବୋଚ୍ଚ ରେଳ ଆର୍ଚ ବ୍ରିଜ। ଏହା ୧,୩୧୫ ମିଟର ଲମ୍ବା ଇସ୍ପାତ ଆର୍ଚ ବ୍ରିଜ ଯାହା ଭୂକମ୍ପ ଏବଂ ପବନର ପ୍ରତିକୂଳ ପରିସ୍ଥିତିକୁ ସହ୍ୟ କରିବା ପାଇଁ ଆଧୁନିକ ଇଂଜିନିୟରିଂ ଢାଞ୍ଚାରେ ନିର୍ମାଣ କରାଯାଇଛି। ଏହି ସେତୁର ଏକ ପ୍ରମୁଖ ପ୍ରଭାବ ଜମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ସଂଯୋଗୀକରଣ ବୃଦ୍ଧି କରିବ। ଏହି ସେତୁ ଉପରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଦ୍ୱାରା କଟରା ଏବଂ ଶ୍ରୀନଗର ମଧ୍ୟରେ ଯାତ୍ରା କରିବାକୁ ପ୍ରାୟ ୩ ଘଣ୍ଟା ସମୟ ଲାଗିବ। ଯାହାଦ୍ୱାରା ବର୍ତ୍ତମାନର ଯାତ୍ରା ସମୟ ୨-୩ ଘଣ୍ଟା ହ୍ରାସ ପାଇବ। ଅଞ୍ଜି ସେତୁ ହେଉଛି ଭାରତର ପ୍ରଥମ କେବୁଲ-ଷ୍ଟେଡ୍ ରେଳ ସେତୁ ଯାହା ଏକ ଚ୍ୟାଲେଞ୍ଜିଂ ଭୂଖଣ୍ଡରେ ଦେଶକୁ ସେବା କରିବ। ସଂଯୋଗୀକରଣ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ବିକାଶ ପଦକ୍ଷେପ ପ୍ରଧାନମନ୍ତ୍ରୀ • ପୃଷ୍ଠା ୭ ଦେଖନ୍ତୁ...

## ଆଇପିଏଲ ବିଜୟ ଉତ୍ସବ ପାଳନ ସମୟରେ ଦଳାଚକଟା, ୧୧ ମୃତ

ବେଙ୍ଗାଲୁରୁ, ୪।୬ (ହି.ସ): କର୍ଣ୍ଣାଟକରେ ଭୟଙ୍କର ଅଘଟଣ। ଦୀର୍ଘ ୧୮ ବର୍ଷର ପ୍ରତିକ୍ଷା ପରେ ଆଇପିଏଲରେ ଆରସିବି ଜିତିବା ପରେ କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ବୁଧବାର ଆୟୋଜିତ ଗ୍ରାଣ୍ଡ ଭିକ୍ଟୋରି ସେରିମନିରେ ଦଳାଚକଟା। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହବାକୁଥିବା ଏହି ଉତ୍ସବରେ ଦଳାଚକଟା ଯୋଗୁ ଭୟଙ୍କର ସ୍ଥିତି ଉପୁଜିଛି। ଯେଉଁଥିରେ ୧୧ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ସୂଚନା ମୁତାବକ, ଚଳିତ ଆଇପିଏଲ ସିଜନରେ ଦୀର୍ଘ ୧୮ ବର୍ଷ ପରେ ଆରସିବି ଟ୍ରଫି ଜିତିଥିବାରୁ କର୍ଣ୍ଣାଟକ କ୍ରିକେଟ ବୋର୍ଡ ପ୍ରଶଂସକମାନଙ୍କ ପାଇଁ ବୁଧବାର ଏକ ଉତ୍ସବର ଆୟୋଜନ କରିଥିଲେ। ଏହି ଉତ୍ସବରେ ଯୋଗଦେବା ପାଇଁ ଲୋକମାନଙ୍କୁ ଟିକେଟ ଓ ପାସ୍ ମଧ୍ୟ ବଣ୍ଟାଯାଇଥିଲା। ହେଲେ ଅନେକ ପ୍ରଶଂସକଙ୍କ ପାଖରେ ଏହି ବିକଳ୍ପ ଉପଲବ୍ଧ ନଥିବାରୁ ସେମାନେ ନିଜ ପସନ୍ଦର ଦଳ ଓ କ୍ରିକେଟରମାନଙ୍କ ଏକ ଝଲକ ପାଇବା ପାଇଁ ଷ୍ଟାଡିୟମ ଭିତରକୁ ଧସେଇ ପସିବାକୁ ଚେଷ୍ଟା କରିଥିଲେ। ଆଉ ଏହିଠାରୁ ହିଁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସରକାର ଜାରି କରିଥିବା ପ୍ରାରମ୍ଭିକ ରିପୋର୍ଟ ମୁତାବକ ଷ୍ଟାଡିୟମ ବାହାରେ ହୋଇଥିବା ଏକ ଅସ୍ଥାୟି ସ୍ଲାବ ଉପରେ ଫ୍ୟାନମାନେ ଅହେତୁକ ଭିଡ ଜମାଇଥିଲେ। ହେଲେ ଲୋକସଂଖ୍ୟା ବେଶି ହୋଇଯିବାରୁ ଏହା ଓଜନ ସମ୍ଭାଳି ନପାରି ହଠାତ ଧସିଯାଇଥିଲା। ଯାହାପରେ ସେଠାରେ ଉପସ୍ଥିତ ଥିବା ଲୋକମାନଙ୍କ ମଧ୍ୟରେ ଆତଙ୍କ • ପୃଷ୍ଠା ୭ ଦେଖନ୍ତୁ...

## ଭୁଲ ଇଞ୍ଜେକ୍ସନ ପାଇଁ ଚାଲିଗଲା ୬ ଜଣଙ୍କ ଜୀବନ



କୋରାପୁଟ, ୪।୬ (ଡିକେ ନ୍ୟୁଜ୍): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କେଲଜ ଓ ହସ୍ପିଟାଲ ଅଭିଭକ୍ତ କୋରାପୁଟ ଜିଲ୍ଲାକୁ ନେଇ ଗର୍ବ ଅନୁଭବ କରୁଥିବା ବେଳେ ମେଡିକାଲ କଲେଜରେ ଚିକିତ୍ସା କମ ରୋଗୀ ମୃତ୍ୟୁହାର ଅଧିକ। ଯାହାକୁ ନେଇ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କେଲଜ ଓ ହସ୍ପିଟାଲ ଉପରେ ରୋଗୀଙ୍କ ଭରଷା ପାଉନାହିଁ। କୋରାପୁଟ ଜିଲ୍ଲାରେ ରହିଥିବା ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କେଲଜ ଓ ହସ୍ପିଟାଲକୁ ନେଇ ଆସିଛି ବଡ଼ ଅଭିଯୋଗ। ମେଡିକାଲରେ ଠିକ ସେ ରୋଗୀଙ୍କୁ ଚିକିତ୍ସା ମିଳୁନାହିଁ। ଏହି ମେଡିକାଲ ଉପରେ ଅଭିଭକ୍ତ କୋରାପୁଟ ଜିଲ୍ଲା ସମେତ ପଡୋଶୀ ରାଜ୍ୟ ଛତିଶଗଡର ରୋଗୀ ନିର୍ଭର କରି ଆସୁଛନ୍ତି। ଏହି ମେଡିକାଲରେ ବର୍ଷ ତମାମ ସମସ୍ୟା ଦେଖା ଦେଉଛି। କେତେବେଳେ ଡାକ୍ତରଙ୍କ ଅବହେଳା ତ ଆଉ କେତେବେଳେ ନର୍ସଙ୍କ ଆଉ କେତେବେଳେ ମେଡିକାଲରେ ମୂଷାଙ୍କ ଉତ୍ପାତ। ସବୁ ଭିତରେ ନର୍ସଙ୍କ ଭୁଲ ଇଞ୍ଜେକ୍ସନ ଯୋଗୁ ୬ଜଣା ରୋଗୀଙ୍କ ଜୀବନ ଚାଲି ଯାଇଛି। ଗତ ମଙ୍ଗଳବାର ରାତି ପ୍ରାୟ ୧୧ ପାଖାପାଖି ହେବ ନର୍ସ ରୋଗୀମାନଙ୍କୁ ଇଞ୍ଜେକ୍ସନ ଦେବା ପରେ ରୋଗୀମାନେ ଗୋଟେ ପରେ ଗୋଟେ ଛଟପଟ ହୋଇ ମୃତ୍ୟୁ ବରଣ କରିଥିଲେ। ୧୫ ମିନିଟ ଭିତରେ ପ୍ରାୟ ୫ ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିବା ବେଳେ ଭୋର ସମୟରେ ଆଉ ଜଣଙ୍କ ଜୀବନ ଯାଇଛି। ସର୍ଜରୀ ଆଇସିୟୁରେ ୪ ଓ ବେଡ଼ରେ ୨ ଜଣଙ୍କ ଜୀବନ ଯାଇଛି। ଜଣଙ୍କ ମୃତ୍ୟୁକୁ ନେଇ ମେଡିକାଲରେ ଉତ୍ତେଜନା ଦେଖା ଦେଇଥିଲା। ତା'ସହିତ ରୋଗୀଙ୍କ ସମ୍ପର୍କୀୟମାନଙ୍କ କାନ୍ଦ ବୋବାଳିରେ ମେଡିକାଲ ପରିସର ଫାଟି ପଡିଥିଲା। ମେଡିକାଲରେ ୬ଜଣଙ୍କ ଜୀବନ ଯାଇଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷଙ୍କ ତରଫରୁ ୫ ଜଣଙ୍କ ମୃତ୍ୟୁ ଘଟିଥିବା କଥା କୁହାଯାଉଛି। ସତ ଲୁଚାଇବା ପାଇଁ ମେଡିକାଲ ତରଫରୁ ପ୍ରୟାସ କରାଯାଉଛି। ୬ ଜଣଙ୍କ ମୃତ୍ୟୁ ଘଟିବା ପରେ କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ରଖି ନଥିଲେ। ବହୁ ସମାଲୋଚନା ହେବା ପରେ ଦୀର୍ଘ ୧୨ ଘଣ୍ଟା ପରେ ମେଡିକାଲ କର୍ତ୍ତୃପକ୍ଷ ନିଜର ପ୍ରତିକ୍ରିୟା ରଖିଥିଲେ। ଆଉ କହିଛନ୍ତି ଏ ନେଇ ଏକ କମିଟି ଗଠନ କରାଯିବ। କମିଟି ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମେଡିକାଲ ଅଧିକ୍ଷକ ସୁଶାନ୍ତ କୁମାର ସାହୁ କହିଛନ୍ତି। ସେଇଭଳି କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ମଧ୍ୟ କମିଟି ଗଠନ କରି ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ କମିଟି ଗଠନ କରାଯିବ ସେ କମିଟି ସତ ରିପୋର୍ଟ ଦେବ ନା ଆଉ କିଛି ବୋଲି ସନ୍ଦେହ ସୃଷ୍ଟି ହେଉଛି। ଏ ନେଇ ରାଜ୍ୟ ସରକାର ତରଫରୁ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି। କମିଟିର ତଦନ୍ତ ପରେ ସତ ସାମ୍ନାକୁ ଆସିବ ନା ସତକୁ ଲୁଚାଇବା ପାଇଁ ଅନ୍ୟ କିଛି ପନ୍ଥା ଗ୍ରହଣ କରାଯିବ ବୋଲି ସନ୍ଦେହ ସୃଷ୍ଟି ହେଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଧ୍ୟାନ ଦେବା ସହିତ ସଠିକ ତଦନ୍ତ କରି ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି।






# ଜୁଲାଇରେ ଆମେରିକା ସହ ବାଣିଜ୍ୟ ରାଜିନାମା



**ନୂଆଦିଲ୍ଲୀ,(ହି.ସ):** ଭାରତ ଓ ଆମେରିକା ମଧ୍ୟ ଜୁଲାଇରେ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ହେବାର ସମ୍ଭାବନା ରହିଛି। ଆମେରିକାର ବାଣିଜ୍ୟ ମନ୍ତ୍ରୀ ହୋବାର୍ଟ ଲୁଟ୍ନିକ୍ କହିଛନ୍ତି ଯେ ବୁଝାମଣା ଲାଗି ଦୁଇ ଦେଶ ବାଟ ଖୋଜିସାରିଛନ୍ତି। ଆମେ ରାଜିନାମାର ଅତି ନିକଟତର ରହିଛୁ। ଏହି ବୁଝାମଣା ଉଭୟ ଦେଶ ଲାଗି ଲାଭଦାୟକ ହେବ ବୋଲି ସେ କହିଛନ୍ତି। ଭାରତ-ଆମେରିକା ଷ୍ଟ୍ରାଟେଜିକ୍ ପାର୍ଟନରସିପ୍ ଫୋରମକୁ ସମ୍ବୋଧିକ କରିବା ବେଳେ ଲୁଟ୍ନିକ୍ ଏହା କହିଛନ୍ତି। ସେ କହିଛନ୍ତି ଯେ ଦୁଇ ଦେଶର ଠିକ୍ ଲୋକ କଥାବାର୍ତ୍ତା ଲାଗି ବସିଲେ ବୁଝାମଣା ପାଇଁ ଅଧିକ ସମୟ ଲାଗିବ ନାହିଁ। ଜୁଲାଇ ୮ ସୁଦ୍ଧା ଏକ ଅନ୍ତରୀଣ ବୁଝାମଣା ସ୍ୱାକ୍ଷର ହେବାର ସମ୍ଭାବନା ରହିଛି ବୋଲି କୁହାଯାଇଛି। ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଥିଲେ ଯେ ଦୁଇ ଦେଶ ପରସ୍ପର ସହ କାରବାରକୁ ପ୍ରାଥମିକତା ଦେଉଛନ୍ତି ଏବଂ ଉଭୟ ପକ୍ଷର ପ୍ରତିନିଧି ଦଳ ଲଗାତାର ଭାବେ କଥାବାର୍ତ୍ତା କରୁଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୬ ପ୍ରତିଶତ ପାଲଟା ଶୁଳ୍କ ଲଗାଇଛନ୍ତି। ସେହି ଶୁଳ୍କକୁ ୯୦ ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ବେଳେ ଦୁଇ ଦେଶ ବାଣିଜ୍ୟ ବୁଝାମଣା ଲାଗି କଥାବାର୍ତ୍ତା କରୁଛନ୍ତି। ଆମେରିକା ସେଥିରେ ଲାଭଜନକ ସ୍ଥିତିରେ ରହିବା ଲାଗି ଜୋରଦାର ଉଦ୍ୟମ କରୁଥିବା ସହ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବିଭିନ୍ନ ପ୍ରକାରରେ ଚାପ ପକାଇବାକୁ ଉଦ୍ୟମ କରୁଛନ୍ତି। ଏଭଳି ପରିସ୍ଥିତିରେ ନିଜ ସ୍ୱାର୍ଥକୁ ସୁରକ୍ଷିତ ରଖିବା ଏବଂ ଆମେରିକା ସହ ସନ୍ତୁଳନ ରକ୍ଷା କରି ଏକ ଭଲ ବୁଝାମଣା ହାସଲ କରିବା ଆହ୍ୱାନର ବିଷୟ ପାଲଟିଛି। ଗତ ଏପ୍ରିଲ୍ ୨ ଶୁଳ୍କ ଲଗାଇବା ବେଳେ ଟ୍ରମ୍ପ କହିଥିଲେ ଯେ ଏହି ପଦକ୍ଷେପ ଆମେରିକା ଅର୍ଥନୀତିକୁ ସୁଦୃଢ଼ କରିବ। ଆମେରିକାକୁ ଅଧିକ ଜିନିଷ ବିକୁଥିବା ଓ କମ୍ କିଣୁଥିବା ଦେଶଗୁଡ଼ିକୁ ତାହା ବୁଦ୍ଧି ଶିଖାଇବ। କିଛି ଦିନ ତଳେ ଟ୍ରମ୍ପ କହିଥିଲେ ଯେ ଭାରତ ସହିତ ବାଣିଜ୍ୟ ରାଜିନାମା ଏକପ୍ରକାର ଚୂଡ଼ାନ୍ତ ହୋଇଯାଇଛି। ଗତ ଏପ୍ରିଲ୍‌ରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି ଭାନ୍ସ ଭାରତ ଗସ୍ତରେ ଆସିଥିଲେ। ରାଷ୍ଟ୍ରପତି ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟକୁ ସାକାର କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଚୂଡ଼ାନ୍ତ ବୁଝାମଣା ଲାଗି ତାହା ଏକ ରୋଡ଼ମ୍ୟାପ୍ ପ୍ରଦାନ କରିବ ବୋଲି ସେ କହିଛନ୍ତି।

# ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହେବ ଭାରତ !

**ନୂଆଦିଲ୍ଲୀ,(ହି.ସ.):** ପୂର୍ବତନ ଆରବିଆଇ ଗଭର୍ଣ୍ଣର ତଥା ପ୍ରଖ୍ୟାତ ଅର୍ଥନୀତିଜ୍ଞ ରଘୁରାମ ରାଜନ ଏକ ସାକ୍ଷାତକାରରେ କହିଛନ୍ତି, ମୁଁ ବହୁ ଦିନ ଧରି ଜୋର ଦେଇ କହୁଛି-ଯଦି ଆମେ ୨୦୪୭ ସୁଦ୍ଧା ବିକଶିତ ଦେଶ ହେବାକୁ ଚାହୁଁ, ତେବେ ଆମକୁ ୮, ୮.୫ ରୁ ୯% ଅଭିବୃଦ୍ଧି ଆବଶ୍ୟକ। ଏହି ମନ୍ତବ୍ୟ ଏକ ସମୟରେ ଆସିଛି ଯେତେବେଳେ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ଥାଇ ମଧ୍ୟ ଭାରତ ଶକ୍ତିଶାଳୀ ଜିଡିପି ଅଙ୍କ ପ୍ରକାଶ କରିଛି। ଆର୍ଥିକ ବର୍ଷ ୨୫ର ଚତୁର୍ଥ ତ୍ରୈମାସିକରେ ଅର୍ଥନୀତି ୭.୪% ବୃଦ୍ଧି ପାଇଥିବା ବେଳେ ପୂରା ବର୍ଷ ପାଇଁ ୬.୫% ଅଭିବୃଦ୍ଧି ହାସଲ କରିଛି-ଯାହା ଅଧିକାଂଶ ପ୍ରମୁଖ ଅର୍ଥନୀତିଗୁଡ଼ିକ ତୁଳନାରେ ଅଧିକ। ଶ୍ରୀ ରାଜନ ସ୍ୱୀକାର କରିଛନ୍ତି ଯେ ଭାରତର ବର୍ତ୍ତମାନର ୬.୫% ଅଭିବୃଦ୍ଧି ଏକ ଅତି ପ୍ରଶଂସନୀୟ ଅଭିବୃଦ୍ଧି ହାର। ବିଶେଷତଃ ନିର୍ବାଚନ ସମୟରେ ସରକାରୀ ଖର୍ଚ୍ଚ ବିଳମ୍ବ ଏବଂ ଅସ୍ଥାୟୀ ପରିସଂଖ୍ୟାନ ବିକୃତିକୁ ଦୃଷ୍ଟିରେ ରଖି। କିନ୍ତୁ ସେ ଜୋର ଦେଇ କହିଛନ୍ତି ଯେ



ଏବେ ଆତ୍ମସନ୍ତୁଷ୍ଟ ହେବାର ସମୟ ନୁହେଁ। ଏହା ଭାରତର ମୁହୂର୍ତ୍ତ ହୋଇପାରେ, କିନ୍ତୁ ଆମକୁ ଏହାକୁ ଗ୍ରହଣ କରିବାକୁ ହେବ ବୋଲି ଶ୍ରୀ ରାଜନ କହିଛନ୍ତି। ସେ ଯୁକ୍ତି ଦେଇଛନ୍ତି ଯେ ଭାରତକୁ ଉଚ୍ଚତର ଅଭିବୃଦ୍ଧି ବଜାୟ ରଖିବା ପାଇଁ ନିର୍ଣ୍ଣାୟକ ଭାବେ କାର୍ଯ୍ୟ କରିବାକୁ ହେବ-ନିବେଶ ଅନାବରଣ କରି, ଉପଭୋଗ ଆଧାରକୁ ବିସ୍ତାର କରି ଏବଂ ଦେଶୀୟ ଓ ବିଦେଶୀ ବ୍ୟବସାୟୀମାନଙ୍କୁ ଭାରତୀୟ ଅର୍ଥନୀତି ଉପରେ ଦୀର୍ଘମିଆଦି ଦାଉ ଲଗାଇବାକୁ ଆତ୍ମବିଶ୍ୱାସ ଦେବା ଦରକାର। ଶ୍ରୀ ରାଜନଙ୍କ ଅନୁଯାୟୀ, ଗତିଶୀଳତା ଉପରେ ସବୁଠାରୁ ବଡ଼ ବାଧା ହେଉଛି ବିଶ୍ୱବ୍ୟାପୀ ଅନିଶ୍ଚିତତାର ବୃଦ୍ଧି। ସେ ବିଶେଷ କରି ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ଭାବ୍ୟ ପୁନରାଗମନ ଏବଂ ଟାରିଫ ସମ୍ପର୍କିତ ଅନିଶ୍ଚିତତାକୁ ନିର୍ଦ୍ଦେଶ କରିଛନ୍ତି। କିଛି ଧୀମା ହେବାର ସମ୍ଭାବନା ରହିଛି, ସେ କହିଛନ୍ତି। ଆମେ ଏହି ବର୍ଷକୁ ଏକ ଅସାଧାରଣ ପ୍ରଦର୍ଶନ ସହିତ ଆରମ୍ଭ କରିଥିଲୁ। କିନ୍ତୁ ଆମେରିକା ଏବଂ ବିଶ୍ୱବ୍ୟାପୀ ଟାରିଫ ଅନିଶ୍ଚିତତା ଯୋଗୁଁ ସେହି ଗତି ଏବେ ହ୍ରାସ ପାଇଛି। ତଥାପି, ଶ୍ରୀ ରାଜନ କିଛି ଉଭା ହେଉଥିବା ସକାରାତ୍ମକ ଦିଗ ଉଲ୍ଲେଖ କରିଛନ୍ତି। ଯେପରି ଅନୁକୂଳ ମୌସୁମୀ ପୂର୍ବାନୁମାନ, ଯାହା କୃଷି ଉତ୍ପାଦନ ବଢ଼ାଇପାରେ, ଏବଂ ଦୀର୍ଘ ଅପେକ୍ଷିତ ଗ୍ରାମୀଣ ଚାହିଦାର ପୁନରୁତ୍ଥାନର ସଙ୍କେତ। ଆଇଏମଏଫର ସାମ୍ପ୍ରତିକ ଅନୁମାନ ଅନୁଯାୟୀ ଭାରତର ନାମମାତ୍ର ଜିଡିପି ଜାପାନକୁ ଅତିକ୍ରମ କରି ଚତୁର୍ଥ ବୃହତ୍ତମ ଅର୍ଥନୀତି ହେବ ବୋଲି ପ୍ରଶ୍ନରେ ଶ୍ରୀ ରାଜନ ଏହି ମାଇଲଷ୍ଟୋନକୁ ସ୍ୱାଗତ କରିଛନ୍ତି। କିନ୍ତୁ ଏକ ବାସ୍ତବବାଦୀ ଦୃଷ୍ଟିକୋଣ ରଖିବାକୁ ପରାମର୍ଶ ଦେଇଛନ୍ତି। ଆମେ ଏହି ଦେଶଗୁଡ଼ିକୁ ଅତିକ୍ରମ କରୁଛୁ ତାହା ଆମେ କମ କରି ଦେଖାଇବା ଉଚିତ ନୁହେଁ, ଆମେ ଆଗାମୀ କିଛି ବର୍ଷ ମଧ୍ୟରେ ଜର୍ମାନୀକୁ ମଧ୍ୟ ଅତିକ୍ରମ କରିବୁ। ହୁଏତ ୧ କିମ୍ବା ୨ ବର୍ଷ ମଧ୍ୟରେ, ସେ କହିଛନ୍ତି। କିନ୍ତୁ ସେ ସମଗ୍ର ଜିଡିପି ର୍ୟାଙ୍କିଂକୁ ପ୍ରକୃତ ଅର୍ଥନୈତିକ ଅଗ୍ରଗତି ସହ ସମାନ କରିବା ବିରୋଧରେ ସତର୍କ କରିଛନ୍ତି।

# ଏଏମ୍/ଏନ୍ଏସ୍‌ର ପ୍ରକଳ୍ପ ପାଇଁ ଆନ୍ଧ୍ର ପ୍ରଦେଶର ୨୮,୦୦୦ କୋଟି ପ୍ରୋତ୍ସାହନକୁ ଅନୀଲ ଅଗ୍ରୱାଲ୍‌ଙ୍କ ପ୍ରଶଂସା

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ ଆନ୍ଧ୍ର ପ୍ରଦେଶ ସରକାରଙ୍କ ଶିଳ୍ପଗୁଡିକୁ ପ୍ରୋତ୍ସାହନ ପ୍ରଦାନ କରିବା ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି ଏବଂ ରାଜସ୍ଥାନ, ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ ଭଳି ରାଜ୍ୟ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରି ନିବେଶ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ବୋଲି ଜଣାଇଛନ୍ତି। 'ଏକ୍ସ' (ପୂର୍ବର ଟ୍ୱିଟରରେ ଏକ ପୋଷ୍ଟରେ ଶ୍ରୀ ଅଗ୍ରୱାଲ୍ ଆନାକାପଲ୍ଲୀରେ ସ୍ଥାପନ କରାଯାଉଥିବା ସମନ୍ୱିତ ଇସ୍ପାତ କାରଖନା ପାଇଁ ଏଏମ୍/ଏନ୍ଏସ୍‌କୁ ଦିଆଯାଇଥିବା ୨୮,୦୦୦ କୋଟି ଟଙ୍କାର ପ୍ରୋତ୍ସାହନ ବିଷୟରେ



ଉଲ୍ଲେଖ କରିଛନ୍ତି। ବୃହତ୍ ଶିଳ୍ପ ପ୍ରକଳ୍ପ ହାସଲ କରିବା ପାଇଁ ବିନିର୍ମାଣ କ୍ଷେତ୍ରର ପ୍ରମୁଖ ସମସ୍ୟା ଯଥା ଜମିର ଷ୍ଟାମ୍ପ୍ ଡ୍ୟୁଟି, ଜିଏସଟି ଏବଂ ବିଦ୍ୟୁତ୍ ଓ ଜଳ ଖର୍ଚ୍ଚ ଆଦିର ସମାଧାନ କରିବାରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସାହସିକ ଏବଂ ସମୟୋପଯୋଗୀ ପଦକ୍ଷେପ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି। ଏଭଳି ଏକ ବୃହତ୍ ପ୍ରକଳ୍ପ ଏହି ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଅର୍ଥନୈତିକ କାର୍ଯ୍ୟକଳାପକୁ ବଢ଼ାଇବ ବୋଲି ସେ କହିଛନ୍ତି। ରାଜସ୍ଥାନ, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ଭଳି ଅନ୍ୟ ରାଜ୍ୟଗୁଡିକ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରି ନିବେଶ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଯେଉଁମାନେ ସବୁଠାରୁ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିବେ ସେମାନେ ସର୍ବାଧିକ ନିବେଶ ଆକର୍ଷିତ କରିପାରିବେ ବୋଲି ସେ ଲେଖିଛନ୍ତି।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ଶାଖା ଲୋକାର୍ପିତ

**କେନ୍ଦୁଝର,(ଡିକେ ନ୍ୟୁଜ୍):** ବ୍ୟାଙ୍କର ଗ୍ରାହକମାନଙ୍କୁ ଉତ୍ତମ ଗ୍ରାହକ ସେବା ଯୋଗାଇ ଆସୁଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆ, କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ଅଧିନରେ ଯାଜପୁରର କୁଆଖିଆଠାରେ ଏହାର ନୂତନ ଶାଖା ଲୋକାର୍ପିତ ହୋଇଯାଇଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ, କେନ୍ଦୁଝର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଅମିତ କୁମାର ପାଲ ଏହି ନୂତନ ଶାଖାକୁ ଉଦ୍‌ଘାଟନ କରିଥିଲେ। ଗ୍ରାହକଙ୍କୁ ହାତ ପାହାନ୍ତାରେ ଉତ୍କୃଷ୍ଟ ସେବା ଯୋଗାଇବା ତଥା ଆର୍ଥିକ, ବ୍ୟବସାୟିକ ଓ ଶିଳ୍ପଭିତ୍ତିକ ଋଣ ପ୍ରଦାନ କରି ଦେଶ ପ୍ରଗତିରେ ସାମିଲ ହେବା ଉଦ୍ଦେଶ୍ୟରେ ଏହି ଶାଖା ଖୋଲାଯାଇଛି ବୋଲି ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ପାଲ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ କ୍ଷେତ୍ର ଅଧିନସ୍ଥ କେନ୍ଦୁଝର, ଯାଜପୁର,



ଢେଙ୍କାନାଳ, ଅନୁଗୁଳ ଓ ଦେବଗଡ ଜିଲ୍ଲା ମଧ୍ୟରେ ମୋଟ୍ ୫୫ଟି ଶାଖା ରହିଥିବା ବେଳେ ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଇବାରେ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ସାରା ଦେଶରେ ସୁନାମ ଅର୍ଜନ କରିଥିବା ବେଳେ ଲୋକମାନଙ୍କ ଆର୍ଥିକ ଉନ୍ନତି ପାଇଁ ବ୍ୟାଙ୍କ ଅଫ୍ ଇଣ୍ଡିଆ ପ୍ରତିଶୃତିବଦ୍ଧ ଥିବା କଥା ଶ୍ରୀ ପାଲ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଏଲ୍‌ଡିଏମ୍ ରାଧାକାନ୍ତ ନାୟକ, କୁଆଖିଆ ଶାଖାର ଶାଖା ଅଧିକାରୀ ତୁଷାରକାନ୍ତି ପଲେଇ, ସମ୍ବିତ ରାଉତ, ରାକେଶ ପଣ୍ଡାଙ୍କ ସହିତ ସମସ୍ତ ଅଧିକାରୀ, କର୍ମଚାରୀ, କେନ୍ଦୁଝର ଆଞ୍ଚଳିକ ଶାଖା ଅଧିକାରୀ ଦେବାଶିଷ ସାହୁ, ଲକ୍ଷ୍ମୀକାନ୍ତ ବେହେରା, ସୁପ୍ରତିମ ସାହା ଏବଂ ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖିମଜୀ ଜୁଏଲର୍ସଙ୍କୁ 'ମୋଷ୍ଟ ଟ୍ରଷ୍ଟେଡ୍ ଜୁଏଲାରି ଚେନ୍ ଅଫ୍ ଦି ଇୟର' ସମ୍ମାନ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ପୂର୍ବ ଭାରତର ଗହଣା ଜଗତର ପ୍ରିୟ ନାମ ଖିମଜୀ ଜୁଏଲର୍ସ। ଏହାର ମୁକୁଟରେ ସଫଳତାର ଆଉ ଏକ ଉଜ୍ଜ୍ୱଳ ପର ଯୋଡ଼ିଛି। ପ୍ରତିଷ୍ଠିତ ଟାଇମ୍ସ ନାଓ ବିଜନେସ୍ ଏକ୍ସିଲେନ୍ସ ଆୱାର୍ଡସ୍-ଇଷ୍ଟ ୨୦୨୫ରେ ଏହି ଆଇକନିକ୍ ବ୍ରାଣ୍ଡକୁ 'ମୋଷ୍ଟ ଟ୍ରଷ୍ଟେଡ ଜୁଏଲାରି ଚେନ୍ ଅଫ୍ ଦି ଇୟର' ଭାବେ ସମ୍ମାନିତ କରାଯାଇଛି। ଏହି ଉଜ୍ଜ୍ୱଳ ପୁରସ୍କାର ସମାରୋହରେ ଖିମଜୀ ଜୁଏଲର୍ସର ସିଇଓ ରୁଚେଶ ଶାହା ବଲିଉଡ୍ ଅଭିନେତ୍ରୀ, ନିମ୍ରତ କୌରଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସନ୍ତୋଷଜନକ ସ୍ୱୀକୃତି ଖିମଜୀର ନବୀନତା, ଉତ୍କୃଷ୍ଟ ଗୁଣବତା ଏବଂ ଅତୁଳନୀୟ ଗ୍ରାହକ ସେବା ପ୍ରତି ଅତୁଟ ପ୍ରତିବଦ୍ଧତାକୁ ପାଳନ କରୁଛି। ୧୯୩୬ ମସିହାରେ ଶ୍ରୀ ଦୟାଭାଇ ଖିମଜୀଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଖିମଜୀ ଜୁଏଲର୍ସ ପ୍ରାୟ ନଅ ଦଶକ ଧରି ବିଶ୍ୱାସ ଏବଂ କାରିଗରୀରର ପରିପୂରକ ଭାବେ ପରିଚିତ ରହିଛି। ଏହାର ପାରମ୍ପରିକ, ସମସାମୟିକ ଓ ଗ୍ରହକଙ୍କ ପସନ୍ଦ ଅନୁଯାଇ ଗହଣାଗୁଡ଼ିକ ସାରା ଓଡ଼ିଶାରେ ସୁନ୍ଦରତା ଓ ବିଳାସର ନୂତନ ମାନଦଣ୍ଡ ନିର୍ଦ୍ଧାରଣ ଜାରି ରଖିଛି। ଟାଇମ୍ସ ନାଓର ଏହି ସ୍ୱୀକୃତି ପ୍ରତି କୃତଜ୍ଞତା ପ୍ରକାଶ କରି ଖିମଜୀ ଜୁଏଲର୍ସର ସିଇଓ ଶ୍ରୀ ରୁଚେଶ ଶାହା




କହିଛନ୍ତି ଯେ, ଟାଇମ୍ସ ନାଓର ଏହି ସ୍ୱୀକୃତି ଆମକୁ ଗର୍ବିତ କରିଛି। ଏହି ପୁରସ୍କାର ଆମର ଦୂରଦର୍ଶୀ ନେତୃତ୍ୱ, ଆମ ଟିମ୍ ପ୍ରତି ଅସୀମ ଆଗ୍ରହ ଏବଂ ଆମ ଗ୍ରାହକମାନଙ୍କ ବିଶ୍ୱାସର ଫଳ। ଖିମଜୀ ଜୁଏଲର୍ସରେ ଆମେ କେବଳ ଅଳଙ୍କାର ତିଆରି କରୁନାହୁଁ, ବରଂ ଆମେ ଜୀବନର ସୁନ୍ଦର ସ୍ମୃତିଗୁଡିକୁ ସଜାଇଥାଉ। ଏହି ସମ୍ମାନ ଆମକୁ ନିରନ୍ତର ନବସୃଜନ ଏବଂ ଉତ୍କୃଷ୍ଟତା ପ୍ରଦାନ କରିବାକୁ ପ୍ରେରଣା ଦେଇଛି। ଟାଇମ୍ସ ନାଓ ବିଜନେସ୍ ଏକ୍ସଲେନ୍ସ ଆୱାର୍ଡସ୍-ଇଷ୍ଟ ୨୦୨୫ ସେହି ଉଦ୍ୟୋଗଗୁଡ଼ିକ ପାଇଁ ଏକ ଉଜ୍ଜ୍ୱଳ ଚିହ୍ନ ଯେଉଁମାନେ ନବସୃଜନ, ସ୍ଥିରତା ଏବଂ ଦୂରଦର୍ଶୀ ନେତୃତ୍ୱ ମାଧ୍ୟମରେ ଶିଳ୍ପର ପୁନର୍ବିନ୍ୟାସ କରୁଛନ୍ତି।

## ଢୁମାଣୀ ଖବର
## ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

### ଅପରେସନ୍ 'ସିନ୍ଦୂର' : ୬ ନୁହେଁ ପାକିସ୍ତାନର ୯ବିମାନକୁ ମାଟିରେ ମିଶାଇଛି ଭାରତ

**ନୂଆଦିଲ୍ଲୀ,(ହି.ସ.):** ଅପରେସନ୍ ସିନ୍ଦୂରରେ ଆତଙ୍କୀସ୍ଥାନ ଶତ୍ରୁର ଅଣ୍ଟା ଭାଙ୍ଗିଛି। ଭାରତ ଅପରସେନ୍ ସିନ୍ଦୂରରେ ପାକିସ୍ତାନ ପାଣି ପିଇଛି। ପାକିସ୍ତାନର ୬ ପାୱାରଫୁଲ ଏୟାରବେସ୍ ସହିତ ୯ ବିମାନକୁ ମାଟିରେ ମିଶାଇଛି ଭାରତ ଅତ୍ୟାଧୁନିକ ଡ୍ରୋନ୍। ଅପରେସନ୍ ସିନ୍ଦୂରକୁ ନେଇ ଏହି ତାଜା ଅପଡେଟ୍ ଆସିଛି। ଜାତୀୟ ଗଣମାଧ୍ୟମରୁ ଏହି ସୂଚନା ମିଳିଛି। ଭାରତର ହମଲାରେ ପାକ୍ ଅଧିକୃତ ଜମ୍ମୁ କାଶ୍ମୀର ଏବଂ ପାକିସ୍ତାନୀ ପଞ୍ଜାବରେ ଏୟାରଷ୍ଟ୍ରାଇକରେ ୬ ପାକ୍ ଫାଇଟର ଜେଟ୍ ମାଟିରେ ମିଶିଥିବା ପୂର୍ବରୁ କୁହାଯାଉଥିଲା। ଗତ ଏପ୍ରିଲ ୨୨ରେ ଜାମ୍ମୁକାଶ୍ମୀର ପହଲଗାମ ବୈସରନ ଘାଟିରେ ଭୟଙ୍କର ଆତଙ୍କୀ ଆକ୍ରମଣ ହୋଇଥିଲା। ଦେଶକୁ ଦୋହଲାଇ ଦେଇଥିଲା ଏହି ଘଟଣା। ସ୍ତ୍ରୀଙ୍କ ଆଗରେ ଧର୍ମ ପଚାରି ସ୍ୱାମୀଙ୍କୁ ଗୁଳି କରିଥିଲେ ଆତଙ୍କୀ। ୨୬ ଜଣ ନିରୀହ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଥିଲା।

### ଗୁପ୍ତଚର ସନ୍ଦେହରେ ପୁଣି ଜଣେ ୟୁଟ୍ୟୁବର୍ ଗିରଫ: ଜ୍ୟୋତିଙ୍କ ସହିତ ଥିଲା ବଡ଼ ଲିଙ୍କ୍

**ନୂଆଦିଲ୍ଲୀ,(ହି.ସ.):** ଜ୍ୟୋତିଙ୍କ ପରେ ଆଉ ଜଣେ ୟୁଟ୍ୟୁବର ଗିରଫ। ପଞ୍ଜାବର ଜଣେ ୟୁଟ୍ୟୁବରଙ୍କୁ ଗୁପ୍ତଚର ସନ୍ଦେହରେ ଗିରଫ କରିଛି ପୁଲିସ୍। ଭାରତରେ ରହି ପାକିସ୍ତାନ ପାଇଁ ଗୁପ୍ତଚର ସାଜିଥିବା ଅନେକ ଜଣଙ୍କୁ ପୂର୍ବରୁ ପୁଲିସ୍ ଗିରଫ କରିଛି। ସେମାନଙ୍କ ମଧ୍ୟରେ କିଛି ୟୁଟ୍ୟୁବର୍ ବି ଅଛନ୍ତି। ପଞ୍ଜାବ ପୁଲିସ ଆଉ ଜଣେ ୟୁଟ୍ୟୁବର ଜସବୀର ସିଂହଙ୍କୁ ଗିରଫ କରିଛି। ଜସବୀର ପଞ୍ଜାବର ରୂପନଗର ଜିଲ୍ଲା ମହଲାନ ଗାଁର ବାସିନ୍ଦା। ଭାରତ



ସହ ବିଶ୍ୱାସଘାତକତା କରିବା ଅଭିଯୋଗରେ ଗିରଫ କରାଯାଇଛି। ତାଙ୍କ ଚ୍ୟାନେଲର ନାଁ ଜାନ ମହଲ୍ ଏବଂ ତାଙ୍କର ୧.୧ ମିଲିୟନରୁ ଅଧିକ ସବସ୍କ୍ରାଇବର୍ ଅଛନ୍ତି। କୁହାଯାଉଛି ଯେ, ଜସବୀର ସିଂହଙ୍କର ଜ୍ୟୋତି ମାଲହୋତ୍ରାଙ୍କ ସହିତ ମଧ୍ୟ ସମ୍ପର୍କ ଅଛି। ଗୁପ୍ତଚର ସୂଚନା ଆଧାରରେ ମୋହାଲିର ଷ୍ଟେଟ୍ ସ୍ପେଶାଲ୍ ଅପରେସନ୍ସ ସେଲ୍ ଦ୍ୱାରା ହେପାଜତକୁ ନିଆଯାଇଛି। ପଞ୍ଜାବ ପୋଲିସର ଡିଜିପିଙ୍କ ଅନୁଯାୟୀ, ଜସବୀର ସିଂହଙ୍କର ଅନେକ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି (ପିଆଇଓ)ଙ୍କ ସହିତ ସମ୍ପର୍କ ଥିଲା। ଯେଉଁମାନେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କ ପାଇଁ କାମ କରୁଥିବା ସନ୍ଦେହ କରାଯାଉଛି। ଜସବୀର ସିଂହ ଏହସାନ-ଉର-ରହିମ ଓରଫ ଡାନିଶଙ୍କ ସହିତ ସମ୍ପର୍କ ବଜାୟ ରଖିଥିଲେ। ଯିଏ ଜଣେ ପାକିସ୍ତାନୀ ନାଗରିକ ଏବଂ ଦିଲ୍ଲୀରେ ପାକିସ୍ତାନ ହାଇକମିସନର ପୂର୍ବତନ ଅଧିକାରୀ ଥିଲେ। ଯାହାଙ୍କୁ ପୂର୍ବରୁ ଗୁପ୍ତଚର ଅଭିଯୋଗରେ ବହିଷ୍କାର କରାଯାଇଥିଲା। ଅଧିକାରୀମାନେ କହିଛନ୍ତି ଯେ ତାଙ୍କ ଇଲେକ୍ଟ୍ରୋନିକ୍ ଡିଭାଇସଗୁଡ଼ିକର ଫରେନସିକ୍ ବିଶ୍ଳେଷଣରୁ ଅନେକ ପାକିସ୍ତାନ-ଭିତ୍ତିକ ଯୋଗାଯୋଗ ନମ୍ବର ପ୍ରକାଶ ପାଇଛି। ଯାହା ଏବେ ତଦନ୍ତାଧୀନ। ମିଡିଆ ରିପୋର୍ଟ ଅନୁଯାୟୀ, ଜସବୀର ସିଂହ ପାକିସ୍ତାନୀ ଗୁପ୍ତଚର ଅଧିକାରୀ ଶାକିର ଓରଫ ଜୁଟ୍ ରନ୍ଧାୱାଙ୍କ ସହିତ ମଧ୍ୟ ଘନିଷ୍ଠ ସମ୍ପର୍କ ରଖିଥିଲେ। ଯିଏକି ଆଇଏସ୍ଆଇ ପାଇଁ କାର୍ଯ୍ୟ କରୁଥିବା ସନ୍ଦେହ କରାଯାଉଛି। କେବଳ ଏତିକି ନୁହେଁ, ସେ ତିନିଥର ପାକିସ୍ତାନ ଯାତ୍ରା ମଧ୍ୟ କରିଛନ୍ତି। ସେ ୨୦୨୦ ମସିହାରେ ପ୍ରଥମ ଥର ପାଇଁ ପାକିସ୍ତାନ ଯାଇଥିଲେ। ଏହା ପରେ ସେ ୨୦୨୧ ଏବଂ ୨୦୨୪ ମସିହାରେ ମଧ୍ୟ ପାକିସ୍ତାନ ଯାତ୍ରା କରିଥିଲେ। ପୋଲିସ ଅନୁଯାୟୀ, ମେ ମାସରେ ଜ୍ୟୋତି ମାଲହୋତ୍ରାଙ୍କୁ ଗିରଫ କରିବା ସମୟରେ ଜସବୀର ପିଆଇଓଙ୍କ ସହିତ ତାଙ୍କର ସମସ୍ତ ଯୋଗାଯୋଗ ବିଷୟବସ୍ତୁ ଏବଂ ପ୍ରମାଣକୁ ମଧ୍ୟ ହଟାଇ ଦେବାକୁ ଚେଷ୍ଟା କରିଥିଲେ। ଯାହା ଫଳରେ ସେ ପୋଲିସ କାର୍ଯ୍ୟାନୁଷ୍ଠାନରୁ ବଞ୍ଚିପାରିବେ। ଏହି ପ୍ରସଙ୍ଗରେ, ମୋହାଲିର ଏସଏସଓସିରେ ଏହି ମାମଲାରେ ଏକ ମାମଲା ରୁଜୁ କରାଯାଇଛି। ବର୍ତ୍ତମାନ, ପୋଲିସ ସମ୍ପୂର୍ଣ୍ଣ ମାମଲାର ତଦନ୍ତ କରୁଛି। ପଞ୍ଜାବ ପୋଲିସର ଡିଜିପି କହିଛନ୍ତି ଯେ ଗୁପ୍ତଚର ନେଟୱାର୍କର ପରିମାଣ ଖୋଜିବା ଏବଂ ଅତିରିକ୍ତ ସହଯୋଗୀମାନଙ୍କୁ ଚିହ୍ନଟ କରିବା ପାଇଁ ଏକ ବିସ୍ତୃତ ତଦନ୍ତ ଚାଲିଛି। ଡିଜିପି କହିଛନ୍ତି, ପଞ୍ଜାବ ପୋଲିସ ଜାତୀୟ ସୁରକ୍ଷାକୁ ରକ୍ଷା କରିବା ପାଇଁ ଦୃଢ଼ ପ୍ରତିବଦ୍ଧ ଏବଂ ଆମ ମାଟିରେ ଜାତୀୟ ବିରୋଧୀ ତତ୍ତ୍ୱଗୁଡ଼ିକୁ ବୃଦ୍ଧି କରିବାକୁ ଦେବ ନାହିଁ।

### ବିପର୍ଯ୍ୟୟ ବିପଦ ହ୍ରାସ ବୈଠକରେ ଭାରତର ପ୍ରତିବଦ୍ଧତାକୁ ଦୋହରାଇଲେ ଡକ୍ଟର ପି.କେ.ମିଶ୍ର




**ନୂଆଦିଲ୍ଲୀ,(ହି.ସ.):** ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ଜେନେଭା ଠାରେ ଅଷ୍ଟମ ବୈଶ୍ୱିକ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର ଯୋଗ ଦେଇ ବିପର୍ଯ୍ୟୟ ପ୍ରଶମନ ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ଅନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେ ନରୱେର ଅନ୍ତର୍ଜାତୀୟ ବିକାଶ ଉପମନ୍ତ୍ରୀ ସୁଶ୍ରୀ ଷ୍ଟାଇନ ରେନେଟ ହେହିମଙ୍କ ସହ ସଫଳ ଆଲୋଚନା କରିଛନ୍ତି। ଡକ୍ଟର ପି.କେ ମିଶ୍ର ଏହି ମଞ୍ଚର ଉଦ୍‌ଘାଟନୀ ସମାରୋହରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ସେ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ସ୍ଥିତିସ୍ଥାପକତା-ନିର୍ମାଣ ପ୍ରତି ଭାରତର ସକ୍ରିୟ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହା ଏକ ସୁରକ୍ଷିତ ଏବଂ ଅଧିକ ନମନୀୟ ଭବିଷ୍ୟତ ପାଇଁ ଭାଗିଦାରୀକୁ ମଜବୁତ କରିବା ପାଇଁ ଭାରତର ସମର୍ପଣକୁ ସୁଦୃଢ଼ କରିଥିଲା।

## ରାଜସ୍ୱ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ଅଧିକାରୀଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ ଟାସ୍କ

**ଭୁବନେଶ୍ୱର,(ହି.ସ.):** ରାଜସ୍ୱ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ଅଧିକାରୀଙ୍କୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଟାସ୍କ। ସମ୍ମିଳନୀରେ ସେ କହିଛନ୍ତି ଯେ, ଲୋକଙ୍କୁ ଦିଅ ଭିଆଇପି ସେବା। ତହସିଲ ଅଫିସକୁ ପିପୁଲ ଫ୍ରେଣ୍ଡଲି କରିବାକୁ ସେ କହିଛନ୍ତି । ଏହାସହିତ ବ୍ୟବହାରରେ ଲୋକଙ୍କୁ ଆପାୟିତ କରିବାକୁ ମଧ୍ୟ ସେ କହିଛନ୍ତି । ମ୍ୟାଚ ନୁହେଁ ଟୁର୍ଣ୍ଣାମେଣ୍ଟ ଜିତିବାକୁ ହେବ। ଓଡିଶା ଭିଜନ ଡକ୍ୟୁମେଣ୍ଟକୁ ସଫଳ କରିବାକୁ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ, କୌଣସି ତହସିଲରେ ଗୋଟିଏ ଭୂମି ହୀନ ଲୋକ ରହିବେନି। ବିସ୍ଥାପିତ ସମସ୍ୟାର ସମାଧାନ, ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାର, ପଡାକୁ ରାଜସ୍ୱ ଗ୍ରାମ୍ୟ ମାନ୍ୟତା,ଏହା ସହ ରାଜ୍ୟର ଭୂମିକୁ ସୁରକ୍ଷା ସରକାରଙ୍କ ଏହି ସଂକଳ୍ପକୁ ପୂର୍ଣ୍ଣ କରିବାକୁ ଆହ୍ୱାନ ଦେଇଛନ୍ତି ମନ୍ତ୍ରୀ। ସେ କହିଛନ୍ତି ୫୧ ଟି ବିଭାଗର ମେରୁଦଣ୍ଡ ରାଜସ୍ୱ ବିଭାଗ। ପିପୁଲ ଫ୍ରେଣ୍ଡଲି ତହସିଲ କେମିତି ଦେବାକୁ ସେ କହିଛନ୍ତି। ଡିମାର୍କେସନ ପାଇଁ ମାଲକାନଗିରିରୁ ମୋ ପାଖକୁ ଲୋକ ଆସୁଛନ୍ତୁ। କିନ୍ତୁ ଏବେ ସଂଖ୍ୟା କମିଲାଣି। ରାଜସ୍ୱ ସେବା ତଳୁ ପାଇବା ଆରମ୍ଭ ହେଲାଣି। ଯେବେ ମୋ ପାଖକୁ ଲୋକ ଆସିବା ବନ୍ଦ କରିଦେବେ ଜାଣିବି ରାଜସ୍ୱ ସେବା ଠିକ ବାଟରେ ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି ।

## ୮୨୬ ପିଜିଟି ଶିକ୍ଷକ ପଦବୀ ପୂରଣ କରିବେ ରାଜ୍ୟ ସରକାର

**ଭୁବନେଶ୍ୱର,(ହି.ସ.):** ୮୨୬ ପିଜିଟି ଶିକ୍ଷକ ପଦବୀ ପୂରଣ କରିବେ ରାଜ୍ୟ ସରକାର। ଆସନ୍ତା ୬ ତାରିଖ ନିଯୁକ୍ତି ପତ୍ର ବାଣ୍ଟିବେ ମୁଖ୍ୟମନ୍ତ୍ରୀ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ନୂଆ ସରକାର ଆସୁ ଆସୁ ପ୍ରାୟ ୧୬ ହଜାର କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା । ଏହାପରେ ଆହୁରି ୨ ହଜାର ନିଯୁକ୍ତି ପତ୍ର ଦିଆଯାଇଛି । ଆସନ୍ତା ୬ ତାରିଖରେ ମୁଖ୍ୟମନ୍ତ୍ରୀ ୮୨୬ ପିଜିଟି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ । ନିଯୁକ୍ତି ଏକ ନିରନ୍ତର ପ୍ରକ୍ରିୟା । ସରକାର ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଚେଷ୍ଟା କରୁଛନ୍ତି । ଖୁବଶୀଘ୍ର ଏହା ପୂରଣ ହେବ । ଏହାସହ ଯାହା ଅସୁବିଧା ଅଛି ତାକୁ ତର୍ଜମା କରାଯାଇ ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ଉତ୍କର୍ଷ ନିମାପଡା କନ୍‌କ୍ଲେଭର ଶୁଭାରମ୍ଭ

## କଠିନ ପରିଶ୍ରମକୁ ସମ୍ମାନ ଜଣାଇବାକୁ ରାଜ୍ୟପାଳଙ୍କ ଆହ୍ୱାନ




**ଭୁବନେଶ୍ୱର/ପୁରୀ,(ଡିକେ ନ୍ୟୁଜ):** ଆଜି ଠାରୁ ନିମାପଡା ନୂତନ ବାରବାଟୀ ପଡିଆ ଇଣ୍ଡୋର ଷ୍ଟାଡିୟମ ଠାରେ ଦୁଇ ଦିନିଆ ଉତ୍କର୍ଷ ନିମାପଡା କନକ୍ଲେଭ ୨୦୨୫ର ଶୁଭାରମ୍ଭ ହୋଇଛି। ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିବା ସହ ଉତ୍କର୍ଷ ନିମାପଡା ୱେବସାଇଟର ଅନାବରଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ନିଜ ବକ୍ତବ୍ୟରେ ଉତ୍କର୍ଷ ନିମାପଡା ଏକ ସ୍ୱତନ୍ତ୍ର ତଥା ଦୂରଦୃଷ୍ଟି ସଂପନ୍ନ ଯୋଜନା ବୋଲି କହିଥିଲେ। ଏହା ନିମାପଡା ଅଞ୍ଚଳର ସାମଗ୍ରିକ ବିକାଶ ଓ ସାମୂହିକ ପ୍ରଗତିରେ ସହାୟକ ହେବ ବୋଲି କହିଥିଲେ। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ପ୍ରଭାବଶାଳୀ ନେତୃତ୍ୱ ଏହାକୁ ସାକାର କରିଥିବାରୁ ରାଜ୍ୟପାଳ ତାଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ ନିମାପଡାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସଂସ୍କୃତି, ସଂଗ୍ରାମ, ଆଧ୍ୟାତ୍ମିକତା ଶକ୍ତିରେ ଏହା ଭରପୁର। କୋଣାର୍କ ମନ୍ଦିର, ଚନ୍ଦ୍ରଭାଗା ଓ ଅସ୍ତରଙ୍ଗର ବେଳାଭୂମି, କାକଟପୁର ମା' ମଙ୍ଗଳା ମନ୍ଦିର ନିମାପଡା ଅଞ୍ଚଳର ପବିତ୍ର ସ୍ଥାନ। ଆଜିର ଏହି କନକ୍ଲେଭ ଏକ ମହାପର୍ବ। ଯାହା ନିମାପଡାକୁ ଏକ ନୂଆ ଦିଶା ଓ ଜାଗରଣ ଦେବ। ପ୍ରତିଭାର ଉନ୍ମେଷ କରିବ। ଏହି ଜାଗରଣ ଦ୍ୱାରା ବିକାଶ ତ୍ୱରାନ୍ୱିତ ହେବ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୪୭କୁ ସାକାର କରିବାରେ ଏହି କନକ୍ଲେଭ ଉପାଦେୟ ସାବ୍ୟସ୍ତ ହେବ। କଠିନ ପରିଶ୍ରମକୁ ଆମେ ସମ୍ମାନ ଦେବା। ଜନସାଧାରଣ, କୃଷକ ଆମର ଶକ୍ତି। ମହିଳାମାନେ ଆମ ସମ୍ବଳ, ଯୁବ ଶକ୍ତି ଆମ ସାମର୍ଥ୍ୟ। ଯାହାକୁ ବିନିଯୋଗ କରି ଆମେ ସଫଳ ହେବା। ନିମାପଡା ଗୋପର ସର୍ବାଙ୍ଗୀନ ବିକାଶ ପାଇଁ ସମ୍ମିଳିତ ଉଦ୍ୟମ କରିବା ବୋଲି ରାଜ୍ୟପାଳ ମତ ଦେବା ସହ କନକ୍ଲେଭର ସଫଳତା କାମନା କରିଥିଲେ। ଏଥିରେ ଅଧକ୍ଷତା କରି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଏହି କନକ୍ଲେଭ ଏକ ଜାଗରଣ। ନିମାପଡ଼ା ବିକାଶରେ ଏହା ସହାୟକ ହେବ ବୋଲି ସେ କହିଥିଲେ। ଏହି କନକ୍ଲେଭ ମାଧ୍ୟମରେ ବିଭିନ୍ନ ବିଭାଗର କାର୍ଯ୍ୟ ଖସଡାକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟରେ ଏକ ଫଳପ୍ରସୂ ଆଲୋଚନା କରାଯାଇ ତାହାର ନିର୍ଯ୍ୟାସ ଆଧାରରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ। ଯାହାକୁ ଆଧାର କରି ୨୦୩୬ ସୁଦ୍ଧା ବିକଶିତ ଓଡିଶା ପାଇଁ ନିମାପଡା ଏକ ସମୃଦ୍ଧ ଶକ୍ତି ଭାବେ ଉପସ୍ଥାପିତ ହୋଇପାରିବ। ଏଥିପାଇଁ ସମସ୍ତଙ୍କ ସହଭାଗିତା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଅନୁରୋଧ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ଲୋକସଭା ସାଂସଦ ବିଭୂପ୍ରସାଦ ତରାଇ କହିଥିଲେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଯେତିକି ଜରୁରୀ ବିକଶିତ ଓଡ଼ିଶା ପାଇଁ ସମସ୍ତ ଅଞ୍ଚଳର ବିକାଶ ସେତିକି ଜରୁରୀ। ଏହି କନକ୍ଲେଭ ମାଧ୍ୟମରେ ନିମାପଡା ବିକଶିତ ହେବାର ଭିତ୍ତିଭୂମି ସୁଦୃଢ ହୋଇଛି ଯାହାର ଶ୍ରେୟ ଉପ ମୁଖ୍ୟମନ୍ତ୍ରୀଙ୍କୁ ଯିବ ବୋଲି ସେ କହିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ। ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ମିଶନ ଶକ୍ତି ନିର୍ଦ୍ଦେଶକ ମୋନିକା ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷାରେ ସଫଳ ହୋଇଥିବା ପ୍ରତିଯୋଗୀ, ଅନ୍ୟାନ୍ୟ କ୍ଷେତ୍ରରେ ସଫଳ ହୋଇଥିବା ବ୍ୟକ୍ତି ବିଶେଷ, ଲକ୍ଷ ପତି ଦିଦିମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ନିମାପଡା ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳ ପିଏମଶ୍ରୀ ନିମାପଡା ଉଚ୍ଚ ବିଦ୍ୟାଳୟ ପରିସରରେ ଯବାନମାନଙ୍କ ସମ୍ମାନାର୍ଥେ ଏକ ପେଡ ସେନା କେ ନାମ ଆଧାରରେ ଚାରା ରୋପଣ କରିଥିଲେ। ପରେ ସୁଭଦ୍ରା ଶକ୍ତି ମେଳାର ଉଦଘାଟନ କରିଥିଲେ। ଏହା ପରେ ଆରମ୍ଭ ହୋଇଥିଲା ଆଲୋଚନାଚକ୍ର । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର ଓ ଉପ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅଧିକାରୀ ମନୋଜ କୁମାର ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

## କିମ୍ସରେ ଅସ୍ଥି ମଜ୍ଜା ସଫଳ ପ୍ରତିରୋପଣ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** କିମସରେ ହେମୋଫାଗୋସାଇଟିକ୍ ଲିମ୍ଫୋହିଷ୍ଟିଓସାଇଟୋସିସ୍ ରୋଗରେ ପୀଡ଼ିତ ଜଣେ ୧୭ ବର୍ଷୀୟା ରୋଗୀଙ୍କଠାରେ ଏକ ବିରଳ ଆଲୋଜେନିକ୍ ଅସ୍ଥି ମଜ୍ଜା ପ୍ରତିରୋପଣ ସଫଳତାର ସହ କରାଯାଇଛି। ଏହା ଏକ ବିରଳ ବଂଶାନୁକ୍ରମିକ ରକ୍ତ ଜନିତ ରୋଗ। ବହୁ ପରୀକ୍ଷା ପରେ କିମ୍ସର ବିଶେଷଜ୍ଞମାନେ ଏହା ଏକ ବଂଶାନୁକ୍ରମିକ ରକ୍ତ ଜନିତ ହେମୋଫାଗୋସାଇଟିକ୍ ଲିମ୍ଫୋହିଷ୍ଟିଓସାଇଟୋସିସ୍ ରୋଗ ବୋଲି ଜାଣି ପାରିଥିଲେ। ଏହାର ଉପଶମ ପାଇଁ ଅସ୍ଥି ମଜ୍ଜା ପ୍ରତିରୋପଣ ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ପରେ କିମ୍ସ ବିଶେଷଜ୍ଞମାନେ ଏଭଳି ବିରଳ ଆଲୋଜେନିକ୍ ଅସ୍ଥି ମଜ୍ଜା ପ୍ରତିରୋପଣ ସଫଳତାର ସହ କରିପାରିଛନ୍ତି। ଅସ୍ଥି ମଜ୍ଜା ପ୍ରତିରୋପଣ ପାଇଁ ନିଷ୍ପତ୍ତି ନିଆଯିବା ପୂର୍ବରୁ ସେ ଛଅ ମାସ ଧରି କର୍କଟ କେମୋଥେରାପି ନେଉଥିଲେ। ସାଧାରଣତଃ ଏହି ପ୍ରକ୍ରିୟାରେ ଜଣେ ସୁସ୍ଥ ଡୋନୋରଙ୍କଠାରୁ ଅସ୍ଥି ମଜ୍ଜା ନିଆଯାଇ ଆକ୍ରାନ୍ତ ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଥାଏ। କିମ୍ସରେ ଡୋନୋର ଥିଲେ ରୋଗୀଙ୍କ ନିଜ ଭାଇ। ରୋଗଟି ବିରଳ ଓ ଜଟିଳ ଥିବାରୁ ପ୍ରତିରୋପଣ ଚ୍ୟାଲେଞ୍ଜିଂ ଥିଲା, କିନ୍ତୁ କିମସ ବିଶେଷଜ୍ଞ ଦଳ ଦ୍ୱାରା ଏହା ସଫଳତାର ସହିତ କରାଯାଇଥିଲା। କିମସ ହେମାଟୋଲୋଜି ବିଭାଗର ଡା ବିଶ୍ୱଜିତ ଭୂୟାଁ ଏବଂ ଶିଶୁ ହେମାଟୋଲୋଜି ବିଭାଗର ଡା ପଳାଶ ଦାସଙ୍କ ନେତୃତ୍ୱରେ ଏହି ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, କିମ୍ସ ହେମାଟୋଲୋଜି ବିଭାଗ ନିରନ୍ତର ରକ୍ତ କର୍କଟ ଏବଂ ଅନ୍ୟାନ୍ୟ ରକ୍ତ ଜନିତ ରୋଗୀଙ୍କ ଚିକିତ୍ସା କରିଆସୁଛି। କିମ୍ସରେ ଅତ୍ୟାଧୁନିକ ସୁବିଧା ସହିତ ସୁଲଭ ମୂଲ୍ୟରେ ଉନ୍ନତ ଚିକିତ୍ସା ପ୍ରଦାନ କରାଯାଉଛି। ଏହି ସଫଳତା ପରେ ଓଡ଼ିଶାର ରୋଗୀମାନଙ୍କ ପାଇଁ ନୂତନ ଆଶା ସୃଷ୍ଟି ହୋଇଛି। ପୂର୍ବରୁ ଏପରି ଉନ୍ନତ ଚିକିତ୍ସା ପାଇଁ ରୋଗୀମାନଙ୍କୁ ଅନ୍ୟ ରାଜ୍ୟକୁ ଯିବାକୁ ପଡୁଥିଲା କିମ୍ସରେ ଏହାର ସଫଳ ଚିକିତ୍ସା ହୋଇପାରୁଥିବାରୁ ଏଣିକି ରୋଗୀମାନଙ୍କୁ ଆଉ ବାହର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ ବୋଲି ଡ଼ାକ୍ତରମାନେ ପ୍ରକାଶ କରିଛନ୍ତି। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଏଥିରେ ସଂପୃକ୍ତ ଡାକ୍ତରୀ ଦଳକୁ ପ୍ରଶଂସା କରିଛନ୍ତି। ଏହା ସହ ସେ ରୋଗୀଙ୍କ ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରିଛନ୍ତି।

### ବର୍ଷା ଋତୁରେ ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ବୈଠକ

## ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ଅପରାହ୍ଣରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍‌ଙ୍କ ଉପସ୍ଥିତିରେ ବର୍ଷାଋତୁରେ ଦେଖା ଦେଉଥିବା ବିଭିନ୍ନ ସଂକ୍ରାମକ ରୋଗ ପାଇଁ ପ୍ରତିକାରାତ୍ମକ ପଦକ୍ଷେପ ସଂପର୍କରେ ସମୀକ୍ଷା କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶାରେ ବର୍ଷା ଋତୁ ଆଗୁଆ ପ୍ରବେଶ କରିଥିବାରୁ ସମୟ ସମୟରେ ବର୍ଷା ଜାରି ରହିଛି। ଯାହା ଫଳରେ ମ୍ୟାଲେରିଆ, ଡେଙ୍ଗୁ, ଜଣ୍ଡିସ, ହଇଜା ଆଦି ସଂକ୍ରାମକ ରୋଗ ବଢ଼ିବାର ସମ୍ଭାବନା ରହିଛି। ସବୁ ରୋଗକୁ ପ୍ରତିହତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ମହାନଗର ନିଗମ ଏବଂ ରାଜ୍ୟର ଡେଙ୍ଗୁ ପ୍ରବଣ ଅଞ୍ଚଳଗୁଡିକ ଚିହ୍ନଟ କରି ସେସବୁ ସ୍ଥାନରେ ମଶା ନିୟନ୍ତ୍ରଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜାରି ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମ୍ୟାଲେରିଆ ପ୍ରବଣ ଜିଲ୍ଲାଗୁଡିକରେ ଔଷଧ ସିଞ୍ଚିତ ମଶାରୀ, କୀଟନାଶକ ଅବଶେଷାଂଶ ସ୍ପ୍ରେ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଜଳବାହିତ ରୋଗର ପ୍ରତିରୋଧ କରିବା ପାଇଁ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳର ବ୍ୟବହାର, ଜଳ ଉତ୍ସଗୁଡିକର ବିଶୋଧନ ଏବଂ ବୁଲା ବିକାଳିମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଗାଁରୁ ଆରମ୍ଭ କରି ସହର ଯାଏଁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷା ଦିନେ ଥଣ୍ଡା, କାଶ ଜନିତ ରୋଗରୁ ରକ୍ଷା ପାଇବା ପାଇଁ ଜନସାଧାରଣ ସ୍ୱାସ୍ଥ୍ୟ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି। ବୟସ୍କ ଏବଂ ଅନ୍ୟ ବିଭିନ୍ନ ରୋଗରେ ପଡି ଶରୀରର ରୋଗ ପ୍ରତିରୋଧକ ଶକ୍ତି କମୁଥିବା ଲୋକମାନଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ବୈଠକରେ ଓଡ଼ିଶାରେ କୋଭିଡ ସ୍ଥିତି ସଂପର୍କରେ ଅନୁଧ୍ୟାନ ଓ ଆଲୋଚନା କରାଯାଇଥିଲା। ଭାରତର ଅନ୍ୟାନ୍ୟ ରାଜ୍ୟ ମାନଙ୍କରେ ଯଦିଓ କୋଭିଡ ସଂଖ୍ୟା ସାମାନ୍ୟ ବୃଦ୍ଧି ଘଟିଛି, ଓଡ଼ିଶାରେ କିନ୍ତୁ ସ୍ଥିତି ନିୟନ୍ତ୍ରଣାଧିନ ରହିଥିବା ବୈଠକରୁ ଜଣାଯାଇଛି। ଗତ ୭ ଦିନ ମଧ୍ୟରେ ଓଡ଼ିଶାରେ କରାଯାଇଥିବା ପରୀକ୍ଷା ମଧ୍ୟରେ ୫୪୬ ଟି ନମୁନା ମଧ୍ୟରୁ ଆଜି ସୁଦ୍ଧା ମାତ୍ର ୨୩ ଜଣଙ୍କ ଠାରେ କୋଭିଡ ଭୂତାଣୁ ଚିହ୍ନଟ କରାଯାଇଥିଲା ଏବଂ ତନ୍ମଧ୍ୟରୁ ୪ ଜଣ ବର୍ତ୍ତମାନ ସୁଦ୍ଧା ସୁସ୍ଥ ହୋଇଛନ୍ତି। ଅନ୍ୟ ୧୯ ଜଣ ଘରେ ଚିକିତ୍ସିତ ନେଉଛନ୍ତି ଏବଂ କୌଣସି ରୋଗୀ ଗୁରୁତର ନାହାନ୍ତି। ଆଇସିଏମଆର ଗତ କାଲି ଦେଇଥିବା ବିବରଣୀ ଅନୁସାରେ ଏ ସମସ୍ତ ଭୂତାଣୁ ଜନିତ ସଂକ୍ରମଣ ଓମିକ୍ରନ୍ ଭୂତାଣୁର ଉପ ପ୍ରଜାତି ଏବଂ ଏହା କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେନାହିଁ। କେବଳ ଯେଉଁମାନେ ପୂର୍ବରୁ ଦୀର୍ଘଦିନ ଧରି ବିଭିନ୍ନ ଜଟିଳ ରୋଗରେ ପୀଡ଼ିତ ଅଛନ୍ତି ବା ସେମାନଙ୍କର କୋମର୍ବିଡିଟି ରହିଛି, ସେ କ୍ଷେତ୍ରରେ ସେମାନଙ୍କୁ ସ୍ୱାସ୍ଥ୍ୟଗତ ସାବଧାନତା ଅବଲମ୍ବନ କରିବା ପାଇଁ ଆଇସିଏମଆର ତରଫରୁ ପରାମର୍ଶ ଦିଆଯାଇଛି।

## ରାଷ୍ଟ୍ରୀୟ ସେବିକା ସମିତିର ପ୍ରାନ୍ତୀୟ ଶିକ୍ଷା ବର୍ଗ ସମାରୋହ ଉତ୍ସବ




**ଭୁବେଶ୍ୱର,(ଡିକେ ନ୍ୟୁଜ):** ରାଷ୍ଟ୍ର ସେବିକା ସମିତି, ଓଡ଼ିଶା ପ୍ରାନ୍ତର ପ୍ରବେଶ-ପ୍ରବୋଧ ଶିକ୍ଷା ବର୍ଗ-୨୦୨୫ ସମାରୋପ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଚକେଇସିଆଣିଠାରେ ଅବସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତି ପରିସରରେ ଅନୁଷ୍ଠିତ ଏହି ଉଦଯାପନୀ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶିକ୍ଷାର୍ଥିନୀମାନଙ୍କର ମନୋବଳ ବଢ଼ାଇବା ସହ ପ୍ରେରଣାଦାୟୀ ଅଭିଭାଷଣ ରଖିଥିଲେ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଜାଲିନ ସ୍ୱାଇଁ, ବରିଷ୍ଠ ବୈଷୟିକ ଅଧିକାରୀ, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, ମୁଖ୍ୟ ବକ୍ତା ଭାବେ ସନ୍ଧ୍ୟା ତାଇ ଟିପ୍ରେ, ଅଖିଳ ଭାରତୀୟ ସେବା ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ। ତାଙ୍କ ସହିତ ଭବଦୀୟା ସୁଶ୍ରୀ ଇପସିତା ରଣା, ବର୍ଗାଧିକାରୀ, ବୈଦ୍ୟା କବିତା ରଥ ଏବଂ ଆରତି ବୈଶାଖ, ପ୍ରାନ୍ତ କାର୍ଯ୍ୟବାହିକା ସଭା ମଣ୍ଡନ କରିଥିଲେ। ରାଷ୍ଟ୍ରସେବିକା ସମିତି, ଓଡ଼ିଶା ପ୍ରାନ୍ତ ପ୍ରତ୍ୟେକ ବର୍ଷ ଏହି ୧୭ ଦିନିଆ ବର୍ଗର ଆୟୋଜନ କରି ଆସୁଛି। ଏଥର ଏହି ବର୍ଗ ଗତ ମେ ୧୭ ତାରିଖରୁ ଆରମ୍ଭ ହୋଇ ଜୁନ ୨ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି ବର୍ଗରେ ପ୍ରାନ୍ତର ୨୨ଟି ଜିଲ୍ଲାରୁ ମୋଟ ୧୩୩ ଜଣ ଶିକ୍ଷାର୍ଥିନୀ ଯୋଗ ଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ଦେଶ ଗଠନରେ କପରି ସାହାଯ୍ୟକାରୀ ହୋଇପାରିବେ ସେହି ସେ ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ବର୍ଗରେ ମୋଟ ୧୨ ଜଣ ଶିକ୍ଷିକା ଶିକ୍ଷା ପ୍ରଦାନ କରିବା ସହ ୪ ଜଣ ଅଖିଳ ଭାରତୀୟ ଅଧିକାରୀ ଏବଂ ୧୦ ଜଣ ପ୍ରାନ୍ତୀୟ ଅଧିକାରୀ ଯୋଗଦାନ କରି ବୌଦ୍ଧିକ ବିକାଶ ମାଧ୍ୟମରେ ମାର୍ଗ ଦର୍ଶନ କରିଛନ୍ତି। ଏତଦ୍ ବ୍ୟତୀତ ୩୦ ଜଣ ପ୍ରବନ୍ଧିକାଙ୍କ ସହାୟତାରେ କାର୍ଯ୍ୟକ୍ରମ ସମ୍ପାଦିତ। ଏହି ବର୍ଗରେ ଶିକ୍ଷାର୍ଥିନୀମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ, ଆତ୍ମିକ ତଥା ନୈତିକ ବିକାଶ ଦିଗରେ ପାଠ୍ୟକ୍ରମ ସବୁ ପ୍ରସ୍ତୁତ କରାଯାଇ ଶିକ୍ଷା ପ୍ରଦାନ କରାଯାଏ। ଶାରୀରିକ ଦକ୍ଷତା ବୃଦ୍ଧି ପାଇଁ ଯୋଗାସନ, ଡଣ୍ଡ, ଯାଷ୍ଟି, ନିୟୁଦ୍ଧ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଇଛି। ବୌଦ୍ଧିକରେ ରାଷ୍ଟ୍ରର ସ୍ୱାଭିମାନ, ପରମ୍ପରା ଓ ଅସ୍ମିତା, ଧର୍ମ ତଥା ଦେଶଭକ୍ତି ବିଷୟକ ବିଭିନ୍ନ ବିଷୟ ରଖାଯାଇ ପିଲାମାନଙ୍କୁ ପ୍ରେରଣା ଦିଆଯିବା ସହ ସୃଜନଶୀଳତାର ବିକାଶ ଏବଂ ସ୍ୱାବଲମ୍ବନ ପାଇଁ ବିଭିନ୍ନ କାର୍ଯ୍ୟଶାଳାମାନ ଆୟୋଜନ କରାଯାଇଥିଲା। ଗତ ୩୧.୦୫.୨୦୨୫ରେ ଶିକ୍ଷାର୍ଥିନୀମାନଙ୍କ ଦ୍ୱାରା ଏକ ପଥ ସଞ୍ଚାଳନ କାର୍ଯ୍ୟକ୍ରମ ରାମ ମନ୍ଦିରଠାରୁ ଆରମ୍ଭ ହୋଇ ଅଶୋକ ନଗର ଦେଇ, ଇଉନିଟ୍-୩ ସରସ୍ୱତୀବିଦ୍ୟା ମନ୍ଦିର ନିକଟରେ ଶେଷ ହୋଇଥିଲା। ଦେଶ ଗଠନରେ ରାଷ୍ଟ୍ରୀୟ ସେବିକା ସମିତିର ଏହି ନିରନ୍ତର ପ୍ରୟାସକୁ ସମସ୍ତ ସ୍ତରରେ ପ୍ରଶଂସା କରାଯିବା ସହିତ ଆଗାମୀ ଦିନରେ ଏପରି ଅନେକ କାର୍ଯ୍ୟକ୍ରମ ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ କରାଯିବ ବୋଲି ସୁଶ୍ରୀ ଲତିକା ପାଢ଼ୀ, ବୈଦ୍ୟା କବିତା ରଥ ଓ ବୈଜୟନ୍ତୀ ରଣା ଏକ ମିଳିତ ବିବୃତିରେ କହିଛନ୍ତି।

## ଇନ୍‌ଫୋସିସ ଫାଉଣ୍ଡେଶନ ପକ୍ଷରୁ ଆରୋହଣ ସୋସିଆଲ ଇନୋଭେଶନ ଆୱାର୍ଡସର ୪ର୍ଥ ସଂସ୍କରଣର ଘୋଷଣା

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଇନ୍‌ଫୋସିସର ଜନହିତକାରୀ ଓ ସିଏସ୍‌ଆର ଶାଖା ଇନଫୋସିସ ଫାଉଣ୍ଡେଶନ ପକ୍ଷରୁ ଏହାର ଆରୋହଣ ସୋସିଆଲ ଇନୋଭେଶନ ଆୱାର୍ଡସର ୪ର୍ଥ ସଂସ୍କରଣର ଶୁଭାରମ୍ଭ ଘୋଷଣା କରାଯାଇଛି। ଭାରତରେ ସାମାଜିକ ଉଦ୍ଭାବନକୁ ତ୍ୱରାନ୍ୱିତ କରିବା ପ୍ରତି ଏହାର ପ୍ରତିଶ୍ରୁତିବଦ୍ଧତାକୁ ବଜାୟ ରଖି ଇନ୍‌ଫୋସିସ୍ ଫାଉଣ୍ଡେଶନ ଦେଶବ୍ୟାପୀ ଉଦ୍ଭାବନକାରୀ ଓ ସାମାଜିକ ଉଦ୍ୟୋଗୀମାନଙ୍କୁ ଏହି ଆୱାର୍ଡରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରିଛି। ଆରୋହଣ ସୋସିଆଲ ଇନୋଭେଶନ ଆୱାର୍ଡସ୍ ୨୦୨୫, ଭାରତ ଓ ବ୍ୟାପକ ସ୍ତରରେ ବଞ୍ଚିତ ସମୁଦାୟଗୁଡିକ ଉପରେ ଏକ ଉଲ୍ଲେଖନୀୟ ପ୍ରଭାବ ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର ଟେକ୍ନୋଲୋଜି-ଆଧାରିତ ସମାଧାନ ବିକଶିତ କରିଥିବା ବ୍ୟକ୍ତିବିଶେଷ, ଟିମ, ଏନ୍‌ଜିଓ ଓ ସାମାଜିକ ଉଦ୍ୟୋଗଗୁଡିକୁ ସ୍ୱୀକୃତି ଓ ପୁରସ୍କୃତ କରିବାକୁ ଲକ୍ଷ୍ୟ ରଖିଛି। ଇନ୍‌ଫୋସିସ ଫାଉଣ୍ଡେଶନ ମୋଟ ୨ କୋଟି ଟଙ୍କାର ପୁରସ୍କାର ରାଶି ସହିତ ପ୍ରତ୍ୟେକ ବିଜେତାଙ୍କୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛି। ଏସମ୍ପର୍କରେ ଇନ୍‌ଫୋସିସ ଫାଉଣ୍ଡେଶନର ଟ୍ରଷ୍ଟି ସୁମିତ ବିରମାନି କହିଛନ୍ତି, "ଆରୋହଣ ସୋସିଆଲ ଇନୋଭେଶନ ଆୱାର୍ଡସ ମାଧ୍ୟମରେ ଆମେ ପରିବର୍ତ୍ତନକାରୀଙ୍କୁ ଚିହ୍ନଟ ଓ ସମର୍ଥନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ ଯେଉଁମାନେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପରିବେଶ ସ୍ଥାୟିତ୍ୱ କ୍ଷେତ୍ରରେ ପ୍ରଭାବଶାଳୀ ସମାଧାନଗୁଡିକୁ ପରିଚାଳନା କରୁଛନ୍ତି। ଆମେ ଭାରତର ସାମାଜିକ ଉଦ୍ଭାବନକାରୀଙ୍କୁ ଆଗକୁ ବଢିବା, ନିଜର ବିଚାରଗୁଡିକୁ ବାଣ୍ଟିବା ଓ ଏକ ବାସ୍ତବ ପରିବର୍ତ୍ତନ ସୃଷ୍ଟି କରିବା ପାଇଁ ପ୍ରୋତ୍ସାହିତ କରୁଛୁ।" ଆରୋହଣ ସୋସିଆଲ ଇନୋଭେଶନ ଆୱାର୍ଡସର ୪ର୍ଥ ସଂସ୍କରଣ ପାଇଁ ଦାଖଲ ପ୍ରକ୍ରିୟା ଏପ୍ରିଲ ୨୪ ତାରିଖ ୨୦୨୫ରୁ ଆରମ୍ଭ ହେବ ଏବଂ ଜୁନ ୧୫ ତାରିଖ, ୨୦୨୫ରେ ଶେଷ ହେବ। ଭାରତରେ ବାସ କରୁଥିବା ୧୮ ବର୍ଷ ଓ ତାହାଠାରୁ ଅଧିକ ବୟସର ସମସ୍ତ ଭାରତୀୟ ନାଗରିକମାନେ ଆବେଦନ ଦାଖଲ କରିପାରିବେ। ଅଂଶଗ୍ରହଣକାରୀମାନେ ନିଜର କାର୍ଯ୍ୟକୁ ବର୍ଣ୍ଣନା କରୁଥିବା ଆବେଦନକୁ ଭିଡିଓ ଆକାରରେ ଦାଖଲ କରିପାରିବେ ଯାହାକୁ ଆରୋହନ ସୋସିଆଲ ଇନୋଭେଶନ ଆୱାର୍ଡସ ୱେବ୍‌ସାଇଟରେ ଅପ୍‌ଲୋଡ କରାଯାଇପାରିବ। ଆବେଦନଗୁଡିକ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରୋଟୋଟାଇପ କିମ୍ବା ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ହୋଇଥିବା ଉଚିତ ଏବଂ କେବଳ ଏକ ଧାରଣା, ବିଚାର କିମ୍ବା ମକ୍‌ଅପ ହୋଇନଥିବା ଉଚିତ।

## ସଂପାଦକୀୟ

# ଶାନ୍ତି ପାଇଁ ଛଳନା ଅନାବଶ୍ୟକ

ରୁଷ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧକୁ ତିନି ବର୍ଷରୁ ଅଧିକ ଦିନ ହେଲାଣି। ଏଥିମଧ୍ୟରେ ଅନେକ ଥର ଶାନ୍ତି ପାଇଁ ଦୁଇଦେଶ ମଧ୍ୟରେ କଥାବାର୍ତ୍ତା ହୋଇଛି; ମାତ୍ର ଶାନ୍ତି ପ୍ରତିଷ୍ଠା ହୋଇପାରି ନାହିଁ। ଏଣୁ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଛଳନାରେ ପରିଣତ ହେଉଛି, ଯାହା ଅନାବଶ୍ୟକ ହୋଇଯାଇଛି। ଏକଦା ଶୋଭିଏତ୍ ରୁଷରୁ ଅଲଗା ହୋଇ ସ୍ୱତନ୍ତ୍ର ଦେଶ ହୋଇଥିବା ୟୁକ୍ରେନ୍ ଆମେରିକାର ନିକଟତର ହୋଇ ଆମେରିକା ନେତୃତ୍ୱ ନାଟୋର ଅନ୍ୟତମ ଦେଶ ହେବା ପାଇଁ ଉଦ୍ୟମ କରୁଥିଲାବେଳେ ରୁଷ ଏହାର ବିରୋଧୀ ହୋଇଯାଇଛି। ରୁଷ ଆପଣା ସୀମାରେ ଆମେରିକା ବା ନାଟୋକୁ ସକ୍ରିୟ ହେବାକୁ ଚାହେଁ ନାହିଁ, ଯାହା ତା'ର ସ୍ୱତନ୍ତ୍ରତା ପ୍ରତି ବିପଦ ରହିଛି। ଏହି କାରଣରୁ ରୁଷ ୟୁକ୍ରେନ୍‌କୁ ଆପଣା କଥାରେ ଚାଲିବାକୁ ବାଧ୍ୟ କରିଥିଲାବେଳେ ଜେଲେନସ୍କି ୟୁକ୍ରେନ୍‌ର ରାଷ୍ଟ୍ରପତି ହେବା ପରେ ୟୁକ୍ରେନ୍ ଉପରେ ରୁଷର ଅଧିପତ୍ୟକୁ ସେ ଉଚିତ ମନେ ନକରି ରୁଷର ପ୍ରମୁଖ ପ୍ରତିଦ୍ୱନ୍ଦୀ ଆମେରିକାର ନିକଟତର ହେଲେ ଏବଂ ନାଟୋର ଅଂଶ ହେବା ପାଇଁ ଉଦ୍ୟମ କଲେ। ଏହି କାରଣରୁ ରୁଷ ୟୁକ୍ରେନ ମଧ୍ୟରେ ବିବାଦ ପୁରୁଣା ଓ ଏହା ପ୍ରାୟ ୧୧ ବର୍ଷ ଧରି ଜାରି ରହିଛି। ୨୦୧୪ ଫେବୃୟାରୀ ମାସରେ ରୁଷିଆ ୟୁକ୍ରେନ୍ ହାତରୁ କ୍ରିମିଆକୁ ଛଡାଇ ନେବାପାଇଁ କ୍ରିମିଆ ଉପରେ ଆକ୍ରମଣ କରିଥିଲା ଓ ଏହି ଆକ୍ରମଣରେ ରୁଷିଆ ସଫଳ ମଧ୍ୟ ହୋଇଥିଲା। ମାତ୍ର ପରେ ୨୦୧୮ରେ ୟୁକ୍ରେନ୍ ପୁଣି କ୍ରିମିଆକୁ ରୁଷ ହାତରୁ ଛଡାଇନେଇ ତା' ଆୟତକୁ ନେଇଥିଲା। ଏହାକୁ ବିରୋଧକରି ରୁଷିଆ ୨୪ ଫେବୃୟାରୀ ୨୦୨୨ରେ ୟୁକ୍ରେନ୍ ଉପରେ ପୂର୍ଣ୍ଣ ଆକ୍ରମଣ କରିଥିଲା ଏବଂ ସେ ଯୁଦ୍ଧ ଏଯାବତ ଜାରି ରହିଛି।

ପ୍ରଥମେ ବେଲାରୁଷର ମଧ୍ୟସ୍ଥତାରେ ରୁଷ-ୟୁକ୍ରେନ୍ ମଧ୍ୟରେ ଶାନ୍ତି ଆଲୋଚନା ୨୮ ଫେବୃୟାରୀ ୨୦୨୨ରେ ହୋଇଥିଲା। ମାତ୍ର ଏହି ଆଲୋଚନା ବିଫଳ ହେଲା। ପୁଣି ମାର୍ଚ୍ଚ ୨୦୨୨ରେ ସେହି ବେଲାରୁଷ ମାଧ୍ୟମରେ ଶାନ୍ତି ପାଇଁ କଥାବାର୍ତ୍ତା। ଆ ।ଲିଆ ଠାରେ କରାଯାଇ ରୁଷ ଓ ୟୁକ୍ରେନ୍ ପରସ୍ପର ଏକ ହଜାର ଯୁଦ୍ଧବନ୍ଦୀଙ୍କୁ ହସ୍ତାନ୍ତର କରିବେ ବୋଲି ଚୁକ୍ତି ହୋଇଥିଲା। ଏବେ ନିକଟରେ ତୁର୍କି ମଧ୍ୟସ୍ଥତାରେ ପୁଣି ଥରେ ଶାନ୍ତିପାଇଁ ଆଲୋଚନା କରାଯାଇ ଦୁଇ ଦେଶ ପରସ୍ପର ମଧ୍ୟରେ ୬ ହଜାର ଯୁଦ୍ଧବନ୍ଦୀଙ୍କୁ ହସ୍ତାନ୍ତର କରିବାକୁ ସନ୍ମତି ପ୍ରକାଶପାଇଛି ଓ ଏହା ସହିତ ମୃତ ସୈନିକଙ୍କୁ ମଧ୍ୟ ହସ୍ତାନ୍ତର କରାଯିବ। ମାତ୍ର ପ୍ରକୃତ ଶାନ୍ତି କେବେ ପ୍ରତିଷ୍ଠିତ ହେବ ଓ ଦୁଇ ଦେଶ ମଧ୍ୟରେ ଲାଗିଥିବା ଯୁଦ୍ଧର କେବେ ପରିସମାପ୍ତି ହେବ ତାହା ସ୍ଥିର ହୋଇ ନାହିଁ। ତେବେ ଏହାକୁ କିପରି ଶାନ୍ତି ଆଲୋଚନା ବୋଲି କୁହାଯାଇ ପାରିବ? ଯୁଦ୍ଧଗ୍ରସ୍ତ ଦୁଇ ଦେଶ ଆନ୍ୟ ତୃତୀୟ ପକ୍ଷଙ୍କ ମାଧ୍ୟସ୍ଥତାରେ ଆଲୋଚନା କରୁଛନ୍ତି ସତ; ମାତ୍ର ଦୁଇ ଦେଶର ରାଷ୍ଟ୍ରମୁଖ୍ୟ ଏ ଆଲୋଚନାଠାରୁ ଦୂରେଇ ଯାଉଛନ୍ତି କାହିଁକି? ହୁଏତ ରୁଷ ରାଷ୍ଟ୍ରପତି ପୁଟିନ୍ ଓ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି ପରସ୍ପର ଆଲୋଚନାକୁ ଆସିଲେ ଶାନ୍ତି ପାଇଁ ବାଟ ଫିଟି ପାରନ୍ତା! ମାତ୍ର ପରିତାପର କଥା ଯେ ସେମାନେ ଆଲୋଚନାକୁ ଆସୁ ନାହାଁନ୍ତି। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ ଯେଉଁ ଆଲୋଚନା ହେଉଛି ତାହା ଲାଗିଥିବା ଯୁଦ୍ଧକୁ ବନ୍ଦକରି ଶାନ୍ତି ପ୍ରତିଷ୍ଠା ପାଇଁ ହେଉନାହିଁ।

ଚଳିତ ବର୍ଷ ଫେବୃୟାରୀ ମାସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମାଧ୍ୟମରେ ରୁଷ ଓ ୟୁକ୍ରେନ୍ ମଧ୍ୟରେ ଶାନ୍ତି ବୁଝାବଣା ପାଇଁ ଉଦ୍ୟମ ହୋଇଥିଲା, ମାତ୍ର ଏହି ଉଦ୍ୟମ ୟୁକ୍ରେନ୍ ପାଇଁ ହାନିକାରକ ଦୃଷ୍ଟିରୁ ଜେଲେନସ୍କି ସେଥିରୁ ଓହରି ଯାଇଥିଲେ। ଯେତେବେଳେ କୌଣସି ତୃତୀୟ ପକ୍ଷ ମଧ୍ୟସ୍ଥତା କରୁଛନ୍ତି ଓ ରୁଷ ଓ ୟୁକ୍ରେନ୍ ରାଷ୍ଟ୍ରମୁଖ୍ୟମାନେ ଦୂରେଇ ଯାଉଛନ୍ତି ସେତେବେଳେ ଶାନ୍ତି ଆଲୋଚନା ହେବା ଅସମ୍ଭବ। ଆମେରିକା, ରୁଷ, ୟୁକ୍ରେନ୍, ବେଲାରୁଷ, ତୁର୍କି ଆଦି ସମସ୍ତେ ଶାନ୍ତି ଶାନ୍ତି ବୋଲି ଖାଲି ଚିତ୍କାର କରୁଛନ୍ତି; ମାତ୍ର ବାସ୍ତବରେ ସେମାନେ କେହି ଶାନ୍ତି ଚାହାଁନ୍ତି ନାହିଁ, ଯୁଦ୍ଧ ବନ୍ଦ କରିବାକୁ ଆଗ୍ରହି ନୁହଁନ୍ତି। ଏ ବିଶ୍ୱର କେଉଁଠି ନା କେଉଁଠି ଯୁଦ୍ଧ ଲାଗିବା ଦରକାର, ସେପରି ଆଂଚଳିକ ଯୁଦ୍ଧ ବର୍ଷ ବର୍ଷ ଧରି ଲାଗିରହିବା ଦରକାର ଏବଂ ଏହା ଦ୍ୱାରା ପୁଂଜିପତି ଦେଶମାନଙ୍କର ଅସ୍ତ୍ର ବଜାରର କାରବାର ଠିକ୍ ଭାବରେ ଚାଲିପାରିବ। ଏହାଦ୍ୱାରା ଅସ୍ତ୍ର ଉତ୍ପାଦନକରୀ ଦେଶମାନେ ଲାଭ କରିବାକୁ ସକ୍ଷମ ହେବେ। ଯଦି ଯୁଦ୍ଧ ହେବ ନାହିଁ, ଦୁନିଆରେ ସମସ୍ତେ ଶାନ୍ତିରେ କାଳାତିପାତ କରିବେ, ତେବେ ସେହି ପୁଂଜିପତି ଦେଶମାନଙ୍କର ଯୁଦ୍ଧାସ୍ତ୍ର କାରବାର ଚାଲିବ କିପରି? ଏହି କାରଣରୁ ଭାରତ-ପାକିସ୍ତାନ ମଧ୍ୟରେ କିଛିଦିନ ପରେ ଯୁଦ୍ଧ ବିରତି ହୋଇଯାଇଛି। ପୁଂଜିପତି ଦେଶମାନେ ଆପଣା ସ୍ୱାର୍ଥରେ ଦେଶ ଦେଶ ମଧ୍ୟରେ ଅଶାନ୍ତି ସୃଷ୍ଟି କରୁଛନ୍ତି, ଯୁଦ୍ଧ ଲଗାଇ ଦେଉଛନ୍ତି ଓ ପୁଣି ଆପଣାକୁ ଶାନ୍ତିର ଅଗ୍ରଦୂତ ବୋଲାଇବା ପାଇଁ ବିବାଦଗ୍ରସ୍ତ ଦୁଇଦେଶ ମଧ୍ୟରେ ଆଲୋଚନା କରୁଛନ୍ତି। ଏହା ଶାନ୍ତି ପାଇଁ ଉଦ୍ୟମ ନୁହେଁ, ଛଳନା ମାତ୍ର। ଏପରି ଛଳନା ବନ୍ଦ ହେବା ବିଧେୟ।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# କରି କରାଉଥାଏ ମୁହିଁ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପ୍ରଭୁ କରନ୍ତି, ପୁଣି କରାନ୍ତି ସେହି କେବଳ ମୁଁ ଉଚ୍ଚାରଣ କରିପାରନ୍ତି। ମୁଁ କୁ ଇଂରାଜୀରେ ଆଇ କୁହାଯାଏ। ମୋରକୁ ମାଇଁ କୁହାଯାଏ। ଆଇ ଅକ୍ଷର ଏକ ଶାଳକା, ଆକାର ଉର୍ଦ୍ଧ୍ୱରେ ଲାଠି ଖାତନ। ଦୃଶ୍ୟରେ ଏକ ଲମ୍ବା କାଗଜର ଖାମ ଗୋଟିଏ ବହୁ, ଗୋଟିଏ ଆଲମିରା, ଗୋଟିଏ ଖାତା ଗୋଟିଏ କଲମ, କୌଣସି ଖୁଣ୍ଟ ପିଲାର। ଏକ ପିଲାର ଖମ୍ବକୁ ଦେଖାଇ ରାଜା - ପ୍ରଜା, ବାପ-ପୁଅ, ବର୍ତ୍ତମାନ-ଭବିଷ୍ୟତରେ ଏଇ ଆଇ ଉପରେ ଆସିଥିଲା ତର୍କ। ରାଜା, ପିତା, ବର୍ତ୍ତମାନ ପ୍ରଶ୍ନ କରୁଛି କିଏ ସେ ଭଗବାନ କେଉଁଠି ତାର ବାସ କେଉଁଠି ସେ ଅଛି? ପ୍ରଜା, ପୁଅ, ଭବିଷ୍ୟତ କହୁଛି, ଏହି ଖମ୍ବରେ ସେ ବି ଅଛନ୍ତି, ହେଲେ ସେ ସର୍ବତ୍ର ଅଛନ୍ତି ଆମର ଆମର ଏହି ସନ୍ନିକଟ ସ୍ତମ୍ଭରେ ସେ ଅଛନ୍ତି। ସେ ଆମକୁ ରକ୍ଷା କରନ୍ତି। ଏ ଖମ୍ବ ବି ଘରକୁ ଟେକିଧରି ଆମକୁ ଖରାବର୍ଷା, ଚୋର ଭୟରୁ ରକ୍ଷା କରୁଛି। ମଦାନ୍ଧ ବା ରାଜଶକ୍ତିର ମୁଖ୍ୟାଧିକାରୀର ଅନ୍ଧ, ମୁଁ ତୋର ବାପା ମୋର ଉଚ୍ଚାରଣ ଭୁଲ ହେଲେ ବି ତୋତେ ମାନିବାକୁ ହେବ। ଏଥିରେ ସେ ବିନମ୍ରରେ ଅସ୍ୱୀକାର କରିଥିଲେ। କାରଣ ଈଶ୍ୱର ହିଁ ସତ୍ୟ।

ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନରେ ଆସୀନ। ଏ ମଧରେ ଜଗନ୍ନାଥଙ୍କ ବାମପଟରେ ସୁଦର୍ଶନ। ସୁଦର୍ଶନ ଦାରୁ ନିର୍ମିତ ବିଗ୍ରହ, ଯେ ଏକ ଦଣ୍ଡବୃତ୍ତି ବିଗ୍ରହ, ଯେ ଇଂରାଜୀରେ ଆଇ ଅକ୍ଷର ପରି ରହିଛନ୍ତି। ଶାସ୍ତ୍ରମତ ପ୍ରଭୁଙ୍କ ହାତର ଆୟୁଧ ସୁଦର୍ଶନ ଚକ୍ର, ମାତ୍ର ଏଠାରେ ଭକ୍ତ ଦର୍ଶନରେ ଓ ଭକ୍ତ ରକ୍ଷଣରେ ସେ ଦଣ୍ଡ ଭାବିଲେ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ। ଚକ୍ର କେମିତି ଦଣ୍ଡ ଆକୃତିର ପୂଜିତ। ମାମେକଂ ଶରଣବ୍ରଜ। ଜୀତାରେ ଭଗବାନ ଏ କଥା ଅର୍ଜୁନଙ୍କୁ ସମ୍ମୁଖରେ ରଖି ସମସ୍ତ ଭକ୍ତମାନଙ୍କୁ ଆହ୍ୱାନ କରୁଛନ୍ତି। ପ୍ରଭୁଙ୍କ ଆୟୁଧର ବଳ ସଭିଏଁ ଜାଣନ୍ତି। ସେତ ଆଇ ଅକ୍ଷର ତାଙ୍କର ମୁଁ ତ୍ୱ କିନ୍ତୁ ବିକାରଯୁକତ, କାରଣ ସେ ହିରଣ୍ୟକଶିପୁ ରାକ୍ଷସ ମାରଣରେ ପ୍ରଭୁଙ୍କୁ ସହାୟତାରେ ନଥିଲେ। ତେବେ ସେ ହାତ ନଥିବା ଯୋଗମାୟା। ସୁଭଦ୍ରାଙ୍କର ରଥରେ ସେ ଗୁଣ୍ଡିଚା ଯାତ୍ରାରେ ବାହାରନ୍ତି ଲୋକେ ତାଙ୍କର ପହଣ୍ଡି ଦେଖନ୍ତି। ଲୋକେ ତାଙ୍କୁ ଅପୂର୍ବ କ୍ଷମତା, ଜଗନ୍ନାଥଙ୍କର ବାମାଙ୍ଗରେ ରହି ସର୍ବତ୍ର କର୍ମମୁଖର ସେ ସୁଦର୍ଶନ ଚକ୍ର ଯେ ଉତ୍ତମ ଦେଖିପାରନ୍ତି। ଦେବ ଶକ୍ତି ବିରୁଦ୍ଧାଚାରୀକୁ ସେ ସନାକ୍ତ କରନ୍ତି। ରାଜା ଅମ୍ବରୀଶଙ୍କ ଏକାଦଶୀ ବ୍ରତ ପାଳନ ବାରଣରେ ପ୍ରତିବନ୍ଧକ ସାଜିଥିବା ଦୁର୍ବାସା ପରି ସିଦ୍ଧ ଋଷିଙ୍କୁ ସେ ଛାଡ଼ି ନଥିଲେ। ଏମିତିକି ଦ୍ୱାପର ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ପୁତ୍ର ପ୍ରଦ୍ୟୁମ୍ନକୁ ନାଶ ପାଇଁ ପ୍ରୟୋଗ ପାଇଁ ଆଦେଶ ବାଧ ହୋଇ ମାନିଲେ ବି ଆଉ ଶ୍ରୀକୃଷ୍ଣଙ୍କ ପାଖକୁ ଫେରି ନଥିଲେ। ସେ ଅନ୍ୟାୟ ସହ୍ୟ କରିପାରନ୍ତି ନାହିଁ। ଚକ୍ର ଘୁରୁଛି, କେତେଚକ୍ର ଘୁରୁଛି ସେକେଣ୍ଡର ଚକ୍ରଥରେ ୩୬୦ ଅଂଶ ଘୁରିଲେ ମିନିଟ ଚକ୍ର ଏକ ଅଂଶ ବା ଏକ ଘଣ୍ଟା ଯାଏ। ଏମିତି କ୍ରମରେ ବର୍ଷ ସମ୍ବତ୍ସର, ଶାକାବ୍ଦ ଯୁଗରେ ଯୁଗ କଳ୍ପ କଳ୍ପ ସମୟ ମହାଚକ୍ରକୁ ଏଇ ସୁଦର୍ଶନ ଚକ୍ର ଅବଲୋକ କରିଚାଲିଛି। ତାଙ୍କର ଯେ ବିଶ୍ରାମ ନାହିଁ ଯେ ଅନ୍ୟାୟ ଅନିତି କଲା ସେ ସେ ଚକ୍ରରେ ଛେଦ ହେବ ହିଁ ହେବ। ସେ କହିପାରନ୍ତି ବଙ୍ଗଳାରେ 'ଆମାର ଆମି' ଓଡ଼ିଆରେ 'ମୋର ମୁଁ', ଏଇ ଆଇ ଅକ୍ଷର ସଦୃଶରେ ପ୍ରତିଷ୍ଠାର ସାଫଲ୍ୟ ମିଳୁଛି।

କିଏ ରହିବ ସାରା ପୃଥିବୀକୁ ଭୋଗ କରିବ, ପୃଥିବୀ ତ ଏକ ପିଣ୍ଡୁଳା ମାଟିର ପିଣ୍ଡୁଳା, କୁମ୍ଭକାର ଚକ୍ରରେ ମାଟି ପିଣ୍ଡୁଳା ଘୁରିବା ପରି ଏ ମାଟି ଘୁରୁଛି। ଏଠାରେ ସୁଦର୍ଶନଙ୍କର ଲୀଳା ରହିଛି। କୁମ୍ଭକାର ଚକ୍ର ଯେ ସୁଦର୍ଶନଙ୍କର ଧର୍ମୀ। ଭଗବାନ ଚକ୍ରୀ ଆଉ କୁମ୍ଭକାର ବି ଚକ୍ରୀରେ ଡକାପଡନ୍ତି। ମାଟି ପାଇଁ କେତେ ଝଗଡ଼ା ରକ୍ତପାତ ଚାଲି ଆସୁଛି, ଚାଲିଛି, ଚାଲିବ ଏହା ଅସରନ୍ତି। ମାଟିରୁ କେତେ ଘଟ ଏ ଘଟମାନେ ସମୟକୁ ଭାଙ୍ଗୁଛନ୍ତି ନଷ୍ଟ ହେଉଛି। ସମସ୍ତେ ଖପରା ଦେଖୁଛନ୍ତି ତଥାପି ଲୋଭ ଛାଡୁନାହିଁ। ଏକ ପେଟ ପାଇଁ କେତେ ଖାଇବେ ଏକଥା ଭାବୁନାହାଁନ୍ତି? ଜଣେ ରାଜନେତ୍ରୀଙ୍କର ଘର ରେଡ୍ ବେଳେ ମିଳିଥିଲା ୫୦୦ ହଳ ଚପଲ ଜୋତା, ଜଣେ ଲୋକ କେତେ ବେଳେ ଏହା ପିନ୍ଧନ୍ତି। ସେ ଚାଲିଗଲାପରେ କଣ ତାଙ୍କ ଚପଲର ପଦର୍ଶନୀ ଲୋକେ ଦେଖିବେ କି? ଏକ ଶୟନ କକ୍ଷରେ ଏକ ପଲଙ୍କ ଖଟରେ ବ୍ୟକ୍ତିର ରାତ୍ରୀଯାପନ ବିଶ୍ରାମ ତେବେ ଶହ ଶହ ଦାମୀ ପଲଙ୍କର ମାଲିକ ହୋଇ କଣ ଫାଏଦା? ସମଗ୍ର ଭାରତ ବର୍ଷ ଜଣେ ପ୍ରଧାନମନ୍ତ୍ରୀ ଜଣେ ରାଷ୍ଟ୍ରପତି ଜଣେ ପ୍ରଧାନ ବିଚାରପତି, ଯଦି ସମସ୍ତେ ନିଜକୁ ଏ ପଦବୀ ଧାରୀ ହେବାକୁ ଚାହିଁବେ ଏହା କି ସମ୍ଭବ? ମାଟି ଦଖଲ ଚିନ୍ତା ସହିତ ପଦବୀ ଦଖଲ ଚିନ୍ତା ଏ ପାଇଁ ତପସ୍ୟା ଦରକାର ସାଧନା ଦରକାର ଏହା ନକରି ଛନ୍ଦଣ ମନ୍ଦଣ ପଥରେ ଗଲେ ଆୟୁ ଅଛି ତ? ଏକଥାରେ ସେହି ଭାବନା ଆଶୁଛନ୍ତି ପତଙ୍ଗ ପ୍ରଦୀପରେ ଝାସ ଦେଲାପରି ଅବସ୍ଥା ଆସୁଛନ୍ତ। ଏହା ଭନ୍ତେ! ଟିକେ ସ୍ଥିରଚିତ୍ତ ହୁଅ ସମସ୍ତେ ସୀମାରେ ରୁହ ସେ କରନ୍ତି କରାନ୍ତି ଏହା ଦୃଢ଼ ଭାବରେ ଜାଣ ତାଙ୍କ ସୁଦର୍ଶନ ସବୁ ଦେଖୁଛି ସବୁ ଅପାର୍ଥଙ୍କୁ ଟାଳୁଛି ଟଳାଉଛି। କ୍ୟାମେରା ଅର୍ଥବ ହେଲେ ସୁଦର୍ଶନ ଅଥର୍ବ ପରି ରହିଲେ ବି ତାର କାର୍ଯ୍ୟକାରୀ ଶକ୍ତି ପ୍ରଚଣ୍ଡ। ହୁଏତ ଯୁଗର ଉଦ୍ଭବନ କେମରା ସୁଦର୍ଶନଙ୍କର ଆଦେଶ ରକ୍ଷା କରି ପୁଞ୍ଜିଭୂତ ଗୋଛା ଗୋଛା ସଂଖ୍ୟାରେ ସର୍ବତ୍ର ବର୍ତ୍ତମାନ ବିରାଜିତ ଏହି କାମେରା ଅଥର୍ବ ହେଲେ ବି ଠିକ ନ୍ୟାୟ ବିଧାନରେ ଦିନେ ଧରାପକାଇବ ଏହା ସତ୍ୟସତ୍ୟ ତ୍ରିବାର ସତ୍ୟ। ହାତେ ହାତେ କ୍ୟାମେରା ଫୋନ, ତାହା ପୁଣି ଦ୍ରୁତ ଟେଲିକାଷ୍ଟ କରିପାରୁଛି। ଏତ କରାଉଛି, ଧରା ପକାଉଛି, ଦଣ୍ଡଭୋକ୍ତା କରାଇବ ପଥା ବାହାର କରୁଛି। ଏବି ସେହି ପ୍ରଭୁ ଚକା ଆଖିଙ୍କ ଲୀଳା ତାଙ୍କ ସୁଦର୍ଶନର କାର୍ଯ୍ୟକାରୀ ଶକ୍ତି। କେହି ରକ୍ଷା ପାଇବା ସମ୍ଭବ ନୁହେଁ ଭାବନ୍ତୁ ଭାଗବତବାଣୀ କରି କରାଉଥାଏ ମୁହିଁ ମୋ ବିନୁ ଆନଗତି ନାହିଁ। ଜଗନ୍ନାଥଙ୍କ ଜଗନ୍ନାଥବାସ ଏପରି କେବେ ଠାରୁ ଲେଖିଛନ୍ତି।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

# ସମସ୍ୟା ବଳୟରେ ସହିଦଙ୍କ ସ୍ୱପ୍ନର ଭାରତ !


ହିମାଂଶୁ ଶେଖର ଆଚାର୍ଯ୍ୟ

ଗତକାଲି ଥିଲା ଜାନୁୟାରୀ ୩୦ତାରିଖ ଜାତିର ପିତା ମହାତ୍ମାଗାନ୍ଧିଙ୍କ ୭୭ତମ ତିରୋଧାନ ଦିବସ ଓ ଏଥିସହିତ ସାରା ଦେଶ ପାଳୁଥିଲା ସହିଦ ଦିବସ। ସୂଚନାଯୋଗ୍ୟ ଯେ, ଅଗଣିତ ଦେଶପ୍ରାଣ ସଂଗ୍ରାମୀମାନଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ପାଇଲୁ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଲାଲକିଲ୍ଲା ଉପରେ ଜାତୀୟ ପତାକା ଉତ୍ତୋଳନ କରି ଜାତି ଉଦ୍ଦେଶ୍ୟରେ ଦେଇଥିବା ବେତାରବାଣୀ ଶୁଣି ଦେଶବାସୀ ଆନନ୍ଦରେ ଆତ୍ମହରା ହୋଇଥିଲେ ଓ ଗାଇଥିଲେ - ଆମେ ଚଳାଉଛୁ ଦେଶ ଆମରି, ଆମରି ନାଆରେ ଆମେ ନାଉରୀ। ଇତି ମଧ୍ୟରେ ସ୍ୱାଧୀନତାର ୭୮ବର୍ଷ ଅତିକ୍ରାନ୍ତ ହୋଇଛି। ଏହି ସମୟ ମଧ୍ୟରେ ଏକ ସଫଳ ସାର୍ବଭୌମ ରାଷ୍ଟ୍ର ଭାବେ ଭାରତ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ସେହିପରି ଅନେକ କ୍ଷେତ୍ରରେ ଆମର ସଫଳତା ହାସଲ ହୋଇଛି । କିଛି କ୍ଷେତ୍ରରେ ଏବେବି ଆମେ ପଛୁଆ ରହିଛେ।

ଦେଶରୁ ବିଦେଶୀ ଶାସନ ହଟିଲା ପରେ ଆମେ ୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନ ପାଇଲୁ ଭାରତର ସମ୍ବିଧାନ। ଏହା ଭାରତକୁ ସାର୍ବଭୌମ, ଧର୍ମ ନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କଲା । ୭୮ ବର୍ଷର ଦୀର୍ଘ ପଥ ଅତିକ୍ରମ କରି ଏକ ସ୍ୱାଧନ ରାଷ୍ଟ୍ର ଭାବେ ଭାରତ ବିଶ୍ୱ ଦରବାରରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛି। ସବୁଜ ବିପ୍ଳବ ପରେ ଏଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ପାରିଛି। ଶ୍ୱେତ ବିପ୍ଳବ ଯୋଗୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲେଖନୀୟ ସଫଳତା ମିଳିଛି। ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶରେ ପିନ୍‌କଣ୍ଟାଟିଏ ଉତ୍ପାଦନ ହୋଇପାରୁ ନଥିଲା ସେ ଦେଶ ଆଜି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ କାରିଗରିରେ ବିଶ୍ୱର ଗୋଟିଏ ଆଗ ଧାଡିର ଦେଶ । ଖାଲି ସେତିକିନୁହେଁ , ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି। ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା. ସଫ୍ଟୱାର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯ୍ୟାଦା ଦେଇଛି। ଶିକ୍ଷ କ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି। ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୪୪ କୋଟି ଟପିସାରିଲାଣି। ଏହି ସମୟ ମଧରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ପ୍ରତିଶତକୁ ବୃଦ୍ଧି ପାଇଛି। ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୩୩ବର୍ଷରୁ ୬୫ବର୍ଷକୁ ବୃଦ୍ଧି ପାଇଛି। ବହୁ ଘାତ ପ୍ରତିଘାତ ମଧରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି।

ଏସବୁ ସଫଳତା ସତ୍ତ୍ୱେ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତାହାହେଉଛି ଏବେବି ଭାରତରେ ରହୁଛନ୍ତି ପ୍ରାୟ ୩୫କୋଟି ନିରକ୍ଷର,୨୬କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶୀକାର ହେଉଥିବା ୪୨ପ୍ରତିଶତ ଶିଶୁ। ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡକ, ଓ ପାନୀୟ ଜଳ ଯୋଗାଇବାରେ ମଧ ଆମେ ବିଫଳ ହୋଇଛୁ। ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନୁହେଁ। ଏପରିକି ସମଗ୍ର ବିଶ୍ୱରେ ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ। ଏହାର ମୂଳ କାରଣ ହେଉଛି ଦୁର୍ନୀତି । ବିଡମ୍ବନା ହେଲାଯେ ଏହି ଦୁର୍ନୀତିର ପରିମାଣ କମୁନି ବରଂ ବର୍ଷକୁ ବର୍ଷ ବଢିବାରେ ଲାଗିଛି। ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୨୦୧୧ ମସିହା ଆଦର୍ଶ ହାଉସିଂ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି କାୟାବିସ୍ତାର କରି ଚାଲିଛି। ଏବେ ପୁଣି ଚର୍ଚ୍ଚାକୁ ଆସିଥିଲା ବହୁ ଚର୍ଚ୍ଚିତ ବ୍ୟାପମ୍ ଦୁର୍ନୀତି। ପରିତାପର ବିଷୟ ହେଉଛି ଏହି ଦୁର୍ନୀତିରେ ୪୫ ଜଣଙ୍କ ସନ୍ଦେହଜନକ ମୃତ୍ୟୁ ଘଟି ଘଟିଥିଲା।

ଖାଲିସେତିକି ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଆମ ସଂସଦୀୟ ବ୍ୟବସ୍ଥା ଭିତରକୁ ପଶିଆସୁଛନ୍ତି ଅପରାଧ ପୃଷ୍ଠଭୂମି ଥିବା ଲୋକମାନେ। ଦେଶର ସଂସଦ ଓ ବିଧାନ ସଭା ଦେଶବାସୀଙ୍କ ପାଇଁ ମନ୍ଦିର ସଦୃଶ । ଏଠାରେ ଆଇନ ତିଆରି ହୁଏ ଦେଶ ଓ ରାଜ୍ୟ ପାଇଁ ତିଆରି ହୁଏ ଶାସନ ଖସଡା। ଶସ୍ତା ରାଜନୀତି ଦେଶ ପାଇଁ କାଳ। ଜର୍ଜ ବର୍ଣ୍ଣାଡସଙ୍କ ମତରେ ବୁଦ୍ଧିଜୀବୀମାନେ ରାଜନୀତିକୁ "ସଇତାନର ଆଶ୍ରୟ ସ୍ଥଳୀ" ବୋଲି ଭାବୁଛନ୍ତି। ତେଣୁ ସମାନେ ନିର୍ବାଚନ ପ୍ରକ୍ରିୟାରୁ ନିରାପଦ ଦୂରତାରେ ରହିବାକୁ ପସନ୍ଦ କରୁଛନ୍ତି। ଫଳରେ ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତି ସାଂସଦ ଓ ବିଧାନସଭାକୁ ନିର୍ବାଚିତ ହୋଇ ଆସୁଛନ୍ତି। ବିଗତ ନିର୍ବାଚନରେ ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଧାୟକ ମାନଙ୍କ ମଧରୁ ୩୫ପ୍ରତିଶତ ଜଣଙ୍କ ନାମରେ ଅପରାଧ ମାମଲା ଥିବାବେଳେ ସେଥି ମଧରୁ ୭୬ ଜଣ କୋଟିପତି ତାଲିକାରେ ଅଛନ୍ତି । ସେହିପରି ୩୪ ପ୍ରତିଶତ ସାଂସଦଙ୍କ ବିରୁଦ୍ଧରେ ଅପରାଧ ମାମଲା ଥିବା ବେଳେ ୮୨ ପ୍ରତିଶତ ସାଂସଦ କୋଟିପତି ତାଲିକାରେ ଅଛନ୍ତି । ନିକଟରେ ଶେଷହୋଇଥିବା ୨୦୨୪ ନିର୍ବାଚନରେ ଅପରାଧ ମାମଲାରେ ଜଡିତଥିବା ବିଧାୟକ ଓ ସାଂସଦଙ୍କ ସଂଖ୍ୟା ଆହୁରି ବଢିଛି। ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

ସ୍ୱାଧୀନତାର ଅର୍ଥ କେବଳ ଏକଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବଞ୍ଚିବାର ମୌଳିକ ଆବଶ୍ୟକତା ଯୋଗାଇ ଦେବା। ସେ ସ୍ୱପ୍ନ ଆଜି ସୁଦୂର ପରାହତ। ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ଦିନକୁ ଦିନ ଆମ ମା-ଭଉଣୀ ମାନେ ଅସୁରକ୍ଷିତ ଅବସ୍ଥା ଭିତରକୁ ଠେଲି ହୋଇଯାଉଛନ୍ତି । ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଦୁଷ୍କର୍ମର ଏକ ଲମ୍ବା ତାଲିକା । ଗତ ୨୦୧୨ ମସିହା ଡିସେମ୍ବର ମାସର ଏକ ଶୀତ ରାତିରେ ରାଜଧାନୀ ଦଲ୍ଲୀର ଛାତି ଉପରେ ଘଟିଥିଲା ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ଗୋଟିଏ ଚଳନ୍ତା ବସ ଭିତରେ ୨୩ବର୍ଷ ବୟସ୍କା ପାରାମେଡିକାଲ ଛାତ୍ରୀଙ୍କୁ ନରାପିଶାଚ ବସ କର୍ମଚାରୀ ଓ ଗୁଣ୍ଡାମାନେ ବଳାତ୍କାର କରିବା ପରେ ବସରୁ ବାହାରକୁ ଫିଙ୍ଗି ଦେଇଥିଲେ । ଏହି ଘଟଣାର ପ୍ରଭାବ ସାରା ଦେଶରେ ସେତେବେଳେ ଆଲୋଡନ ସୃଷ୍ଟି କରିଥିଲା । ନିର୍ଭୟା ଘଟଣାର ୧୨ବର୍ଷ ପରେ କୋଲକତାରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପୁଣିଥରେ ସାରା ଦେଶରେ ଏକ ଦାରୁଣ ପରିସ୍ଥିତି ସୃଷ୍ଟି କରିଛି । ଏପରିକି ଏହି ଘଟଣାକୁ ନେଇ ଆମ ଦେଶର ରାଷ୍ଟ୍ରପତି ଉଦ୍‌ବେଗ ପ୍ରକାଶ କରିବା ସହ ସୀମା ଟପିଛି ମହିଳାଙ୍କ ପ୍ରତି ଅତ୍ୟାଚାର ବୋଲି ସେ କହିଛନ୍ତି । ଏହାଠାରୁ ଭଳି ଲଜ୍ୟାକର ଓ ଅମାନବୀୟ ଘଟଣା ଆଉ କଣ ହୋଇପାରେ ? ଆଜିର ସଭ୍ୟ ସମାଜପ୍ରତି ଏହା ଏକ ଚରମ ଉପହାସ । ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି । ଦୁର୍ନୀତି କଥା ନ କହିବା ଭଲ । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣିପିଣ୍ଡା ହେଉଛନ୍ତି । ଜାତି ଧର୍ମନାମରେ ସାଂପ୍ରଦାୟିକ ଦଙ୍ଗା ଦେଶର ବିଭିନ୍ନ ସ୍ଥାନରେ ଘଟୁଛି । ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁଲୋକଙ୍କୁ ଦୁଇ ଓଳି ପେଟପୁରା ଆହର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆର ମୁହଁ ମାଡି ପାରିଲେନି ।ଏହାହିଁ କ୍ଷୋଭର ବିଷୟ । କିଛିଦିନ ପୂର୍ବରୁ ଦୀର୍ଘ ୭୦ ବର୍ଷ ପରେ ଧାରା ୩୭୦ ଓ ୩୫-ଏ ଉଚ୍ଛେଦ ସହ ଜାମ୍ମୁ କାଶ୍ମୀର ପୂନର୍ଗଠନ ହୋଇ ଦୁଇଟି କେନ୍ଦ୍ର ଶାସିତ ରାଜ୍ୟ ଭାବେ ଜାମ୍ମୁ କାଶ୍ମୀର ଓ ଲାଦାଖ୍ ମାନ୍ୟତା ପାଇଛନ୍ତି। ଏହା ଆମ ପାଇଁ ଆଶ୍ୱାସନାର ବିଷୟ ।

ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ଗୋଟିଏ ପଟେ ସୁପରପାୱାର ସ୍ୱପ୍ନ ଆମେ ଦେଖୁଥିବା ବେଳେ ଅନ୍ୟପଟେ ଦୁର୍ନୀତି,ଭ୍ରଷ୍ଟାଚାର,ଦାରିଦ୍ର୍ୟ,ବେକାରୀ ଓ ନିରକ୍ଷରତା ଭଳି ସମସ୍ୟା ଆମ ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଛି । ଏସବୁ ସମସ୍ୟାକୁ ଗମ୍ଭୀରତାର ସହ ବିଚାର କରି ସମାଧାନ କରିବାକୁ ହେବ । ଏଥିପାଇଁ ଶାସକ ଓ ପ୍ରଶାସକ ଯେତିକି ମାତ୍ରାରେ ଦାୟୀ ଲୋକଙ୍କ ନିକଟରେ ଦେଖା ଦେଇଥିବା ସଚେତନତାର ଅଭାବ ମଧ ସେତିକି ଦାୟୀ । ଏବେବି ସମୟ ଅଛି । ଆମେ ଆମ ମନୋଭାବରେ ପରିବର୍ତ୍ତନ କରି ଦେଶ ପାଇଁ ସମର୍ପିତ ହୋଇ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ଦେଶକୁ ପ୍ରଗତି ପଥରେ ଆଗେଇ ନେଇପାରିବା।

**ସଭାପତି, ସାରସ୍ୱତ ପରିଷଦ,ଜଗତସିଂହପୁର, ମୋ-୯୯୩୭୧୫୧୦୫୨**

# ପରିବେଶ ସୁରକ୍ଷା ଓ ମାନବ ସମାଜ

ଏକ ସୁସ୍ଥ ପରିବେଶ ଏକ ସୁସ୍ଥ ସମାଜ ଗଠନର ମୁଖ୍ୟ ଉପାଦେୟ। ଏହା ପ୍ରକୃତିର ଏକ ବଳିଷ୍ଠ ସଂରଚନା। ମନୁଷ୍ୟର ଦୈନନ୍ଦିନ ଜୀବନ ଯାପନ ଉପରେ ପରିବେଶ ଓ ତାହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ପ୍ରକୃତି ଆଉ ପରିବେଶକୁ ବଞ୍ଚାଇବା ପାଇଁ ଆମକୁ ସଚେତନତା ଓ ବିଜ୍ଞାନ ଯୁଗରେ ଆଧୁନିକ ବୈଷୟିକ ପ୍ରଣାଳୀର ଉପଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାନବ ସମାଜ ପୃଥିବୀ ପୃଷ୍ଠରେ ବାସ କରୁଛି। ଏହି ମାନବ ଜାତି ଜୀବନ ଧାରଣ ପାଇଁ ସାଧାରଣତଃ ଜଳ ବାୟୁ, ଖାଦ୍ୟ ଓ ସୂର୍ଯ୍ୟଙ୍କ ଉତ୍ତାପ ଉପରେ ସଦାସର୍ବଦା ନିର୍ଭରଶୀଳ ଯାହାକି ଆମ ପରିବେଶର ମୁଖ୍ୟ ଉପାଦାନ। ଏକ ସୁସ୍ଥ ପରିବେଶ ସର୍ବଦା ମାନବ ସମାଜ ପାଇଁ ଉପକାରିତା ହେଉଥିବା ବେଳେ ଏହି ପରିବେଶ ପାଇଁ ବର୍ତ୍ତମାନ ସମାଜ ସମ୍ପୂର୍ଣ୍ଣ ଚିନ୍ତାମଗ୍ନ। ଏହାର ମୁଖ୍ୟ କାରଣ ଆମର ବିଳାସବ୍ୟସନ ଜୀବନଯାପନ ଶୈଳୀ ମୁଖ୍ୟତଃ ଭାବେ ଦାୟୀ। ତଥା ଆଧୁନିକିକରଣରେ ନିର୍ମିତ ଯାନ୍ତ୍ରୀକ ଉପକରଣର ଦୈନନ୍ଦିନ ଜୀବନରେ ବହୁଳ ବ୍ୟବହାର ପରିବେଶ ପାଇଁ କ୍ଷତିକାରକ। ଏଥିରେ କାହାର ଦ୍ୱିମତ ନାହିଁ। ଏଥିସହ ଜନବସତି ଦୃତ ବୃଦ୍ଧି ସହ ଅନେକ ସମୟରେ ମାନବ ସମାଜର ଉଚ୍ଚ ଆଶା ଆକାଂକ୍ଷା ପୂରଣ ପାଇଁ ଯେଉଁ ବହୁ ମାତ୍ରାରେ ପ୍ରାକୃତିକ ଜଙ୍ଗଲ କଟା ଯାଉଛି ତାହା ମଧ ମୁଖ୍ୟତଃ ଭାବେ ଏହି ପରିବେଶ ଉପରେ କୁପ୍ରଭାବ ପକାଇବା ସହ ପରିବେଶ ତଥା ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ। ଆମେ ଅନେକ ସମୟରେ ଅତ୍ୟଧିକ ପରିବେଶ ସଙ୍କଟର ସମ୍ମୁଖୀନ ହେଉଥିଲେ ମଧ ପରିବେଶର ସୁରକ୍ଷା ପ୍ରତି ଧ୍ୟାନ ନଦେଇ ପ୍ରାକୃତିକ ପରିବେଶକୁ ଆମେ ଆମ ଆବଶ୍ୟକତା ଠାରୁ ଉର୍ଦ୍ଧ୍ୱରେ ରହି ବ୍ୟବହାର କରିଥାଉ। ପରିବେଶ ଅବକ୍ଷୟ ପୃଥିବୀର ବସବାସ କରୁଥିବା ମାନବ ସମାଜର ପାଇଁ ଭବିଷ୍ୟତ ପୀଢ଼ି ପାଇଁ ଏକ ଗୁରୁତର ସଙ୍କଟ ଭାବେ ଉଭା ହେବ ଏହା ସୁନିଶ୍ଚିତ। ଏହି ପରିବେଶ ପରିବର୍ତ୍ତନ ସହ ଖାପଖୁଆଇ ଚଳି ନପାରି ଅନେକ ଜୀବଜନ୍ତୁ ବିଲୁପ୍ତ ପ୍ରାୟ।

ପ୍ରଥମେ ଆମ ମାନବ ଜାତି ଏହା ଚିନ୍ତା କରିବାର ଅଛି ଯେ ଏହି ପରିବେଶକୁ ସୁରକ୍ଷା ଦେବା ଲାଗି ଯେଉଁ ଯେଉଁ ପନ୍ଥା ବା କଟକଣା ରହିଛି ତାହା ଅବଲମ୍ବନ କରିବା ସହ ନିଜର ଅସ୍ଥିକୁ ପରିବେଶ ସହ ଖାପଖୁଆଇ ଚଳିବା ହିଁ ଆଗାମୀ ଭବିଷ୍ୟତ ପାଇଁ ଏକ ସୁପଦକ୍ଷେପ ହେବ। ନୋଚେତ ଏହି ପରିବେଶ ହିଁ ଦିନେ ମାନବ ସମାଜ ଧ୍ୱଂସ ହେବାର କାରଣ ହେବ ଏଥିରେ ଦ୍ୱିମତ ହେବ ଅନୁଚିତ।

ଏହି ପରିବେଶର ସୁରକ୍ଷା ନିମନ୍ତେ ଆମେ ଆମର କିଛି ସ୍ୱାର୍ଥ ସାଧନ କାର୍ଯ୍ୟକୁ ପଛରେ ପକାଇ ନିୟନ୍ତ୍ରଣର ସହ ଜୀବନ ନିର୍ବାହ କରିବା ଏକାନ୍ତ ଆବଶ୍ୟକ।

ଦୈନନ୍ଦିନ ଜୀବନରେ ଆମେ ପ୍ଲାଷ୍ଟିକ ତଥା ପଲିଥିନ ସହ ଯେଉଁଭଳି ଭାବରେ ଓତୋପ୍ରତଃ ଭାବେ ଜଡ଼ିତ ହେଉଛୁ ତାହା ପରିବେଶ ପାଇଁ କେତେ କ୍ଷତିକାରକ ତାହା ସର୍ବଦା ଆମେ ଅନେକ ସମୟରେ ବିଭିନ୍ନ ପରିବେଶବିତଙ୍କ ସଂରଚନା ହେଉ କିମ୍ବା ଗଣମାଧ୍ୟମର ପୃଷ୍ଠାରେ ମଣ୍ଡିତ ହେଉଥିବା ଦେଖିବାକୁ ପାଉଛୁ। କିନ୍ତୁ ଏଥିପ୍ରତି ଆମର ଧ୍ୟାନ କେନ୍ଦ୍ରିତ ନହୋଇ ଆମେ ଏହି ପଲିଥିନ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର କରିବା ସହ ଏହାର ପରିବେଶ ପ୍ରତି ଥିବା ପାର୍ଶ୍ୱ ପ୍ରତିକ୍ରିୟାକୁ ମଧ ଭୁଲି ଯାଇଛୁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମ ଦେଶରେ ଆଜି ମଧ ଅନେକ ସ୍ଥାନ ରହିଛି ଯେଉଁଠି ପ୍ଲାଷ୍ଟିକର ବ୍ୟବହାର ପରିବେଶର ସୁରକ୍ଷା ଦୃଷ୍ଟିରୁ ପ୍ରତିବନ୍ଧକ କରାଯାଇଥିବା ବେଳେ ଏଭଳି ଏକ ରାଜ୍ୟର ଉଦାହରଣ ହେଉଛି ସିକିମ। ଯେଉଁଠି ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ନା କହିଲେ ଚଳିବ। ଯଦିଓ କେହି ବ୍ୟବହାର କରୁଛି ତାହେଲେ ତାକୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡୁଛି। ଏହି ପରିପ୍ରେକ୍ଷିରେ ଆମେ ତଥା ଆମର ମାନବ ସମାଜ ପରିବେଶକୁ ଏପରି ଭାବରେ ପରିଚାଳନା କରିବାକୁ ପଡିବ ଯାହା ବିକାଶ ଏବଂ ସଂରକ୍ଷଣ ମଧ୍ୟରେ ସନ୍ତୁଳନ ସହ ଏକ ସମାନ୍ତରାଳ ଓ ସୁସ୍ଥ ସମାଜ ସୃଷ୍ଟି କରିପାରିବ ପରିବେଶର ଏକ ଭଲ ପରିଚାଳନା କେବଳ ସମସ୍ତଙ୍କୁ ଏକ ସ୍ଥାୟୀ ଜୀବନ ଆଣିପାରେ ତାହା ନୁହେଁ ଏହା ହେଉଛି ଏକ ଯୁଗାନ୍ତର ପରିବର୍ତ୍ତନର ମଧ ମାଧ୍ୟମ ହୋଇପାରେ। ମାନବ ସମାଜର ଏହା ମଧ ଏକ କର୍ତ୍ତବ୍ୟ ଯେ ଆମର ପରିବେଶରେ ଥିବା ପ୍ରାକୃତିକ ଜଙ୍ଗଲର ସୁରକ୍ଷା ସହ ଜଙ୍ଗଲର ସଂରକ୍ଷଣ ତଥା ମୁଖ୍ୟତଃ ଏହାର ଉପଯୁକ୍ତ ବ୍ୟବହାର, ସଂରକ୍ଷଣ ଏବଂ ବିନାଶକାରୀ ପ୍ରଭାବ ଏବଂ ଅପବ୍ୟବହାରର ସୁରକ୍ଷା ସହିତ ଜଡିତ ଆମେ ଆମର ପ୍ରାକୃତିକ ଜଙ୍ଗଲର ସୁରକ୍ଷା କରିବା ସହ ଏଥିରେ ବସବାସ କରିଥିବା ଅନେକ ବନ୍ୟପ୍ରାଣୀଙ୍କ ସୁରକ୍ଷା ମଧ ଏହି ପରିବେଶ ସୁରକ୍ଷା ସମ୍ପାଦନାର ଅଂଶ ବିଶେଷ। ତାହା ସହ ଯେଉଁ ଭଳି ଭାବରେ ମାନବ ସମାଜ ଦୃତ ଗତିରେ ବୃଦ୍ଧିପାଉଛି ଏହାକୁ ନେଇ ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ବିଭିନ୍ନ ଉଚ୍ଚ ଆକାଂକ୍ଷା ଓ ବିଳାସ ବ୍ୟସନ ମଧରେ ଦୂରତା ସ୍ଥାପନ କରିବା ସହ ପରିବେଶ ପ୍ରତି ଜାଗ୍ରତ ହେବା ଆମର ଲକ୍ଷ୍ୟ ହେବା ଦରକାର। ଏଥିପାଇଁ ଆମର ପ୍ରଥମ ପଦକ୍ଷେପ ନିଜ ଘରୁ ଆରମ୍ଭ କରିବା ସହ ଘରର ଡଷ୍ଟବିନରେ ପକାଯାଇଥିବା ଆବର୍ଜନା ପରିମାଣକୁ ହ୍ରାସ କରିବାକୁ ପ୍ରାଥମିକତା ଦେବା ପ୍ରତିଟି ମନୁଷ୍ୟ କ୍ଷେତ୍ରରେ ଆବଶ୍ୟକତା ରହିଛି। ବର୍ଜ୍ୟବସ୍ତୁକୁ ପୁନଃ ବ୍ୟବହାର କରିବାର ମାନସିକତା ରଖିବାର ମଧ ଆବଶ୍ୟକ ରହିଛି। ପୁନଃ ବ୍ୟବହାର ପଦ୍ଧତି ଉଚ୍ଚମାନର ହେବା ସହ ଏଥିପାଇଁ ଜୈବ ବିବିଧତା ସଂରକ୍ଷଣ ଏବଂ ନିରନ୍ତର ବ୍ୟବହାର ପାଇଁ ନୂତନ ରଣନୀତି ଯୋଡାଯିବା ଉଚିତ ପ୍ରାକୃତିକ ପରିବେଶର ସୁରକ୍ଷା ତଥା ଉନ୍ନତି ପାଇଁ ପରିବେଶ ନିୟମର ଏକ କ୍ରମ ମଧ ପ୍ରସ୍ତୁତ କରାଯାଇଅଛି। ଆସନ୍ତୁ ଆମେ ସମସ୍ତେ ଏକ ସ୍ୱରରେ ଆସନ୍ତା ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଏକ ପ୍ରତିଶ୍ରୁତି ବଦ୍ଧ ହେବା, ପରିବେଶର ସଂରକ୍ଷଣ ତଥା ଏହାର ସୁରକ୍ଷାର ଦାୟିତ୍ୱ ପ୍ରତିଟି ମନୁଷ୍ୟର କାନ୍ଧରେ ଅର୍ପଣ କରି ଏହି ବିଶ୍ୱ ପରିବେଶ ଦିବସକୁ ସ୍ମରଣୀୟ ଦିବସରେ ପରିଣତ କରିବା। ଏହା ମଧ ଆମର ଅନୁରୋଧ ଯେ ଆମକୁ ଏକତ୍ରିତ ହେବା ସହ ପରିବେଶର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ତଥା ଅକ୍ଷୟ ଶକ୍ତି ଏବଂ ସବୁଜ ପ୍ରଯୁକ୍ତିବିଦ୍ୟାକୁ ଅନୁସନ୍ଧାନ କରିବା, ସଚେତନତା ଏବଂ ପରିବେଶ ସୁରକ୍ଷା ଦେବାକୁ ପ୍ରତିଜ୍ଞାବଦ୍ଧ ହେବାକୁ ପଡିବ। ନୋଚେତ ବର୍ତ୍ତମାନ ପରିସ୍ଥିତିକୁ ଦେଖିଲେ ଏହି ସମସ୍ୟାର ବିଭିନ୍ନ ଦିଗ ଉପରେ ଜନ ସଚେତନତା ସୃଷ୍ଟି ନ କରାଯାଏ ଏହାର ପରିଣାମ ଆମକୁ ହିଁ ଭୋଗିବାକୁ ପଡିବ। ତେଣୁ ଆମେ କହୁଛୁ ପରିବେଶ ସୁରକ୍ଷା ହିଁ ମାନବ ସମାଜର ସୁରକ୍ଷା।

**ବିଜୟ କୁମାର ଦାସ**
**ସାମ୍ବାଦିକ**

# ଜାତୀୟ ଅନୁସୂଚୀତ ଜନଜାତି ଆୟୋଗର ସଦସ୍ୟ ଡ଼ା. ଅଶା ଲାକ୍ରାଙ୍କ ସମ୍ବଲପୁର ଗସ୍ତ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ବୁଧବାର ଜାତୀୟ ଅନୁସୂଚୀତ ଜନଜାତି ଆୟୋଗର ସଦସ୍ୟ ଡ଼. ଅଶା ଲାକ୍ରା ଆଜି ସମ୍ବଲପୁର ଜିଲ୍ଲା ଗସ୍ତରେ ଆସି ଆମ ଜିଲ୍ଲାର ବିଭିନ୍ନ ଜନଜାତି ପ୍ରତିନିଧି, ଜନଜାତି ସଂଗଠନମାନଙ୍କ ସହିତ ଏକ ବୈଠକ ସମ୍ବଲପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ କରିଥିଲେ। ଏହି ବୈଠକରେ ଅନୁସୂଚିତ ଜନଜାତି ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ତ ସମସ୍ୟା ଜାତୀୟ ଅନୁସୂଚିତ ଜନଜାତି ଆୟୋଗର ମାନ୍ୟବର ସଦସ୍ୟଙ୍କ ସମ୍ମୁଖରେ ପ୍ରତିପାଦନ କରଯାଇଥିଲା। ଏହି ବୈଠକରେ ଜନଜାତି ସମୁଦାୟଙ୍କର ସାମ୍ବିଧାନିକ ଅଧିକାର, ସାମାଜିକ, ଶିକ୍ଷାଗତ ଓ ଆର୍ଥିକ ବିକାଶ ଓ ପ୍ରଚଳିତ ବିଭିନ୍ନ ସରକାରୀ ଯୋଜନା ଆଦି ବିଷୟରେ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ। ଜାତୀୟ ଅନୁସୂଚୀତ ଜନଜାତି ଆୟୋଗ, ଅନୁସୂଚୀତ ଜନଜାତି ମାନଙ୍କର ଅଧିକାର ରକ୍ଷା କରିବା, ସେମାନଙ୍କର ସମୃଦ୍ଧି ଓ ଉନ୍ନତି ପାଇଁ କାର୍ଯ୍ୟ କରିବା, ସମ୍ବିଧାନ, କାନୁନ ଓ ନୀତି ଅନୁସାରେ ଜନଜାତିମାନେ ପାଇଥିବା ସୁରକ୍ଷା ଓ ସୁବିଧାଗୁଡିକର ପ୍ରଭାବକାରି ରୂପରେ କାର୍ଯ୍ୟାନ୍ୱୟ ହେଉଛି କି ନାହିଁ, ତାହା ନିରୀକ୍ଷଣ କରିବା ଉପରେ କାମ କରେ ବୋଲି ସେ ସମସ୍ତଙ୍କୁ ଅବଗତ କରାଇଥିଲେ। ପ୍ରଚଳିତ ସରକାରୀ ସୁବିଧା କିମ୍ବା ନିଜ ଅଧିକାରରୁ ବଞ୍ଚିତ ରହୁଛନ୍ତି, କିମ୍ବା କୌଣସି ଅସୁବିଧା ପାଇବାର ସମ୍ମୁଖୀନ ହେଉଛନ୍ତି। ତେବେ ଏହି ସବୁ ବିଷୟରେ ନିର୍ଭୟରେ ଅନୁସୂଚୀତ ଜନଜାତି ଆୟୋଗକୁ ଏନସିଏସଟିଜିଆର ଏଏମଏସ ନେଟୱାର୍କ ମାଧ୍ୟମରେ ନିଜର ଅଭିଯୋଗ ଅବଗତ କରାଇ ପାରିବେ ବୋଲି ସେ ସୂଚନା ଦେଇଥିଲେ। ପରେ ଜାତୀୟ ଅନୁସୂଚୀତ ଜନଜାତି ଆୟୋଗର ସଦସ୍ୟ ଡ଼. ଅଶା ଲାକ୍ରା ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଭ୍ରା.ପ୍ର.ସେ), ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ (ଭା.ପୋ.ସେ)ଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକର ମୁଖ୍ୟତ ଜିଲ୍ଲାର ଅନୁସୂଚୀତ ଜନଜାତି ଲୋକଙ୍କ ସମ୍ବିଧାନିକ ସୁରକ୍ଷା, ଉନ୍ନତି, ସାମାଜିକ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ଓ ଅଧିକାର ସମ୍ପର୍କିତ ବିକାଶ ମୂଳକ କାର୍ଯ୍ୟ ଆଦି ବିଷୟରେ ଏକ ବ୍ୟାପକ ସମୀକ୍ଷା କରିଥିଲେ। ମୁଖ୍ୟତଃ ଅନୁସୂଚୀତ ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପଆଉଟ୍ ହେବା, ସେମାନଙ୍କ ଶିକ୍ଷା ବ୍ୟବସ୍ଥା, ସେମାନଙ୍କ ପାଇଁ ଛାତ୍ରାବାସର ବ୍ୟବସ୍ଥା ଏବଂ ଏସଟି ଆର୍ଥିକ ନିଗମ ଦ୍ୱାରା କାର୍ଯ୍ୟକାରୀ ଯୋଜନା, ଏସଟି ପଟ୍ଟା, ଏସଟି ମହିଳାଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ କାର୍ଯ୍ୟକଳାପ ଓ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଓ ବିଭିନ୍ନ ରୋଜଗାର ଭିତ୍ତିକ ଯୋଜନା ଓ ବିତ୍ତୀୟ ନିଗମ ଦ୍ୱାରା ପ୍ରଦାନ କରାଯାଉଥିବା ସହାୟତା ବିଷୟରେ ଆଲୋଚନା କରାଯାଇଥିଲା। ଉଭୟ ବାଳକ ଏବଂ ବାଳିକାଙ୍କ ପାଇଁ ୫୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ପାଇଁ ପ୍ରସ୍ତାବ ଦାଖଲ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ଯେଉଁ ଛାତ୍ରଛାତ୍ରୀମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ଡ୍ରପ୍ ଆଉଟ୍ ଅଛନ୍ତି, ସେମାନଙ୍କର ଫି ସିଏସ୍ଆର୍ ପାଣ୍ଠି ମାଧ୍ୟମରେ ପ୍ରଦାନ କରାଯାଇ ପାରିବ।

# ସୁପର ପ୍ରିମିୟମ ବସ୍ ସେବାର ଶୁଭାରମ୍ଭ କଲେ ଜିଲ୍ଲାପାଳ




**ଖୋର୍ଦ୍ଧା,(ଡିକେ ନ୍ୟୁଜ୍):** ବିଶାଖାପାଟଣା ସୁପର ପ୍ରିମିୟମ ଭଲୋଭ ବସ୍ ସେବାକୁ ଜିଲ୍ଲାପାଳ ଚଞ୍ଚଳ ରାଣା ଓ ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଆମ୍ବେଦକର ମାର୍ଗରେ ଯାତ୍ରୀ ପରିବହନ ବସ୍ ସେବାର ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କର 'ଶୂନ ଦୁର୍ଘଟଣା ଦିବସ' ଅଭିଯାନ ଶୁଭାରମ୍ଭ ଉପଲକ୍ଷେ ମୁଖ୍ୟମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ଅତ୍ୟାଧୁନିକ ଯୁଗାନ୍ତକାରୀ ଯୋଜନା ଓ ପ୍ରକଳ୍ପରର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରେ ୨୭.୦୩ କୋଟି ଶ୍ରୀ ଜଗନ୍ନାଥ ଇଣ୍ଟର୍ ଷ୍ଟେଟ ସୁପର ପ୍ରିମିୟମ ବସ୍ ଏକ୍ସପ୍ରେସ ସେବାକୁ ଉଦ୍‌ଘାଟନ କରି ଶୂନ ଦୁର୍ଘଟଣା, ବିକଶିତ ଓଡ଼ିଶା ଗଠନରେ ଆମ ସମସ୍ତଙ୍କ ପାଇଁ ଏକ ପ୍ରତିବଦ୍ଧତା ବୋଲି ଆହ୍ୱାନ ଦେବାସହ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବ୍ରାଣ୍ଡ ଆମ୍ବାସାଡ଼ାର ଭାବେ ଦିଗପହଣ୍ଡି, ବିଧାୟକ, ତଥା ଓଲିଉଡ ଷ୍ଟାର ସିଦ୍ଧାନ୍ତ ମହାପାତ୍ର ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଟୋମେଟଡ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ (ଏ.ଡି.ଟି.ଏସ), ଗାଉଣ୍ଡ ବ୍ରେକିଂ ଅଟୋମେଟେଡ ଟେଷ୍ଟିଂ ଷ୍ଟେସନ, ରେଜିଷ୍ଟେଣ୍ଡ ଭେହିକିଲ ସ୍କାର୍ପିଂ ଫାସିଲିଟୀ (ଆର. ଭି.ଏସ ଏଫ୍), ଭୁବନେଶ୍ୱର -୨କୁ ନେଇ ୨୧ଗୋଟି ଏ.ଟି.ଏସ କେନ୍ଦ୍ର, ଆର.ଭି.ଏସ.ଏଫ୍. ଏବଂ ଦିଶାର ଉଦ୍‌ଘାଟନ, ଅଟଳ ବସ୍ ଷ୍ଟାଣ୍ଡ, ଷ୍ଟିମୁଲେଟର, କ୍ରିଉ ଟ୍ରେନିଙ୍ଗ, ମାରିଟାଇମ୍ ଏକାଡେମୀ ଗୁଡ ସମରିଟାନ ମାନଙ୍କୁ ସମ୍ବର୍ଦ୍ଧିତ କରିବା ଅତ୍ୟାଧିନିକ ପ୍ରକଳ୍ପ କାର୍ଯ୍ୟ ଉଦ୍‌ଘାଟନ ଓ ଶିଳାନ୍ୟାସ କରି ରାଜ୍ୟବାସୀଙ୍କ କଲ୍ୟାଣରେ ଲାଗୁ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭର୍ଚୁଆଲ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପ-ଜିଲ୍ଲାପାଳ, କିଶୋର କୁମାର ପଣ୍ଡା, ଖୋର୍ଦ୍ଧା ଆଞ୍ଚଳିକ ପରିବହନ ଅଧିକାରୀ, ଅରବିନ୍ଦ ନାୟକ, ଜିଲ୍ଲା ପରିଚାଳକ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଲିଜାରାଣି ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ପରିବହନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

# ପରମାଣପୁରରେ ବିଶାଳ ତ୍ରିରଙ୍ଗା ଯାତ୍ରା



**ସମ୍ବଲପୁର,(ଡିକେ ନ୍ୟୁଜ୍):** ଅପରେସନ ସିନ୍ଦୂରରେ ଭାରତୀୟ ସେନାର ବୀରତ୍ୱ, ଶୌର୍ଯ୍ୟ ଓ ପରାକ୍ରମକୁ ନେଇ ଭାରତୀୟଙ୍କ ମନରେ ଉତ୍ସାହ ରହିଛି। ଭାରତୀୟ ସେନା ବାହିନୀର ସମର୍ଥନରେ ଓ ଉତ୍ସାହ ବର୍ଦ୍ଧନ ପାଇଁ ସମଗ୍ର ଦେଶରେ ଆୟୋଜିତ ହେଉଛି ତ୍ରିରଙ୍ଗା ଯାତ୍ରା। ଏହି ମର୍ମରେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପରମାଣପୁର ମଣ୍ଡଳରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରମାନପୁର ଅଞ୍ଚଳରେ ସହସ୍ରାଧିକ ମହିଳା ପୁରୁଷ ଯୁବକ ଯୁବତୀ ଉତ୍ସାହ ସହ ସାମିଲ ହୋଇଥିଲେ। ଏଥିରେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ନରେନ୍ଦ୍ର ମିଶ୍ର, ରାମଚନ୍ଦ୍ର ମେହେର, ଦାମୋଦର କର, ମୋତିଲାଲ ତନ୍ତୀ, ବିଭୂତି ପାଢ଼ୀ, ଚନ୍ଦ୍ରଶେଖର ପଣ୍ଡା, ଉତ୍ତମ ବିଶ୍ୱାଳ, ମଣ୍ଟୁ ଅଗ୍ରୱାଲ, ସଞ୍ଜୀବ ବାରିକ, ସୁରେନ୍ଦ୍ର ପ୍ରଧାନ, ଓମ ପ୍ରକାଶ ବେହେରା, ମହେନ୍ଦ୍ର ନାଥ, ରୁକ୍ମିଣୀ ମହାନନ୍ଦ, ପ୍ରତିମା ସାହୁ, ସୁପ୍ରଭା ବେହେରା ପ୍ରମୁଖ ସାମିଲ ଥିଲେ।

# ମାନେଶ୍ୱର ବ୍ଲକ ଠାରେ ଜନ ଅଭିଯୋଗ ଶୁଣାଣି



**ସମ୍ବଲପୁର,(ଡିକେ ନ୍ୟୁଜ୍):** ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ ଠାରେ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ୍ ବୋନ୍ଦର (ଭା.ପ୍ର.ସେ) ଏବଂ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯୋଗ ଶୁଣାଣୀ ଠାରେ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମୋଟ ୧୩ ଟି ଆବେଦନ ଗ୍ରହଣ କରାଯାଇ ଥିଲା ଯେଉଁଥିରୁ ୧୧ ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୦୨ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା। ଉକ୍ତ ଅଭିଯୋଗ ଶୁଣାଣୀ ଠାରେ ୧ ଅଭିଯୋଗର ସମାଧାନ କରାଯାଇଥିଲା। ତମାଖୁ ନିଷେଧ ଉପଲକ୍ଷେ ଲୋକଙ୍କୁ ସଚେତନ କରାଇବା ପାଇଁ ଜିଲ୍ଲାପାଳ ଏକ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ସୁନା ଗହଣା ଭର୍ତ୍ତି ବ୍ୟାଗ୍ ଝାମ୍ପିନେଲେ ଦୁର୍ବୃତ୍ତ

**ମାଲକାନଗିରି,(ହି.ସ.):** ରାତିରେ ଦୋକାନ ବନ୍ଦ କରି ସୁନା ବ୍ୟାଗ୍ ନେଇ ଘରକୁ ଫେରିବା ବେଳେ ଲୁଟ୍ । ଘର ସମ୍ମାରୁ ଗୋଟିଏ ସୁନା ଗହଣା ଭର୍ତ୍ତି ବ୍ୟାଗ୍ ଝାମ୍ପିନେଲେ ଦୁର୍ବୃତ୍ତ । ମାଲକାନଗିରି ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ମାଲକାନଗିରି ଜିଲ୍ଲା ସଦର ମହକୁମାର ବଣ୍ଡା ବାକୁଲି ଗୁଡା ସାହିରେ ଏଭଳି ଘଟଣା ଘଟିଛି। ସୂଚନା ମୁତାବକ, ମାଲକାନଗିରି ସଦର ମହାକୁମାରେ ଥିବା ପ୍ରସାଦ ଜୁଲେରୀ ର ମାଲିକ ପ୍ରସାଦ ସବୁ ଦିନ ପରି ଗତକାଲି ରାତ୍ରୀରେ ନିଜ ସୁନା ଦୋକାନ ବନ୍ଦ କରି ଦୋକାନ ନିକଟରେ ଥିବା ଘରକୁ ଦୁଇଟି ବ୍ୟାଗରେ ସୁନା ଓ ଟଙ୍କା ନେଇ ଚାଲି ଚାଲି ଆସୁଥିଲେ। ଚାଲି ଚାଲି ଆସି ତାଙ୍କ ଘର ସମ୍ମୁଖରେ ପହଂଚିଥିଲେ । ଠିକ୍ ଏହି ସମୟରେ ପଛପଟୁ ଗୋଟିଏ ମୋଟର ସାଇକେଲରେ ୨ଜଣ ଦୁର୍ବୃତ୍ତ ଆସି ଦୁଇଟି ବ୍ୟାଗ୍ରୁ ଝାମ୍ପି ନେବାକୁ ଉଦ୍ୟମ କରିଥିବା ବେଳେ ଗୋଟିଏ ବ୍ୟାଗ୍ ନେଇ ସେଠାରୁ ଫେରାର ହୋଇଯାଇଥିଲେ । ତେବେ ଏହି ସମୟରେ ସେହି ସ୍ଥାନଟି ଜନଗହଳି ପୂର୍ଣ ଥିବା ବେଳେ କିଏ ଏହି ଚୋରି କଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପୂର୍ବରୁ ମଧ୍ୟ ନିଶା ଯୁକ୍ତ ଖାଦ୍ୟ ଦେଇ ଉକ୍ତ ଦୋକାନୀଙ୍କ ଘରୁ ସୁନା ଚୋରି ହୋଇଥିଲା । ଏହି ଘଟଣା ସମ୍ପର୍କରେ ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ସାରା ରାତି ପୁଲିସ ଭ୍ୟାନ୍ ପାଟ୍ରୋଲିଂ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଲୁଟେରାଙ୍କ ପତ୍ତା ମିଳିନି।

# ଜୁନ ୭ରେ ପବିତ୍ର 'ଇଦ-ଉଲ-ଯୋହା ପର୍ବ

**ଭଦ୍ରକ, (ହି.ସ.):** ଭଦ୍ରକ ମୁସଲିମ ଜମାତର ଏକ ବୈଠକ ପୁରୁଣା ବଜ଼ାର ସ୍ଥିତ ମଦିନା ମଇଦାନ ଠାରେ ଉପ-ସଭାପତି ମହମ୍ମଦ ଜ଼କାଉଲ୍ଲା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ଇଦ-ଉଲ-ଯୋହା ପର୍ବ ପାଇଁ ବସିଥିଲା ଏବଂ ଚନ୍ଦ୍ର ଦର୍ଶନର ପ୍ରମାଣ ପାଇଲା ପରେ ଚଳିତ ଜୁନ ୭ ତାରିଖ ଶନିବାର ରେ ପବିତ୍ର 'ଇଦ-ଉଲ-ଯୋହା' ପର୍ବ ପାଳନ ହେବ ବୋଲି ସିଦ୍ଧାନ୍ତ ହେଲା । ପୁରୁଣା ବଜ଼ାର ସ୍ଥିତ ଜାମା ମସଜିଦ ରେ ସକାଳ ୮-୧୫ ମିନିଟ ଓ ଇଦଘା ଠାରେ ସକାଳ ୮-୩୦ ମିନିଟରେ ସମୂହ ନମାଜ ପାଠ ହେବ ଏବଂ ଭିନ୍ନ ଭିନ୍ନ ମସଜିଦରେ ସକାଳ ୭ ଘଟିକା ଠାରୁ ସକାଳ ୯ ଘଟିକା ମଧ୍ୟରେ ନମାଜ ପାଠ ସରିବ । ଇସଲାମ ଧର୍ମରେ ମୁସଲମାନ ମାନଙ୍କ ସମସ୍ତ ପର୍ବ ପର୍ବାଣୀ ଚନ୍ଦ୍ର ଦର୍ଶନକୁ ନେଇ ଦିନ ଗଣନା କରାଯାଇ ପ୍ରତ୍ୟେକ ପର୍ବ ପାଳନ ହୋଇଥାଏ। ଇସଲାମ ଧର୍ମର ଶେଷ ମାସ ଇଦ-ଉଲ-ଯୋହା ପର୍ବ ଭଦ୍ରକ ଓ ଆମ ଭାରତ ସହିତ ବିଶ୍ୱରେ ମଧ୍ୟ ଏହି ପର୍ବ ପାଳନ ହୋଇଥାଏ । ଏହି ପର୍ବ ତ୍ୟାଗ, ଧର୍ମ, ଦାନ, ଖୁସୀ , ବଳିଦାନ ଓ ଭାଇଚାରାର ପର୍ବ। ଏହି ପର୍ବ ଚନ୍ଦ୍ର ଦର୍ଶନ ର ୧୦ ଦିନରେ ହୋଇଥାଏ। ଏହି ବୈଠକ ରେ ମୁସଲିମ ଜମାତ ର ସାଧାରଣ ସମ୍ପାଦକ ହାଜି ଶେଖ ଏନାମ ମହମ୍ମଦ, ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ହାଜି ଅନୱାର ହୋସେନ, ହାଜି କାସିମ ଖାନ, ମିର୍ଜା ଏକ୍ରାମ ବେଗ, ଅସରଫ ଅଲି ଖାନ, ଜମିଲ ଅଖତର ଖାନ, ଇଂ. ରେଜାଏ ରସୁଲ, ଇଂ. ହବିବୁଲ୍ଲା ଖାନ , ମାଷ୍ଟର ମୁସ୍ତାକ ଗୌହର ଓ ମିଡ଼ିଆ ସେଲ ସଂଯୋଜକ ଶେଖ ଅନୱର ପ୍ରମୁଖ ଉପସ୍ଥିତ ରହି ଏହି ପର୍ବ ଚଳିତ ଜୁନ ୭, ୮ ଓ ୯ ତାରିଖ ତିନିଦିନ ପର୍ଯ୍ୟନ୍ତ ପର୍ବ ଚାଲୁ ରହିବ ବୋଲି ଆଲୋଚନା ହୋଇଥିଲା।

# ମାଲକାନଗିରି ଜିଲ୍ଲାରେ ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ କରୁଛି ଟିପିଏସ୍ଓଡିଏଲ୍

**ମାଲକାନଗିରି,(ଡିକେ ନ୍ୟୁଜ୍):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ ମାଲକାନଗିରି ଜିଲ୍ଲାର ମାଥିଲି ପ୍ରାଇମେରୀ ସବଷ୍ଟେସନ (ପିଏସ୍ଏସ୍)ର ଉନ୍ନତିକରଣ କରାଯାଇଛି। ମାଲକାନଗିରିର ଆଦିବାସୀ ବହୁଳ ତଥା ପାହାଡ଼ ଜଙ୍ଗଲ ଘେରା ଅଞ୍ଚଳରେ ଗୁଣାତ୍ମକ ଏବଂ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସମୃଦ୍ଧ ଜନଜାତି ସଂସ୍କୃତି ଏବଂ ଘଞ୍ଚ ଜଙ୍ଗଲ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପରିଚିତ ମାଲକାନଗିରି ଜିଲ୍ଲାରେ ଅନେକ ଜନଜାତି ଗୋଷ୍ଠୀ ବସବାସ କରନ୍ତି। ମାଳ ଭୂଇଁ, ଉପତ୍ୟକା ଏବଂ ପାହାଡି ନଦୀ ଝରଣାରେ ଭରପୂର ଏହି ଅଞ୍ଚଳର ପ୍ରାକୃତିକ ଦୃଶ୍ୟ ବେଶ୍ ଆକର୍ଷକ। କିନ୍ତୁ ଭୌଗୋଳିକ ଦୃଷ୍ଟିରୁ ବିଜୁଳି ବିତରଣ ପାଇଁ ଏଠାରେ ଅନେକ ଆହ୍ୱାନ ମଧ୍ୟ ରହିଛି। ପୂର୍ବରୁ ମାଥିଲି ପିଏସ୍ଏସରେ ୫ ଏମଭିଏ ଏବଂ ୩.୧୫ ଏମଭିଏ କ୍ଷମତା ବିଶିଷ୍ଟ ଦୁଇଟି ପାୱାର ଟ୍ରାନ୍ସଫର୍ମର ଥିଲା। ବର୍ତ୍ତମାନ ଏହି ୩.୧୫ ଏମଭିଏ ଟ୍ରାନ୍ସଫର୍ମର ବଦଳରେ ଏକ ନୂତନ ୫ ଏମଭିଏ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଯାହା ଫଳରେ ସବଷ୍ଟେସନର ମୋଟ କ୍ଷମତା ୧୦ ଏମଭିଏକୁ ବୃଦ୍ଧି ପାଇଛି। ଏହି ଉନ୍ନତିକରଣ ପଦକ୍ଷେପ ଦ୍ୱାରା ଏହି ଅଞ୍ଚଳର ପ୍ରାୟ ୬,୦୦୦ ରୁ ଅଧିକ ଉପଭୋକ୍ତା ଉପକୃତ ହୋଇଛନ୍ତି ଏବଂ ସ୍ଥାନୀୟ ଅଞ୍ଚଳର ଘର, ସ୍କୁଲ, କଲେଜ, ଡାକ୍ତରଖାନା ଓ ସରକାରୀ କାର୍ଯ୍ୟାଳୟଗୁଡିକୁ ସ୍ଥାୟୀ ଓ ଭରସାଯୋଗ୍ୟ ବିଜୁଳି ସେବା ପହଞ୍ଚିପାରିଛି। ଏହି ପଦକ୍ଷେପ ଉପରେ ଗୁରୁତ୍ୱ ଦେଇ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ମାଥିଲି ପିଏସ୍ଏସର ଉନ୍ନତିକରଣ ପରେ ମାଲକାନଗିରି ଜିଲ୍ଲାର ଉପଭୋକ୍ତାଙ୍କ ବିଜୁଳି ଚାହିଦା ପୂରଣ ହେବା ସହ ଲୋକଙ୍କ ନିକଟରେ ଗୁଣାତ୍ମକ ସେବା ପହଞ୍ଚିପାରିଛି। ସବଷ୍ଟେସନର କ୍ଷମତା ବୃଦ୍ଧି ସହ ଆମେ ଆଦିବାସୀ ଅଧୁଷିତ ମାଳ ଅଞ୍ଚଳରେ ବିଜୁଳି ସେବାକୁ ଉନ୍ନତ କରିଛୁ। ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଉତ୍ତମ ମାନର ବିଜୁଳି ସେବା ଯୋଗାଇବା ଦିଗରେ ଆମ ପ୍ରୟାସ ଜାରି ରହିଛି। ମାଲକାନଗିରି ଭଳି ଜନଜାତି ବହୁଳ ଏବଂ ପାହାଡିଆ ଇଲାକାରେ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ ରହିଛି। ଯାହା ଫଳରେ ଭରସାଯୋଗ୍ୟ ବିଜୁଳି ସେବା ସୁନିଶ୍ଚିତ ହେବା ସହ ସ୍ଥାନୀୟ ଅଞ୍ଚଳର ବିକାଶକୁ ପ୍ରୋତ୍ସାହନ ମିଳିପାରିବ।

# ଗୋ ଚାଲାଣରୁ ରକ୍ତପାତ : ୬ ଗିରଫ

**ଭଦ୍ରକ, (ହି.ସ.):** ଗୋ ଚାଲାଣରୁ ରକ୍ତପାତ ଘଟଣା ଘଟିଥିଲା ମେ ୩୦ ତାରିଖରେ। ମଧ୍ୟସ୍ଥି କରିବାକୁ ଯାଇ ସନ୍ତୋଷ ପରିଡ଼ା (୩୨) ଏବେ ରାଜଧାନୀର ଏକ ହସ୍ପିଟାଲର ଆଇସିୟୁରେ। ଗୋ ରକ୍ଷକମାନେ ତାଙ୍କ ଆଶୁ ଆରୋଗ୍ୟ କାମନା କରି ତଳଗୋପବିନ୍ଧା ଏବଂ କୁବେରାର ବିଭିନ୍ନ ମନ୍ଦିରରେ ଦୀପ ଜାଳୁଛନ୍ତି। ଅନ୍ୟପକ୍ଷରେ ତିହିଡ଼ି ଥାନାଧିକାରୀ ଫେରାର ଥିବା ୧୦ ଅଭିଯୁକ୍ତଙ୍କ ମଧ୍ୟରୁ ୬ ଜଣଙ୍କୁ ଚତୁରତା ସହକାରେ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛନ୍ତି। ପରିସ୍ଥିତି ଏଯାଏ ଉତେଜନାପୁର୍ଣ୍ଣ ରହିଛି। ଯେଉଁଥିପାଇଁ କଷଟି, ଦେଉଳା ଓ ଜୟପୁରଠାରେ ପୁଲିସ ଫୋର୍ସ ମୁତୟନ ହୋଇ ରହିଛନ୍ତି। କେତେକ ବ୍ୟକ୍ତି ତିହିଡ଼ି ବ୍ଲକରୁ କିଛି ଗୋରୁ ନେଇ ଗୁଜିଦରଡା ଆଡ଼କୁ ଯାଉଥିଲେ। ଏମାନଙ୍କୁ କଷଟିଠାରେ ଅଟକାଇ କାହିଁକି ଗୋ-ଚାଲାଣ କରୁଛ ବୋଲି ପ୍ରତିବାଦ କରିଥିଲେ କିଛି ଯୁବକ। ଏହି ଖବର ଗୁ ଜିଦରଡ଼ା ବସ୍ତିରେ ପହଞ୍ଚି ଯିବାରୁ ଶତାଧିକ ସଂଖ୍ୟାଲଘୁ ମାରଣାସ୍ତ୍ର ଧରି କଷଟି ଆଡ଼କୁ ମୁହାଁଇଥିଲେ। ଏହାକୁ ଲକ୍ଷ୍ୟ କରି କଷଟି ଗ୍ରାମର ସନ୍ତୋଷ ପରିଡ଼ା ଏବଂ ଅନ୍ୟଜଣେ ଯୁବକ ମଧ୍ୟସ୍ଥି କରିବାକୁ ଆଗକୁ ଯାଇଥିଲେ ସେ ହି ଲୋକମାନଙ୍କୁ ଅଟକାଇ ବୁଝାସୁଝା କରିବାକୁ। ମଧ୍ୟସ୍ଥି କରିବାକୁ ଯାଇଥିବା ସନ୍ତୋଷକୁ କିଛି ନ ବୁଝି ସଂଖ୍ୟାଲଘୁ ମାନେ ନିର୍ଘାତ ପିଟିଥିଲେ। ଯେଉଁଥିରେ ସେ ଗୁରୁତର ହୋଇ ଏବେ ରାଜଧାନୀର ବେସରକାରୀ ଡାକ୍ତରଖାନାରେ। ସନ୍ତୋଷଙ୍କ ପତ୍ନୀ ମିନତୀ ବେହେରା ତିହିଡ଼ି ଥାନାରେ ଦେଇଥିବା ଏତଲା ବଳରେ କେସ୍‌ନଂ ୧୯୭/୨୫ କେସ୍ ନଂ ୧୯୮/୨୫ ବଳରେ ମକଦ୍ଦମା ମଧ୍ୟ ରୁଜୁ ହୋଇଛି ।ଆଜି ଭଦ୍ରକ ଏସପି ମଡକର ସନ୍ଦିପ ସମ୍ପଦ ଘଟଣା ସ୍ଥଳରେ ପହଁଚି ଲୋକ ମାନଙ୍କୁ ବୁଝାସୁଝା କରୁ ଥିଲେ। ଏଡିସିନାଲ ଏସପି ଅଂଶୁମାନ ଦ୍ୱିବେଦୀ ସହ ଏକ ଟିମ୍ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ୬ ଜଣ ଙ୍କୁ ଗିରଫ କରି ଥିବା ବେଳେ, ଆଉ ସମସ୍ତଙ୍କୁ କେବେ ଗିରଫ କରିବେ ସନ୍ତୋଷ ର ପତ୍ନୀ ମିନତି କହିଛନ୍ତି।

# ଦୀର୍ଘ ୧୫ବର୍ଷ ପରେ ଇନ୍ଦ୍ରାବତୀ ଦକ୍ଷିଣ ସଂପ୍ରସାରଣ କେନାଲ ପ୍ରଣାଳୀର ରାସ୍ତା ଉନ୍ନତିକରଣ

**କଳାହାଣ୍ଡି,(ହି.ସ):** ଉପର ଇନ୍ଦ୍ରାବତୀ ପ୍ରକଳ୍ପର ଦକ୍ଷିଣ କେନାଲ ବିଭାଜନ ନ - ୨, ଜୁନାଗଡ ଅନ୍ତର୍ଗତ ଦକ୍ଷିଣ ସଂପ୍ରସାରଣ କେନାଲ ପ୍ରଣାଳୀ ଦ୍ୱାରା କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଓ କେସିଙ୍ଗା ବ୍ଲକରେ ୧୫୨୬୦ ହେକ୍ଟର ଚାଷ ଜମିକୁ ଜଳସେଚନ କରିବା ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି କେନାଲ ପ୍ରଣାଳୀ ଭବାନୀପାଟଣା ବ୍ଲକର ବଡଫୁଣ୍ଡତା ଗ୍ରାମରୁ କେସିଙ୍ଗା ବ୍ଲକର ଗୌଡତଲା ଗ୍ରାମ ପର୍ଯ୍ୟନ୍ତ ଯାଇଅଛି ଏବଂ ଏହାଦ୍ୱାରା ଭବାନୀପାଟଣା ବ୍ଲକର ୩୨ ଗୋଟି ଓ କେସିଙ୍ଗା ବ୍ଲକର ୧୭ ଗ୍ରାମ ଉପକୃତ ହେଉଛନ୍ତି। ଏହି ସବୁ ଗ୍ରାମର ଚାଷୀ ଓ ଅଞ୍ଚଳବାସୀ ଇନ୍ଦ୍ରାବତୀ କେନାଲ ବନ୍ଧ ରାସ୍ତା ଗୁଡିକୁ ତାଙ୍କର ନିତିଦିନିଆ ଯିବା ଆସିବା ବ୍ୟବହାର କରି ଆସୁଛନ୍ତି। ଏହି ରାସ୍ତା ଗୁଡିକ ଚାଷୀଭାଇ ମାନଙ୍କ ଅତ୍ୟନ୍ତ ଆବଶ୍ୟକୀୟ ହୋଇଥିବା ବେଳେ ଏହା ପୁନରୁଦ୍ଧାର ହେଉନଥିବା ଯୋଗୁଁ ଚାଷୀମାନଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିଲା। ଏହି ରାସ୍ତା ଗୁଡିକର ଦୂରାବସ୍ଥା ଯୋଗୁଁ ବିଭାଗୀୟ ଅଧିକାରୀ ମାନେ ମଧ୍ୟ ଯାତାୟାତ କରି ପାରୁନଥିଲେ। ବର୍ଷା ଦିନେ କୌଣସି ହୁଡା ଭାଙ୍ଗିଗଲେ ତାର ମରାମତି ସାମଗ୍ରୀ ପହଞ୍ଚି ପାରୁ ନଥିଲା। ଚାଷୀଙ୍କ ଅଭିଯୋଗ ଆଖିରେ ରଖି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଏବଂ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ତତ୍ପରତା ପ୍ରକାଶ କରି କାପେକ୍ସ ଯୋଜନା ଦ୍ୱାରା ୪୭ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ଉପର ଇନ୍ଦ୍ରାବତୀ ଦକ୍ଷିଣ କେନାଲ ବିଭାଜନ ନଂ-୨ ଦ୍ୱାରା ଦକ୍ଷିଣ ସଂପ୍ରସାରଣ ମୁଖ୍ୟ କେନାଲ ପ୍ରଣାଳୀର ୬୨. ୫ କିଲୋମିଟର କେନାଲ ବନ୍ଧ ରାସ୍ତାକାମ ଗୁଡିକ ତ୍ୱରାନ୍ୱିତ କରାଯାଇଛି। ଯାହାଫଳରେ ଭବାନୀପାଟଣା ବ୍ଲକ ଓ କେସିଙ୍ଗା ବ୍ଲକର ୪୯ ଟି ରାଜସ୍ୱ ଗ୍ରାମ ପ୍ରତ୍ୟକ୍ଷ ଭାବରେ ଓ ତତ୍ସଲଗ୍ନ ଅନ୍ୟାନ୍ୟ ଗ୍ରାମ ଗୁଡିକ ମଧ୍ୟ ପରୋକ୍ଷ ଭାବରେ ଉପକୃତ ହୋଇ ପାରିଛନ୍ତି। ଚାଷୀ ଭାଇଙ୍କ ଦାବି ଅନୁଯାୟୀ ନିହାତି ଜରୁରୀ ସ୍ଥାନରେ କେନାଲ ହୁଡା ବନ୍ଧ ତଳେ କଂକ୍ରିଟ ରକ୍ଷକବାଡ ଦେଇ ଚାଷୀଙ୍କର ଜମିର ସୁରକ୍ଷା ସହିତ କେନାଲର ହୁଡାର ସ୍ଥାୟୀତ୍ୱ ପ୍ରଦାନ କରାଯାଇଛି। ଏହି ସବୁ କାମ ଉପର ଇନ୍ଦ୍ରାବତୀ ଦକ୍ଷିଣ କେନାଲ ବିଭାଜନ ନ,- ୨ ଜୁନାଗଡ କାର୍ଯ୍ୟାଳୟର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଚିନ୍ତାମଣି ଜାଲଙ୍କ ତତ୍ତ୍ୱାବଧାନରେ ତଥା ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀ ଜଗନ୍ନାଥ ପାଣିଗ୍ରାହୀଙ୍କର ପ୍ରୋତ୍ସାହନ ଏବଂ କ୍ୱାଲିଟି କଣ୍ଟ୍ରୋଲ ବିଭାଜନର ଅଧିକ୍ଷଣ ଯନ୍ତ୍ରୀଙ୍କର ତଦାରଖ ଦ୍ୱାରା ସୁରୁଖୁରୁରେ କରାଯାଇଛି। ବିଭାଗର ଅନ୍ୟାନ୍ୟ ଅଧିକାରୀ ମାନେ ମଧ୍ୟ ସୁଚାରୁ ଭାବେ ନିଜ ନିଜ ଦାୟିତ୍ୱ ତୁଲାଇଛନ୍ତି। ଏହି କେନାଲ ରାସ୍ତା ଗୁଡିକ ରାଷ୍ଟ୍ରୀୟ ମାର୍ଗ ତଥା ଜିଲ୍ଲାର ମୁଖ୍ୟ ସହରକୁ ସହଜରେ ଏବଂ କମ ଦୂରତା ବିଶିଷ୍ଟ ହୋଇ ଥିବାରୁ ଅଞ୍ଚଳବାସୀ ଓ ଚାଷୀମାନେ ବିଲବାଡି କାମ ତଥା ଯନ୍ତ୍ରପାତି ନିଆ ଅଣା ସହଜରେ କରି ପାରିବେ। ଦୀର୍ଘ ୧୫ ବର୍ଷ ପରେ ଏହି କେନାଲ ବନ୍ଧ ରାସ୍ତାର ସୁବିଧା ପାଇବା ପାଇ ଥିବାରୁ ଅଞ୍ଚଳ ବାସୀଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି। ଏତତ୍ ବ୍ୟତୀତ ଉକ୍ତ କେନାଲ ବନ୍ଧ ରାସ୍ତାର ଆବଶ୍ୟକତା ରହିଛି। ଏହି ସବୁ କାର୍ଯ୍ୟ ନିମନ୍ତେ ଆଗାମୀ ଦିନରେ ଅନୁଦାନର ସୁବିଧା କଲ୍ପେ କାର୍ଯ୍ୟଗୁଡିକ ର ସମ୍ପାଦନ କରା ଯିବା ପାଇଁ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସମସ୍ତ ଚାଷୀ ମାନଙ୍କୁ ପ୍ରତିଶ୍ରୁତି ମଧ୍ୟ ପ୍ରଦାନ କରିଛନ୍ତି । ଏହା ଫଳରେ ସମଗ୍ର ଚାଷୀ କୁଳ ସରକାରଙ୍କୁ ସାଧୁବାଦ ଜଣାଇବା ସହିତ ଅଶେଷ କୃତଜ୍ଞତା ଜ୍ଞାପନ କରିଥିବା ଜଣାପଡ଼ିଛି।

# ଛଅ ମାସ ନ ଯାଉଣୁ ଭାଙ୍ଗିଲା ଦଧିନଉତି : ଅସନ୍ତୋଷ ଗ୍ରାମବାସୀ

**ଚମ୍ପୁଆ,(ହି.ସ.):** ଚମ୍ପୁଆ ବ୍ଲକରେ ବିଭାଗୀୟ କାର୍ଯ୍ୟାଦେଶ ରେ ହେଉଥିବା କାର୍ଯ୍ୟ ଗୁଡ଼ିକ ଅସାଧୁ ଅଧିକାରୀ ଙ୍କ ପାଇଁ ଅର୍ଥ ଉପାର୍ଜନର ଜରିଆ ପାଲଟିଛି । ଏଥିରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକୁ ଠିକ୍ ଭାବେ ତଦାରଖ ଓ କାର୍ଯ୍ୟକାରୀ କରାଯାଉ ନ ଥିବାରୁ କାର୍ଯ୍ୟ ଗୁଡ଼ିକ ନିମ୍ନ ମାନର ହେବା ସହ ସରକାରୀ ଅନୁଦାନ ବାଟମାରଣା ହେଉଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ସୁନାପଶି ପଞ୍ଚାୟତରେ । ଗତ ୨୦୨୩- ୨୪ ଆର୍ଥିକ ବର୍ଷରେ ବିଭାଗୀୟ କାର୍ଯ୍ୟାଦେଶରେ ଆମ ଓଡିଶା ନବୀନ ଓଡିଶା ଯୋଜନା ରେ ସୁନାପଶି ଶିବ ମନ୍ଦିର ପ୍ରାଙ୍ଗଣ ରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ନଅ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା । ତେବେ ଏହି ଅନୁଦାନ ଅର୍ଥରେ ମନ୍ଦିର ପରିସର ରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନ କରି ଦୀର୍ଘ ଦିନରୁ ଅଧପନ୍ତରିଆ ଭାବେ ପଡ଼ିଥିବା ମନ୍ଦିର କାର୍ଯ୍ୟକୁ ଜେନତେନ ପ୍ରକାରେ ସମ୍ପୂର୍ଣ୍ଣ କରି ଅନୁଦାନ ଅର୍ଥକୁ ହଡପ କରିବାକୁ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ଯୋଜନା କରାଯାଇ ଥିଲା । ପୂର୍ବରୁ ମନ୍ଦିରର ଛାତ ପଡ଼ିସାରିଥିବା ବେଳେ କେବଳ ଚଟାଣରେ ଟାଇଲ୍ସ ପକାଇବା ସହିତ ମନ୍ଦିରର ଦଧିନଉତି ନିର୍ମାଣ ବାକି ରହିଥିଲା। ତେବେ ଅନୁଦାନ ଅର୍ଥର କୌଣସି ପ୍ରକାର ତଦାରଖ ନ ହେବାର ସୁଯୋଗ ନେଇ ଠିକାଦାର ଜଣକ ଯେନତେନ ପ୍ରକାରେ ମନ୍ଦିରର ବାକିକାମକୁ ସାରିଦେଇ ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଥିଲେ। ଗ୍ରାମବାସୀ ଗତ ଶିବ ଜାଗର ଅବସରରେ ମହା ଆଡମ୍ବରରେ ମନ୍ଦିର ପ୍ରତିଷ୍ଠା କରି ପୂଜା ଆରମ୍ଭ କରିଥିଲେ। ହେଲେ ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ ପାଇଁ ମନ୍ଦିର ପ୍ରତିଷ୍ଠା ହେବାର ମାସ କେଇଟା ନ ପୁରୁଣୁ ମନ୍ଦିର ଦଧିନଉତି ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ମନ୍ଦିର ର ଦଧିନଉତି ଭାଙ୍ଗି ପଡିବା ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରା ରେ ନିମ୍ନ ମାନର ନିର୍ମାଣ କାର୍ଯ୍ୟ ହୋଇ ମନ୍ଦିର ଦଧିନଉତି ଭାଙ୍ଗିବା ନେଇ ଗ୍ରାମବାସୀ କହିଛନ୍ତି । ତରବରିଆ ଭାବେ ମନ୍ଦିର କାମ କୁ ଅତି ନିମ୍ନମାନର କରି ଅନୁଦାନ ଟଙ୍କାକୁ ବିଧିବଦ୍ଧ ଭାବେ ହଡପ କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଯାହାକୁ ନେଇ ଗ୍ରାମରେ ଅସନ୍ତୋଷ ପୁଞ୍ଜିଭୁତ ହେବାରେ ଲାଗିଛି। ଏହି କାର୍ଯ୍ୟର ଏକ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଏଏସଆଇ



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଭିଜିଲାନ୍ସ ଜାଲରେ ମହିଳା ପୋଲିସ ଅଧିକାରୀ। ଘରୋଇ ମାମଲାର ସମାଧାନ ପାଇଁ ଟଙ୍କା ନେଉଥିବା ବେଳେ ଧରିଲା ଭିଜିଲାନ୍ସ। ବ୍ରହ୍ମପୁର ମହିଳା ଥାନାର ଏଏସଆଇ ବବିତା ସୁନାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କାବୁ କରିଛି ଭିଜିଲାନ୍ସ। କେ.ନୂଆଗାଁ ଥାନା ଅନ୍ତର୍ଗତ ବଳିୟାରସିଂହପଲ୍ଲୀର ପ୍ରମୋଦ କୁମାର ନାୟକ ତାଙ୍କ ପତ୍ନୀ ପ୍ରମୋଦ ଓ ତାଙ୍କ ମାଙ୍କ ନାମରେ ମହିଳା ଥାନାରେ ଘରୋଇ କଳିକୁ ନେଇ ଏକ ମାମଲା ଦେଇଥିଲେ। ସମ୍ପୃକ୍ତ ମାମଲାକୁ ରଫାଦଫା କରିବା ପାଇଁ ମହିଳା ଥାନାର ଏଏସଆଇ ବବିତା ସୁନା ପ୍ରମୋଦକୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାକୁ ନେଇ ପ୍ରମୋଦ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ଆଜି ପ୍ରମୋଦ ଏଏସଆଇ ବବିତା ସୁନାକୁ ଟଙ୍କା ଦେଉଥିବା ବେଳେ ବବିତାଙ୍କୁ କାବୁ କରିଛି ପୋଲିସ। ଲାଞ୍ଚ ଅର୍ଥ ୧୦ ହଜାର ଟଙ୍କା ଭିଜିଲାନ୍ସର ଅଧିକାରୀମାନେ ବବିତାଙ୍କ ପାଖରୁ ଜବତ କରିଛନ୍ତି। ଏହାପରେ ଭିଜିଲାନ୍ସ ପକ୍ଷରୁ ବବିତାଙ୍କ କାର୍ଯ୍ୟାଳୟ ଓ ସରକାରୀ କ୍ୱାର୍ଟରରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି। ତେବେ ବବିତା ସୁନା ୨୦୧୬ ମସିହାରୁ ଏଏସଆଇ ଭାବେ ପଦୋନ୍ନତି ପାଇଥିବା ବେଳେ ଗତ ଦୁଇ ବର୍ଷ ହେଲା ସେ ମହିଳା ଥାନାରେ କାର୍ଯ୍ୟରତ ଥିଲେ।

# ବନ୍ଧୁକ ମୁନରେ ଡକାୟତି

**ସାଲେପୁର,(ଡିକେ ନ୍ୟୁଜ୍):** ସିସିଟିଭି ଥାଇ ବି ଲୁଟ୍। ସାଲେପୁର ପୋଲିସର ପରିବା ପଣିଆକୁ ଡକାୟତଙ୍କ ଖୋଲା ଚ୍ୟାଲେଞ୍ଜ। ଗତ କିଛିଦିନ ଧରି ସାଲେପୁର ପୋଲିସକୁ ଚ୍ୟାଲେଞ୍ଜ ଦେଇ ଲୁଟ, ଡକାୟତି, ରାହଜାନି, ଛିନତାଇ ପୋଲିସର ନିଦ ହଜାଇ ଦେଇଛି। କିଛିଦିନ ନିରବ ରହିବା ପରେ ପୁଣି ଲୁଟେରାମାନେ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ପୋଲିସକୁ। ସେହି ପୁରୁଣା ଷ୍ଟାଇଲରେ ଛାତ ଉପର ବାଟେ ଘରେ ପଶି ଗୃହକର୍ତ୍ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟି ନେଇଛନ୍ତି ସୁନା ଗହଣା ଓ ନଗଦ ଟଙ୍କା। ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ ନାନ୍ଦୋଳ ବଜାର ପେଟ୍ରୋଲ ପମ୍ପରୁ ତେନ୍ତୁଳ ରାସ୍ତା କଡ଼ରେ ଘର କରି ରହୁଥିବା ଜୟନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମାନି ସିଂଙ୍କ ସିଡ଼ି ଘର ବାଟେ ଭିତରକୁ ପଶି ଗୃହକର୍ତ୍ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇବା ସହିତ ଏକ ଧାରୁଆ କଟୁରି ଦେଖାଇ ଭୟଭୀତ କରିଥିଲେ। ସେମାନେ ପିନ୍ଧିଥିବା ଗୋଟିଏ ସୁନା ମଙ୍ଗଳ ସୂତ୍ର, କାନଫୁଲ ୨ ହଳ, ସୁନା ଶଙ୍ଖା ୨ହଳ ସବୁ ମିଶି ପ୍ରାୟ ୪୦ ଗ୍ରାମ୍‌ର ସୁନା ଗହଣା ସହିତ ୧୫ହଜାର ହଜାର ନେଇ ପଳାଇ ଯାଇଥିଲେ। ଗଲାବେଳେ ପୁଲିସ୍‌କୁ ଚ୍ୟାଲେଞ୍ଜ ଦେଇ କହିଲେ ଆମେ ପୁଣି କାଲି ଆସି ତୁମ କଥା ବୁଝିବୁ ବୋଲି ଧମକ ଦେଇଥିଲେ। ସେହି ରାତିରେ କଟକ ସାଲେପୁର ମୁଖ୍ୟ ରାସ୍ତାରେ ଥିବା ଏକ ତେଲ ଟାଙ୍କିରୁ ୩ଟି ବାଇକ୍‌ରେ ୬ ମୁଖା ପିନ୍ଧି ୪ଜଣ କର୍ମଚାରୀଙ୍କୁ ଧମକ ଦେବା ସହ ବନ୍ଧୁକ ଭୁଜାଲି ଦେଖାଇ ଭୟଭୀତ କରି ନଗଦ ୬୦ ହଜାର ଟଙ୍କା ଓ ୪ଟି ମୋବାଇଲ ଲୁଟ୍ କରି ସମାନ ଢଙ୍ଗରେ ଧମକ ଦେଇ ଫେରାର ହୋଇଯାଇଥିଲେ ୩ଟି ବାଇକରେ୬ଜଣ ଡକାୟତ। ଉଭୟ ସ୍ଥାନରେ ପୁଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଚଳାଇଛି।

# ସଡକ ଦୁର୍ଘଟଣାରେ ଜଣେ ମୃତ

**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ରାମପୁର-ଗୋବିନ୍ଦପୁର ରାସ୍ତାର ପୋଡ଼ବଲାଣ୍ଡ ଗ୍ରାମ ନିକଟସ୍ଥ ରେଲୱେ ଓଭର ବ୍ରିଜ ନିକଟରେ ଏକ ବାଇକ ଓ ନଳକୂଅ ଖନନ ଟ୍ରକ ଧକ୍କା ହୋଇ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବାଇକ ଚାଳକ ଚରମାଳ ଥାନା ଚୂଡ଼ାପୁଡୁଗ ଗ୍ରାମର ଲକ୍ଷ୍ମିନ୍ଦ୍ର ମିର୍ଦ୍ଧା (୩୫)ଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଶଳା ଭାଉଜ ଡଲି ମିର୍ଦ୍ଧା (୨୮) ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବୁଧବାର ସକାଳୁ ଉଭୟେ ଏକ ବାଇକରେ ଅନୁଗୁଳ ଜିଲା ଅଙ୍ଗପଡା ଗ୍ରାମକୁ ଯାଉଥିବା ବେଳେ ପୋଡାବଲାଣ୍ଡ ଗ୍ରାମ ନିକଟସ୍ଥ ରେଲୱେ ଓଭର ବ୍ରିଜ ନିକଟରେ ସମ୍ମୁଖ ଦିଗରୁ ଆସୁଥିବା ନଳକୂଅ ଖୋଳା ଟ୍ରକ ସହିତ ଧକ୍କା ହୋଇଥିଲା। ଖବର ପାଇ ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମୃତ ଲକ୍ଷ୍ମିନ୍ଦ୍ରଙ୍କ ଶଳା ଭାଉଜ ଡଲିଙ୍କ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସେହିପରି ମୃତ ବାଇକ ଚାଳକ ଲକ୍ଷ୍ମିନ୍ଦ୍ରଙ୍କ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ କରାଇବା ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି। ଏନେଇ ପୁଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡି ଜବତ କରି ତଦନ୍ତ ଚଳାଇଛି।

# ପରିବେଶ ସୁରକ୍ଷା ସମୟର ଆହ୍ୱାନ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ବିଶ୍ୱପରିବେଶ ଦିବସ ଉପଲକ୍ଷେ ଲାଇବ୍ରେରୀ ସଭା ଗୃହ ଠାରେ ଏକ ପରିବେଶ ସଚେତନତା ସଭା ପ୍ର.ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସମ୍ବଲପୁର ଆଞ୍ଚଳିକ ଅଧିକାରୀ ଡ଼. ସତ୍ୟନାରାୟଣ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ପ୍ରତି ଆମ ପରିବେଶର ପ୍ରଦୂଷଣ ଓ ଏହାର ନିୟନ୍ତ୍ରଣ ପାଇଁ ପିଲାମାନେ କିପରି ନିଜ ଘରେ ବିଦ୍ୟୁତ୍, ମୋବାଇଲ ଓ ଗାଡି ମଟର ବ୍ୟବହାର ପ୍ରତି ସଜାଗ ହୋଇ ସଚେତନତା ସୃଷ୍ଟି କରି ପ୍ରଦୂଷଣ ରୋକି ପାରିବେ ସେ ଦିଗରେ ବୁଝେଇ ଥିଲେ। ସଭାପତି ଅଭିଭାଷଣରେ ପିଲାମାନେ ଏ ଦିଗରେ ଆଦର୍ଶ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚନ୍ଦ୍ର ଶେଖର ବେହେରା ଜିଲ୍ଲା ସ୍କୁଲ ପରିସରରେ କିଛି ଚାରା ରୋପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ରାଜେନ୍ଦ୍ର କୁମାର ପଣ୍ଡା ପରିଚଳନା କରିଥିବା ବେଳେ ଲାଇବ୍ରେରୀ ଓ ପ୍ରଦୂଷଣ ବୋର୍ଡ ପକ୍ଷରୁ ପୃଥ୍ୱୀରାଜ ମିଶ୍ର, ପ୍ରଫୁଲ୍ଲ ହୋତା, ବିଜୟ ସାହୁ, ସୁସ୍ମିତା ନାୟକ, ଅଂଶୁମାଳା କୁସୁମ ମିଞ୍ଜ, ମନୋରଞ୍ଜନ ପ୍ରଧାନ, ଶୁଭ୍ରାଂଶୁ ପାତ୍ର, ବସନ୍ତ ନାୟକ ପ୍ରମୁଖଙ୍କ ସହିତ ସ୍କୁଲ ଛାତ୍ର ଛାତ୍ରୀ ଓ ଅବିଭାବକମାନେ ଏଥିରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତୁଷାର ଓ ଜିଲୁ କୁମୁରା ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁନ୍ ୫ ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୧୦ କୋଟି ଗଛ ଲଗାଇବା : ଧର୍ମେନ୍ଦ୍ର ପ୍ରଧାନ



**ସମ୍ବଲପୁର,(ଡିକେ ନ୍ୟୁଜ୍):** 'ଏକ୍ ପେଡ୍ ମା' କେ ନାମ୍' ଅର୍ଥାତ୍ ମା'ଙ୍କ ନାମରେ ଗୋଟିଏ ଗଛ ପ୍ରକୃତିର ସମ୍ମାନ ପ୍ରତି ଏକ ବଡ଼ ପ୍ରତିଜ୍ଞା। ଚଳିତବର୍ଷ ଏହି ବୃହତ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ପାଇଁ ମା'ଙ୍କ ନାମରେ ଗୋଟିଏ ଗଛ ୨.୦ର ଶୁଭାରମ୍ଭ ହେଉଛି । ଏହି ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନରେ ଜୁନ ୫ ବିଶ୍ୱ ପରିବେଶ ଦିବସରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୧୦ କୋଟି ଗଛ ଲଗାଇବା ପାଇଁ ଦେଶବାସୀ ବିଶେଷ ଭାବରେ ଛାତ୍ରଛାତ୍ରୀମାନଙ୍କୁ ଭିଡିଓ ମେସେଜ୍ ଜରିଆରେ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଏକ୍ ପେଡ୍ ମା' କେ ନାମ୍' ଏକ ଭାବନାତ୍ମକ ବିଚାର। ଭାରତ ସରକାର ଏକ ବ୍ୟାପକ ବୃକ୍ଷରୋପଣ ଅଭିଯାନ କରିବା ପାଇଁ ଏହାକୁ ଆରମ୍ଭ କରିଥିଲେ। ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ଦେଶବାସୀଙ୍କ ସଫଳ ପ୍ରଚେଷ୍ଟା ଯୋଗୁଁ ମା'ଙ୍କ ନାମରେ ଗୋଟିଏ ଗଛ ଏକ ବଡ ଅଭିଯାନରେ ପରିଣତ ହୋଇଛି। ଏହି ଅଭିଯାନ ଅଧୀନରେ ସମଗ୍ର ଭାରତ ବର୍ଷରେ ସାଢେ ୫ କୋଟିରୁ ଅଧିକ ଗଛ ଲଗାଯାଇଛି। ଏହା କେବଳ ଏକ ଗଛ ନୁହେଁ, ବରଂ ମାଆଙ୍କ ପ୍ରତି ଥିବା ଆମର ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବାର ଏକ ନିଚ୍ଛକ ପ୍ରମାଣ। ଏହା ମାଟି ମାଆ ପ୍ରତି ଆମର ପ୍ରେମ ଏବଂ ନିବିଡ଼ତାର ପ୍ରତୀକ। ଛତିଶଗଡ଼ରେ ଶିଶୁ ଏବଂ ମାଆ ଭଉଣୀଙ୍କ ଦ୍ୱାରା ପ୍ରସ୍ତୁତ ସିଡ୍ ବଲ୍, ତ୍ରିପୁରାରେ ଗଛ ଲଗାଇବା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ରାଜସ୍ଥାନରେ ୧.୫ କୋଟିର ଚାରାରୋପଣ ଏହି ଅଭିଯାନକୁ ନୂଆ ପରିଚୟ ଦେଇଛି। ଓଡ଼ିଶା ପ୍ରଦେଶ ସମେତ ସମଗ୍ର ଦେଶବାସୀଙ୍କ ପ୍ରଚେଷ୍ଟା ଏହି ରାଷ୍ଟ୍ରୀୟ ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଅଭିଯାନ କେବଳ ଏକ ପରିସଂଖ୍ୟାନରେ ସୀମିତ ନୁହେଁ ବରଂ ପ୍ରକୃତି ପ୍ରତି ଥିବା ଆମର ସ୍ନେହ ଏବଂ ଦାୟିତ୍ୱବୋଧତାର ସ୍ୱରୂପ ଅଟେ। ଏହି ଅଭିଯାନ ଏପରି ଏକ ଭବିଷ୍ୟତ ପ୍ରତି ସମର୍ପଣ, ଯେଉଁଠି ପ୍ରକୃତିର ସମ୍ମାନ ; ଆମର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଗଣିତ ହେବ। ସାରା ବିଶ୍ୱରେ ସ୍ଥାୟୀ ବିକାଶର ପ୍ରୟାସକୁ ମାର୍ଗଦର୍ଶନ କରୁଥିବା ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଅନୁସାରେ- ଜଳବାୟୁ ସଂକଟର ସମାଧାନ କେବଳ ନୂଆ ପଦ୍ଧତିରେ ନୁହେଁ ବରଂ ଆମର ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଦ୍ୱାରା ସମ୍ଭବ ହେବ। ଏହି ଚିନ୍ତାଧାରାକୁ ଆଗକୁ ବଢାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମିଶନ ଲାଇଫ୍'ର ଶୁଭାରମ୍ଭ କରିଛନ୍ତି । ମହାତ୍ମା ଗାନ୍ଧୀ ଥରେ ଅତ୍ୟନ୍ତ ପ୍ରେରଣାଦାୟୀ କଥା କହିଥିଲେ। ସେ କହିଥିଲେ ତୁମେ ସେହିପରି ଭାବରେ ନିଜକୁ ପରିବର୍ତ୍ତନ କର, ଯେଉଁ ପରିବର୍ତ୍ତନ ତୁମେ ଦୁନିଆରେ ଦେଖିବାକୁ ଚାହୁଁଛ। ଏହା ଅତ୍ୟନ୍ତ ଖୁସି ଏବଂ ଗର୍ବର ବିଷୟ, ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ; ଦାୟିତ୍ୱବାନ ଏବଂ ସମ୍ବେଦନଶୀଳତା ସହ ଏହି ପରିବର୍ତ୍ତନର ଜଣେ ଜଣେ ଉତ୍ତମ ନାୟକ ହେଉଛନ୍ତି। ଏହାର ପ୍ରମାଣ ହେଉଛି, ୨୯ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ୫୦ ଲକ୍ଷରୁ ଅଧିକ ଗଛ ପାଇଁ କ୍ୟୁଆର୍ କୋଡ୍ ତିଆରି କରିଛନ୍ତି। ଏହା ହିଁ ଭାରତର ବିଶାଳ ପରିବେଶ ଜ୍ଞାନକୁ ଡିଜିଟାଲ୍ ଏବଂ ସୁଲଭ କରିଛି। ଶ୍ରୀ ପ୍ରଧାନ ଦେଶବାସୀଙ୍କୁ ଅନୁରୋଧ କରି କହିଛନ୍ତି ଯେ ସମସ୍ତେ ନିଜର ମା'ଙ୍କ ନାମରେ ଗୋଟିଏ ଗଛ ଲଗାନ୍ତୁ। ତାହାର ସୁରକ୍ଷା ଓ ଯତ୍ନ ନିଅନ୍ତୁ । ସେହି ଗଛକୁ ବଡ ହେବାକୁ ଦିଅନ୍ତୁ ଏବଂ ଏହାର କାହାଣୀ ଅନ୍ୟମାନଙ୍କୁ କୁହନ୍ତୁ। ଆମେ ଲଗାଉଥିବା ପ୍ରତିଟି ଚାରା ଏକ ବାର୍ତ୍ତା ବହନ କରେ ଯେ, ଆମେ ପ୍ରକୃତିର ଚିନ୍ତା କରୁ ଏବଂ ତା'ର ସୁରକ୍ଷା ପାଇଁ ମଧ୍ୟ ବେଶ୍ ଯତ୍ନବାନ ଅଛୁ। ଯେତେବେଳେ ଜଣେକ ବ୍ୟକ୍ତି ଗୋଟିଏ ଗଛ ଲଗାଉଛନ୍ତି, ସେତେବେଳେ ଏକ ଆଶାର ସଂଚାର ସୃଷ୍ଟି ହେଉଛି ଏବଂ ଏହି ଆଶାର ସଂଚାର ଆସନ୍ତାକାଲି ଏକ ସବୁଜ ଆନ୍ଦୋଳନର ସୂତ୍ରପାତ କରିବ, ଏହା ମୋର ପୂର୍ଣ୍ଣ ବିଶ୍ୱାସ। ମାଟି ମାଆର ସୁରକ୍ଷା ପାଇଁ ସବୁଠୁ ବଡ଼ ଜନ ଆନ୍ଦୋଳନ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି।

# ଜୀବନ ସଚେତନତା ରଥର ଶୁଭାରମ୍ଭ କଲେ ଜିଲ୍ଲାପାଳ



**ଖୋର୍ଦ୍ଧା,(ଡିକେ ନ୍ୟୁଜ୍):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନିଶା ଦ୍ରବ୍ୟ ବ୍ୟବହାରର କୁ-ପ୍ରଭାବ ଓ ଚୋରା ମାଦକ ଦ୍ରବ୍ୟ କାରବାରକୁ ରୋକିବା ଉଦ୍ଦେଶ୍ୟରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ପ୍ରସ୍ତୁତ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କଲେ ଜିଲ୍ଲାପାଳ ଚଞ୍ଚଳ ରାଣା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ଅବକାରୀ ଅଧିକ୍ଷକ, ସ୍ମୃତି ତ୍ରିପାଠୀଙ୍କ ସମେତ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଓ ଜିଲ୍ଲା ଅବକାରୀ ବିଭାଗର କର୍ମଚାରୀ ଯୋଗଦେଇ ଥିଲେ। ଉକ୍ତ ସଚେତନତା ରଥ ସମଗ୍ର ଜିଲ୍ଲାର ବ୍ଲକ ସଦର ମହକୁମା, ପଞ୍ଚାୟତ ସଦର ମହକୁମା, ଏପରିକି ଗ୍ରାମର ବଜାର ଓ ଲୋକ ଗହଳି ସ୍ଥାନ ମାନଙ୍କରେ ନିଶା ସେବନର କୁ-ପ୍ରଭାବ ଓ ମାଦକ ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା ପାଇଁ ଘରେ ଘରେ ସଚେତନତା ବାର୍ତ୍ତା ପ୍ରଚାର କରିବ। ଜିଲ୍ଲାରେ ଏହି ମହତ କାର୍ଯ୍ୟକ୍ରମ ଜୁନ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲାପାଳ ଶ୍ରୀଯୁକ୍ତ ରାଣା ପ୍ରକାଶ କରିଛନ୍ତି। ସେହିପରି ଅବକାରୀ ବିଭାଗ ପକ୍ଷରୁ ଏନଫୋର୍ସମେଣ୍ଟ ଟିମ୍ ମାଦକ ଦ୍ରବ୍ୟ ଚୋରା କାରବାର ଦିଗରେ ଚଢାଉ ଚାଲୁ ରଖିବା ସହ ଜନ ସାଧାରଣଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ଜିଲ୍ଲାପାଳ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ସମସ୍ତ କାର୍ଯ୍ୟାନ୍ୱୟନ ବିଭାଗମାନେ ସେମାନଙ୍କ ଅଧୀନ ଛାତ୍ରଛାତ୍ରୀ, ଅଙ୍ଗନୱାଡ଼ି କର୍ମୀ, ଆଶା ଦିଦି, ସ୍ୱେଚ୍ଛାସେବୀ ସଂଗଠନ, ଯୁବଗୋଷ୍ଠୀ, ମିଶନ ଶକ୍ତି ସଦସ୍ୟା, ଜନପ୍ରତିନିଧି, ଗଣ ମାଧ୍ୟମ ପ୍ରତିନିଧି ସମସ୍ତେ ପ୍ରଚେଷ୍ଟା ଜାରି ରଖି ଏକ ସୁସ୍ଥ, ନିରାମୟ, ପ୍ରଗତିଶୀଳ ସମାଜ ଗଠନ ସହ ଖୋର୍ଦ୍ଧା ଜିଲ୍ଲାକୁ ସଂପୂର୍ଣ୍ଣ ନିଶାମୁକ୍ତ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

# ଆଇସ୍ ଫ୍ୟାକ୍ଟ୍ରିରୁ ଆମୋନିଆ ଗ୍ୟାସ୍ ଲିକ୍ : ୪ ଅସୁସ୍ଥ



**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦୀପ ଉପକଣ୍ଠରେ ଥିବା ପାରାଦୀପଗଡ ଇଣ୍ଡଷ୍ଟ୍ରିଆଲ ଏରିଆରେ ଥିବା ଏକ ଆଇସ୍ ଫ୍ୟାକ୍ଟ୍ରିରୁ ବୁଧବାର ଦିନ ଆମୋନିଆ ଗ୍ୟାସ୍ ଲିକ୍ ହେବାରୁ ୪ଜଣ ଅସୁସ୍ଥ ହୋଇ ପଡିଥିବା ଜଣାପଡିଛି । ଘଟଣାରୁ ପ୍ରକାଶଯେ, ବୁଧବାର ଦିନ ପୂର୍ବାହ୍ନରେ ପାରାଦୀପଗଡ ଇଣ୍ଡଷ୍ଟ୍ରିଆଲ ଏରିଆରେ ଥିବା ପାରାଦୀପ ଆଇସ୍ ଫ୍ୟାକ୍ଟ୍ରିରୁ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିଲା । ଆମୋନିଆ ଗ୍ୟାସ୍ ଲିକ୍ ହେବା ପରେ ଏହାର ପ୍ରଭାବରେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କର ଆଖି, ନାକ ପୋଡିବା ଆରମ୍ଭ ହୋଇଥିଲା । ଲୋକମାନେ ଜୀବନ ବିକଳରେ ନାକରେ ଗାମୁଛା, ଲୁଗା ଦେଇ ଯାତାୟତ କରୁଥିବା ଦେଖିବାକୁ ମିଳିଥିଲା । କମ୍ପାନୀ ମଧ୍ୟରେ ଥିବା ଆମୋନିଆର ହୋସ୍ ପାଇପ୍ ଫାଟି ଯିବାରୁ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିବା ଜଣା ପଡିଛି । ଖବର ପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ସମେତ ଇଫ୍‌କୋ ଓ ପିପିଏଲ୍ ସାର କାରଖାନାର ଅଗ୍ନିଶମ ବାହିନୀର ଗାଡି ସହିତ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ ଲିକ୍‌କୁ ନିୟନ୍ତ୍ରଣ କରିଥିଲେ । ମଙ୍ଗଳବାର ରାତିରେ ଆଇସ ଫ୍ୟାକ୍ଟ୍ରି ପକ୍ଷରୁ ୮ଟି ଆମୋନିଆ ଟାଙ୍କି ଅଣାଯାଇଥିଲା । ଏହି ଟାଙ୍କି ଗୁଡିକ ମଧ୍ୟରୁ ଗୋଟିଏ ଟାଙ୍କିର ହୋସ୍ ପାଇପ୍ ଫାଟି ଗ୍ୟାସ ଲିକ୍ ହୋଇଥିଲା । ଏହି ଟାଙ୍କିକୁ ଏକ ପାଣି ଖାଲରେ ପକାଇ ପାଣି ସ୍ପ୍ରେ କରାଯାଇଥିଲା । ପରେ ଅନ୍ୟ ଏକ ଟାଙ୍କିରେ ପାଖାପାଖି ୮ ଇଞ୍ଚର ଫାଟ ହୋଇଥିବା ଦେଖିବାକୁ ମିଳିଥିଲା । ଯାହାକୁ ପାଣି ମାରି ଲିକେଜ୍‌କୁ ନିୟନ୍ତ୍ରଣ କରାଯାଇଥିଲା । ଘଟଣାସ୍ଥଳରେ ପାରାଦୀପ ଏଡିଏମ, ଏଏସପି, ଲକ୍ ଥାନା ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

# ରକ୍ତ ନ ମିଳିବାରୁ ନାବାଳକର ମୃତ୍ୟୁ



**ରାୟଗଡା,(ଡିକେ ନ୍ୟୁଜ୍):** ଓଡିଶା ରକ୍ତ କେନ୍ଦ୍ରରୁ ରକ୍ତ ନ ଦେବାରୁ ଜଣେ ନାବାଳକର ମୃତ୍ୟୁ ହୋଇଛି। ମୃତ ନାବାଳକ ହେଲେ ୯ ବର୍ଷୀୟ ରାଜୀବ ଟାକିରି। ଦେହରେ ଜ୍ୱର ଥିବାରୁ ଗତକାଲି ସକାଳ ୯ ଟା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ପରିବାର ଲୋକେ। କ୍ଷତିପୂରଣ ଦାବିକରି ଓଡିଶା ରକ୍ତ କେନ୍ଦ୍ର ସମ୍ମୁଖରେ ପରିବାର ଲୋକଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା। ପରେ ଘଟଣା ସ୍ଥଳରେ ଥାନା ଆଇଆଇସି କମଳ କାନ୍ତ ବସନ୍ତ କୁମାର ପ୍ରଧାନ, ଡାକ୍ତର ସୁରେଶ ଚନ୍ଦ୍ର ଦେ ଏବଂ ଓଡିଶା ରକ୍ତ କେନ୍ଦ୍ର ଇନଚାର୍ଜ ଗୌତମ ପଟ୍ଟନାୟକ ପହଞ୍ଚି ଧାରଣା ଦେବା ସହ ଏଚ୍‌ବିକେଙ୍କ ସହିତ ଆଲୋଚନା କରିବା ପରେ ଏକ ଲିଖିତ ପ୍ରତିଶୃତି ଦେଇଥିଲେ ଯେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ଏବଂ ଯିଏ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା । ସୂଚନା ଅନୁଯାୟୀ ରାୟଗଡା ସହରର ନ୍ୟୁ କଲୋନୀରେ ରହୁଥିବା ଅଟୋ ଡ୍ରାଇଭର ମଧୁସୂଦନ ଟାକିରିଙ୍କ ପୁଅ ରାଜୀବ ଟାକିରି (୯)ଙ୍କର ଜ୍ୱର ହୋଇଥିଲା। ଜ୍ୱର ନ କମିବାରୁ ପୁଅକୁ ଧରି ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଏହାପରେ ଡାକ୍ତର ତାଙ୍କୁ ରକ୍ତ ପରୀକ୍ଷା କରିବା ପାଇଁ କହିଥିଲେ। ରକ୍ତ ପରୀକ୍ଷା ପରେ ପୁଅର ରକ୍ତର ଅଭାବ ରହିଛି ଯଥାଶୀଘ୍ର ରକ୍ତ ଚଢାଇବା ପାଇଁ ଡାକ୍ତର କହିବା ପରେ ଓଡିଶା ରକ୍ତ କେନ୍ଦ୍ରକୁ ରକ୍ତ ପାଇଁ ଯାଇଥିଲେ। ହେଲେ ରକ୍ତ କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ରକ୍ତ ନ ଦେଇ ଫେରାଇ ଦେଇଥିଲେ। କିନ୍ତୁ ନାବାଳକର ବାପା ହାତ ଗୋଡ଼ ଧରି ରକ୍ତ ଦେବାପାଇଁ ଯେତେ ଗୁହାରି କଲେ ମଧ୍ୟ ରକ୍ତ ନ ଦେଇ ଫେରାଇ ଦେଇଥିଲେ। ରାତି ୯ ଟା ପର୍ଯ୍ୟନ୍ତ ରକ୍ତ ପାଇଁ ସେ ନେହୁରା ହେଉଥିଲେ। କିନ୍ତୁ ଆଜି ସକାଳେ ଯେତେବେଳେ ଅନ୍ୟଜଣଙ୍କ ରକ୍ତ ଦେଲା ପରେ ଯାଇ ରକ୍ତ କେନ୍ଦ୍ରରୁ ରକ୍ତ ମିଳିଥିଲା। ହେଲେ ରକ୍ତ ଚଢାଇବା ସମୟରେ ହିଁ ନାବାଳକର ମୃତ୍ୟୁ ହୋଇଥିଲା। ଏହାପରେ କ୍ଷତିପୂରଣ ଦାବି କରି ପରିବାର, ବନ୍ଧୁବାନ୍ଧବ ରକ୍ତ କେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ। ଏନେଇ ରକ୍ତ କେନ୍ଦ୍ର ଇନଚାର୍ଜ କହିଥିଲେ ଯେ ଘଟଣାର ତଦନ୍ତ ହବ ତଦନ୍ତ ପରେ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନାବାଳିକା ଦୁଷ୍କର୍ମ ଉଦ୍ୟମ: କନେଷ୍ଟବଳ ଗିରଫ ଓ ଚାକିରୀରୁ ବହିଷ୍କୃତ

**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ପର୍କୀୟ ଭାଣିଜୀଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ କନଷ୍ଟେବଳ ଗିରଫ। ଏପରି ଘଟଣା ଘଟିଛି ସମ୍ବଲପୁର ବରେଇପାଲି ଥାନା ଅଞ୍ଚଳରେ। ସମ୍ବଲପୁରରେ ଜଣେ ପୁଲିସ କର୍ମଚାରୀ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ସାଙ୍ଘାତିକ ଅଭିଯୋଗ ହୋଇଛି। ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ କନେଷ୍ଟବଳଙ୍କୁ ଗିରଫ କରିଛି ସମ୍ବଲପୁର ପୁଲିସ। ଏଥିସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖୋଦ ଏସ୍‌ପି ମୁକେଶ ଭାମୁ ତାଙ୍କୁ ଚାକିରୀରୁ ବହିଷ୍କୃତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ବିରଞ୍ଚି ମୁଣ୍ଡା (୩୫) ପୀଡ଼ିତାଙ୍କ ସମ୍ପର୍କୀୟ ହେବେ। ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଦେଖାଇ ନେବା ବାହାନାରେ ସେ ନାବାଳିକାକୁ ନିଛାଟିଆ ସ୍ଥାନକୁ ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲେ। ମାତ୍ର ଝିଅଟି ସେଠାରୁ କୌଣସି ମତେ ଖସି ଆସି ପରିବାର ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଏହି ସମ୍ପର୍କରେ ଜଣାପଡ଼ିବା ପରେ ପଡ଼ାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ସହ ସ୍ଥାନୀୟ ପଡ଼ାବାସୀ ଏନେଇ ବରେଇପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଫେଲ୍ କରାଇବା ପ୍ରତିବାଦରେ ଅଧ୍ୟକ୍ଷଙ୍କୁ ଦାବିପତ୍ର



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଗଞ୍ଜାମ ଜିଲ୍ଲା ଅଙ୍କୁଶପୁର କୁକୁଡ଼ାଖଣ୍ଡି ଅନ୍ତର୍ଗତ କେଏଟିଏସ୍ ଆୟୁର୍ବେଦିକ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ବ୍ୟାପକ ଅନିୟମିତତା ଓ ଛାତ୍ରଛାତ୍ରୀଙ୍କୁ ମାନସିକ ନିର୍ଯାତନା ଯୋଗୁଁ କଲେଜ ଅଧ୍ୟକ୍ଷ ଏବଂ ଦୁଇଜଣ ଅଧ୍ୟାପକ ଅଧ୍ୟାପିକା ବିରୋଧରେ ଛାତ୍ରଛାତ୍ରୀଙ୍କୁ ନେଇ ଆନ୍ଦୋଳନ କରାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେଉଥିବା ବେଳେ ଛାତ୍ରଛାତ୍ରୀମାନେ କଲେଜର ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଭଲକରି ଦେଖନ୍ତୁ ଏହି ଦୃଶ୍ୟକୁ ଧୁଧୁ ଖରାରେ ଧାରଣାରେ ବସିଛନ୍ତି। ଆଉ ଏହି ଧାରଣା ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘ ଦିନ ହେଲା କଲେଜ କର୍ତ୍ତୃପକ୍ଷଙ୍କ ପରୀକ୍ଷା କରାଇବାରେ ଅନିୟମିତତା ଏବଂ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷାର ରେଜଲ୍ଟ ବାହାର କରା ନ ଯାଇ ଛାତ୍ରଛାତ୍ରୀମାନଙ୍କୁ ଭୟଭୀତ କରାଇବା, ଫେଲ କରାଇ ଦେବା କହି ଧମକ ଦେବା ଏବଂ ଛାତ୍ରଛାତ୍ରୀମାନଙ୍କ ଠାରୁ ବେଆଇନ ଜୋରିମାନା ଆଦାୟ କରିବାର ଅଭିଯୋଗ କରିଛନ୍ତି ଆନ୍ଦୋଳନରେ ବସିଥିବା ଛାତ୍ରଛାତ୍ରୀ ମାନେ। ପୂର୍ବରୁ ଛାତ୍ରଛାତ୍ରୀମାନେ କଲେଜର ଅନିୟମିତତାକୁ ନେଇ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅଭିଯୋଗ କରା ଯାଇଥିଲା। ଏଥିରେ ଅତୀଷ୍ଟ ହୋଇ କଲେଜ ଅଧ୍ୟକ୍ଷ ୫୪ ଜଣ ପିଲାଙ୍କୁ ଫେଲ୍ କରାଇବାର କହି ଧମକ ଦେଇ ୨୩ ଜଣ ପିଲାଙ୍କୁ ୧ ରୁ ୪ ମାର୍କ ଦେଇ ଫେଲ୍ କରାଇଥିଲେ। ଏହାକୁ ନେଇ ପର୍ବରୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାକୁ ଭିତ୍ତି କରି ଛାତ୍ରଛାତ୍ରୀମାନଙ୍କୁ ମାନସିକ ନିର୍ଯାତନା ଦେବା ସହ ଗଣମାଧ୍ୟମରେ ଖବର ପ୍ରସାର ହେବା ଦ୍ୱାରା ପେପର୍ ଆଉଟ୍ କଲେ କଣ ତମେ ମାନେ ପାସ୍ ହେଇଯିବ କହି ପିଲାମାନଙ୍କୁ କଟାକ୍ଷ କରି ମାନସିକ ସ୍ତରରେ ଦବାଇବାକୁ ଚେଷ୍ଟା କରିଥିଲେ। ଇଚ୍ଛା ମୁତାବକ ପରୀକ୍ଷା କରାଇବା, ଛାତ୍ରଛାତ୍ରୀମାନେ ଉକ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ବ୍ୟକ୍ତିଗତ କାମରେ ଲଗାଇବା, କଥା ନ ମାନିଲେ ତାଙ୍କୁ ଫେଲ୍ କରାଇବା ଏବଂ ଅଧ୍ୟକ୍ଷଙ୍କୁ ଦାବି ଜଣାଇଲେ ଛାତ୍ରଛାତ୍ରୀଙ୍କୁ ଗେଟ୍ ଆଉଟ୍ କହି ଅସଦ୍ ଆଚରଣ କରିବା ଛାତ୍ରଛାତ୍ରୀମାନେ ଅସନ୍ତୋଷ ହୋଇ କଲେଜ ଅଧ୍ୟକ୍ଷ ପ୍ରଫେସର୍ ବିପିନ ବିହାରୀ ଖୁଣ୍ଟିଆ, ଅଧ୍ୟାପିକା ଡ଼ା. ସ୍ୱପ୍ନା ସ୍ୱୟମ୍ପ୍ରଭା, ଅଧ୍ୟାପକ ଡ଼ା. ସୁବ୍ରତ୍ କୁମାର୍ ଓଝାଙ୍କ ନିର୍ଯାତନାର ଶିକାର ହୋଇ ଛାତ୍ରଛାତ୍ରୀ ଅଧ୍ୟକ୍ଷ ଓ ଏହି ଦୁଇଜଣ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ବଦଳି କରାଇବା ଦାବିକୁ ନେଇ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା ଦେଇଛନ୍ତି। ଖାଲି ସେତିକି ନୁହଁ କଲେଜର ଦୁର୍ନୀତି ଓ ମନମାନୀର କଥା ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ, ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଚିଠି ଦେଇ ଅବଗତ କରାଯାଇଥିଲେ ସୁଦ୍ଧା ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ ଛାତ୍ରଛାତ୍ରୀମାନେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା କହିଛନ୍ତି। ଏପରିକି ମହାବିଦ୍ୟାଳୟର ତରଫରୁ କୌଣସି ସମାଧାନ ବାହାରି ପାରିନାହିଁ। ଛାତ୍ରଛାତ୍ରୀମାନେ ନ ଖାଇ ନ ପିଇ ଖରାରେ ଧାରଣା ଦେଇଥିବା ବେଳେ ପିଲାଙ୍କ ଭବିଷ୍ୟତ ନେଇ ଉଠିଛି ପ୍ରଶ୍ନ। ଉକ୍ତ ଧାରଣାରେ ଏବିଭିପି, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଛାତ୍ର ଛାତ୍ରୀଙ୍କ ସମସ୍ୟା ବିସୟରେ ଆଲୋଚନା କାରିବା ସହିତ ସରକାର ଏବଂ ପ୍ରଶାସନକୁ ସଠିକ କାର୍ଯ୍ୟନୁଷ୍ଠାନ ଦାବି କରିବା ସହିତ ଉକ୍ତ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଏବିଭିପି ଆନ୍ଦୋଳନ ରତ ଛାତ୍ରଛାତ୍ରୀଙ୍କମାନଙ୍କ ସହିତ ରହିବ ବୋଲି ଏବିଭିପି କହିଛି।

## ବ୍ଲକରେ ମ୍ୟାଲେରିଆ ସ୍ଥିତି ଚିନ୍ତାଜନକ: ଗାଁରେ ୧୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ




ଲାଞ୍ଜିଗଡ, (ଡିକେ ନ୍ୟୁଜ୍): କିଛିଦିନ ହେଲା ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ମଝିରେ ମଝିରେ କାଳବୈଶାଖୀ ଯୋଗୁଁ ବର୍ଷା ଓ ବଜ୍ରପାତ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ତେବେ ଗ୍ରୀଷ୍ମପ୍ରବାହ ଓ ବର୍ଷା ବିପ୍ରାତ ଦେଖା ଦେଇଥିବା ବେଳେ ବର୍ତ୍ତମାନ ଏବେ ବ୍ଲକର ବିଭିନ୍ନ ଅଞ୍ଚଳରେ ବୃଦ୍ଧି ପାଉଛି ମ୍ୟାଲେରିଆ ପ୍ରକୋପ। ବର୍ତ୍ତମାନ ବ୍ଲକର ଲାଞ୍ଜି ପଞ୍ଚାୟତ ତୁର୍କା ଗାଁରେ ଏହାର ପ୍ରକୋପ ଦେଖା ଦେଇଥିବାବେଳେ ଗାଁର ଦଶମୀ ମାଝୀ, ମିନି ମାଝୀ, ଫୁଲମତି ମାଝୀ, ଶ୍ରୀମତୀ ମାଝୀ, କର୍ଲା ମାଝୀ ସମେତ ଛୋଟ ଛୋଟ ଶିଶୁ, ମହିଳା ଓ ପୁରୁଷ ୧୫ରୁ ଊର୍ଦ୍ଧ୍ୱ ଆଜିକୁ ୧୩ ଦିନ ହେଲା ମ୍ୟାଲେରିଆ ପ୍ରକୋପରେ ଆକ୍ରାନ୍ତ ହୋଇ ପଡ଼ିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ଗାଁରେ ପହଞ୍ଚି ନଥିବା ଲୋକେ ପ୍ରକାଶ କରିଛନ୍ତି। ଏହି ଆଦିବାସୀମାନେ, ମ୍ୟାଲେରିଆରେ ଗୁରୁତର ହୋଇ ଗାଁଠାରୁ ୧୪ କିମି ଦୂର ମୁଷାନାଳ ସ୍ଥିତ ଔଷଧ ଦୁକାନରେ ଜଣେ ଜଣେ ୮ ଶହରୁ ୧ ହଜାର ପର୍ଯ୍ୟନ୍ତ ଔଷଧ କିଣି ଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏହି ଖବର ପାଇବା ପରେ ଗାଁ ଦାୟିତ୍ୱରେ ସ୍ୱାସ୍ଥ୍ୟ କର୍ମୀ ଲୋକଙ୍କ ହାତରେ ପାରାସିଟ ବଟିକା ଗାଁକୁ ପଠେଇ ଥିବା ଲୋକେ ପ୍ରକାଶ କରିଛନ୍ତି। ହେଲେ ବାରମ୍ବାର ଖବର ଦେବା ପରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ ଗାଁକୁ ଯାଉ ନାହାଁନ୍ତି। ଏପଟେ ମେଲେରିଆ ଜରରେ ଆକ୍ରାନ୍ତ ହୋଇ ନିଜ ଇଚ୍ଛା ଅନୁସାରେ ଔଷଧ ଖାଇବାରୁ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସୁନାହିଁ। ଏନେଇ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ଭବାନୀଶଙ୍କର ଲେଙ୍କାଙ୍କୁ ପଚାରିବାରୁ ତୁର୍କା ଗାଁରେ ଲୋକେ ମେଲେରିଆରେ ଆକ୍ରାନ୍ତ ଥିବା ଅଭିଯୋଗ ଆସିଛି। ଗୁରୁବାର ସକାଳେ ଏମଏଚୟୁ ଟିମକୁ ପାଠାଇବି ବୋଲି ପ୍ରକାଶ କରିଛନ୍ତି। ତୁର୍କା ବ୍ୟତୀତ ବ୍ଲକର ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଲାଞ୍ଜିଗଡ ରୋଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ପ୍ରତିଦିନ ଜ୍ୱର, କାଶ ରୋଗୀଙ୍କ ଲମ୍ବା ଧାଡି ଲାଗି ରହିଛି। ସେହିପରି ଭୁତାଣୁଜନିତ ଜ୍ୱର ରୋଗୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଏହିସବୁ ହସ୍ପିଟାଲଗୁଡିକରେ ଦିନକୁ ଦିନ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢିଚାଲିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡବ୍ୟଥା ବଢିଯାଇଛି। ଏପଟେ ବ୍ଲକର ୨୪ଟି ଉପସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାଂଶ ସ୍ୱାସ୍ଥ୍ୟକର୍ମୀ କେବଳ ସପ୍ତାହରେ ଥରେ ଦୁଇ ଥର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଅଧିକାଂଶ ସମୟରେ ଅନୁପସ୍ଥିତ ରହୁଥିବା ଯୋଗୁଁ ମ୍ୟାଲେରିଆ ରୋଗୀ ଚିହ୍ନଟ କରିବା ସମ୍ଭବ ହେଉନାହିଁ। ଯାହା ଫଳରେ ମେଲେରିଆ ପ୍ରକୋପରେ ଗୁରୁତର ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ସୂଚନା ଅନୁସାରେ ପ୍ରତିଦିନ ମ୍ୟାଲେରିଆ ଆକ୍ରାନ୍ତ ସଂଖ୍ୟା ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୦ରୁ ୪୦, ଲାଞ୍ଜିଗଡ ରୋଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ରୁ ୧୫, ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ରୁ ୧୨, ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫ରୁ ୧୮, ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୫ରୁ ୩୫ଜଣ ମ୍ୟାଲେରିଆ ପୋଜେଟିଭ ଚିହ୍ନଟ ହେଉଥିବା ଦେଖିବାକୁ ମିଳୁଛି। ରୋଗୀଙ୍କ ଦେହରେ ମ୍ୟାଲେରିଆ ପଜିଟିଭ ଚିହ୍ନଟ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି। ଲାଞ୍ଜିଗଡ ବ୍ଲକରେ ମ୍ୟାଲେରିଆକୁ ନେଇ କୌଣସି ସଚେତନତା କରାଯାଉନାହିଁ। ଏନେଇ ଗତ ଲାଞ୍ଜିଗଡ ପଞ୍ଚାୟତ ସମିତି ବୈଠକରେ ସରପଞ୍ଚ ଓ ସମିତି ସଭ୍ୟମାନେ ନିଜ ଅଞ୍ଚଳରେ ସ୍ୱାସ୍ଥ୍ୟ କର୍ମୀମାନେ ଅନୁପସ୍ଥିତ ନେଇ ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ। ଗତ ମେ ମାସ ୨ ତାରିଖରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ବିଶ୍ୱନାଥ ପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଆସି ଲାଞ୍ଜିଗଡ ଅଞ୍ଚଳରେ ମ୍ୟାଲେରିଆ ପ୍ରକୋପ ବଢୁଥିବା ନେଇ ପରାମର୍ଶ ଦେଇଥିଲେ। ଏଣୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ ଲାଞ୍ଜିଗଡ ଅଞ୍ଚଳବାସୀ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପରିବହନ ପ୍ରକଳ୍ପର ଶୁଭଉଦଘାଟନ ଓ ଭୂମିପୂଜନ

ଯାଜପୁର, (ଡିକେ ନ୍ୟୁଜ୍): ଜିଲ୍ଲାର ଚଣ୍ଡିଖୋଲ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଅଟୋମେଟେଡ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ୍ (ଏଡିଟିଏସ), ଭେହିକିଲ ସ୍କ୍ରାପିଂ ଫାସିଲିଟି, ଚଢ଼େଇଧରାର ଶୁଭ ଉଦଘାଟନ ସହ ଭୂଷଣ୍ଡପୁରରେ ଅଟୋମେଟେଡ ଟେଷ୍ଟିଂ ଷ୍ଟେସନ୍ (ଏଟିଏସ୍) ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ଏହି ସଂପୂର୍ଣ୍ଣ ଉଦ୍ୟମ ଏକ ନୂଆ ଯୁଗର ଆରମ୍ଭ, ଯେଉଁଠାରେ ପରିବହନ ବ୍ୟବସ୍ଥାରେ ପ୍ରଯୁକ୍ତି ଓ ପାରଦର୍ଶିତାରେ ଗୁରୁତ୍ୱ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ଯୋଗ ଦେଇଥିଲେ। ଭୂଷଣ୍ଡପୁରଠାରେ ଅଟୋମେଟେଡ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ଯାହାଙ୍କ ପ୍ରଯୁକ୍ତି ଭିତ୍ତିକ ଉପକ୍ରମ ଯାହା ଚାଳକ ଲାଇସେନ୍ସ ପାଇଁ ଆବେଦନକାରୀଙ୍କ ଦକ୍ଷତା ସଠିକ ଭାବେ ମୂଲ୍ୟାଙ୍କନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ପ୍ରଣାଳୀରେ ସେନସର, କ୍ୟାମେରା ଓ ଭିଡ଼ିଓ ଆନାଲିଟିକ୍ସ ବ୍ୟବହାର କରାଯାଇଛି। ଯାହା ଚାଳକଙ୍କ ଦକ୍ଷତାର ସଠିକ ମୂଲ୍ୟାଙ୍କନ କରେ। ଅଟୋମେଟେଡ ଟେଷ୍ଟିଂ ଷ୍ଟେସନର ମୁଖ୍ୟ ଲକ୍ଷ୍ୟ ହେଉଛି। ଗାଡି ଗୁଡ଼ିକର ରୋଡଓର୍ଜିନେସ ଓ ପରିବେଶୀୟ ମାନଦଣ୍ଡ ପାଳନ ହେଉଛି କି ନାହିଁ ତାହା ସ୍ୱୟଂଚାଳିତ ଭାବେ ପରୀକ୍ଷା କରାଯିବ। ଭେହିକିଲ ସ୍କ୍ରାପିଂ ଫ୍ୟାସିଲିଟିର ମୁଖ୍ୟ ଉଦ୍ଦେଶ୍ୟ ଏହି ସ୍ଥାନରେ ଯାନ ଗୁଡ଼ିକର ଲାଇଫ ସମାପ୍ତ ପରେ ଏହାକୁ ସୁସଂଗଠିତ ଭାବରେ ବିଭାଜିତ ଓ ବିନଷ୍ଟ କରାଯିବ। ଏହି ଗାଡି ଗୁଡ଼ିକର ଚାଳନାଯୋଗ୍ୟ ନୁହେଁ ବୋଲି ଘୋଷିତ ଓ ଦୁର୍ଘଟଣା ଘଟିବାର ମୁଖ୍ୟ କାରଣ ଅଟେ। ଏହି ଉପକ୍ରମ ସହିତ ଆମେ ସୁରକ୍ଷିତ ଓ ପରିବେଶ ସହିତ ସାମଞ୍ଜସ୍ୟ ଗତିଶୀଳ ପରିବହନ ବ୍ୟବସ୍ଥା ତିଆରି କରିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ସମସ୍ତଙ୍କୁ ଶୂନ୍ୟ ଦୁର୍ଘଟଣା ଓ ସଡ଼କ ସୁରକ୍ଷା ଉପରେ ଶପଥ ପାଠ କରାଇ କହିଥିଲେ ଦୁର୍ଘଟଣା କେବଳ ପରିବାର କି ରାଜ୍ୟ ନୁହେଁ ସମଗ୍ର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହା କୌଣସି ବ୍ୟକ୍ତିଗତ କ୍ଷତି ନୁହେଁ ବରଂ ସାମଗ୍ରୀକ କ୍ଷତି। ପ୍ରାରମ୍ଭରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ସ୍ୱାଗତ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜଏଣ୍ଟ କମିଶନର, ଏସଟିଏ ସମରେନ୍ଦ୍ର ପଟ୍ଟନାୟକ, ଅତିରିକ୍ତ ଆରଟିଓ ଖଗେଶ୍ୱର ମୁର୍ମୁ, ପରିବହନ ବିଭାଗର କର୍ମକର୍ତ୍ତା, ଜନ ପ୍ରତିନିଧି, ମହିଳା, ଗଣମାଧ୍ୟମ ପ୍ରତିନିଧି, ଜନସାଧାରଣ, ଗାଡ଼ି ଚାଳକ, ଟ୍ରକ୍ ଓନର, ଆସୋସିଏସନ୍ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଯାଜପୁର ଏଡିଟିଏସରୁ ଉତ୍ତୀର୍ଣ୍ଣ ହୋଇଥିବା ମନସ୍ୱିନୀ ସାହୁଙ୍କ ସହିତ ମୁଖ୍ୟମନ୍ତ୍ରୀ କଥାବାର୍ତ୍ତା ହୋଇଥିଲେ।

## ୨ ପିସ୍ତଲ ସହ ଦୁଇ ଅଭିଯୁକ୍ତ ଗିରଫ



ପୋଲସରା, (ଡିକେ ନ୍ୟୁଜ୍): ଗଞ୍ଜାମ ପୋଲିସ ଜିଲ୍ଲା ପୋଲସରା ପୋଲିସକୁ ମିଳିଛି ବଡ ସଫଳତା। ଅସ୍ତ୍ରଶସ୍ତ୍ର ଆଇନ ବଳରେ ଦୁଇ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଦେଶୀ ନିର୍ମିତ ସିଙ୍ଗଲ ବୋର ୨ଟି ପିସ୍ତଲ, ୪ଟି ଜୀବନ୍ତ ଗୁଳି ଓ ଦୁଇଟି ମୋବାଇଲ ଫୋନ ଜବତ ହୋଇଛି। ଦୁଇ ଗିରଫ ଅଭିଯୁକ୍ତ ହେଲେ ବସନ୍ତ କୁମାର ସାହୁ (୩୨), ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟ ନଗର ଥାନା ଅନ୍ତର୍ଗତ ଏ.ବାରିଡା ଗ୍ରାମର ନୟନ ସାହି ଏବଂ ବସନ୍ତ ନାହାକ ବା ନାୟକ(୪୮) ପିତା ବାଞ୍ଛା ନାହାକ, ଗ୍ରାମ କଣଛାଇ, ଥାନା ପୋଲସରା। ଏନେଇ ପୋଲସରା ପୋଲିସ ଥାନା ମାମଲା ନଂ-୩୯୦ ତାରିଖ ୦୨/୦୬/୨୦୨୫ ୟୁ/ଏସ୍ ୩୦୮ (୫) ବିଏନ୍ଏସ/୨୫ (୧) (ଏ)/ ୨୭ ଅସ୍ତ୍ରଶସ୍ତ୍ର ଆଇନ ଏବଂ ମାମଲା ନଂ-୩୯୧ ତାରିଖ ୨/୬/୨୫ ୟୁ/ଏସ୍ ୨୫ (୧) (ଏ)/ ୨୭ ଅସ୍ତ୍ରଶସ୍ତ୍ର ଆଇନ ପ୍ରକାରେ ଗିରଫ ହୋଇ ଜୁନ ୨ ତାରିଖ ଦିନ କୋର୍ଟଚାଲାଣ କରାଯାଇଥିବା ନେଇ ଆଇଆଇସି କୌଶିକ ମାଝୀ ପ୍ରକାଶ କରିଛନ୍ତି।

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସାଇକେଲ ରାଲି

ଝାରସୁଗୁଡ଼ା, (ଡିକେ ନ୍ୟୁଜ୍): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଝାରସୁଗୁଡା ଆଞ୍ଚଳିକ ଶାଖା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯିବା ଅବସରରେ ସ୍କୁଲର ଛାତ୍ରଛାତ୍ରୀ ୨ୟ ଓଏସଏପିର ଯବାନମାନଙ୍କର ଏକ ସାଇକେଲ ରାଲି ସ୍ଥାନୀୟ ସହର ମଧ୍ୟରେ ଥିବା ବମ୍ଭେଛକ ଠାରୁ ସକାଳ ୭.୩୦ ମିନିଟରେ ଆରମ୍ଭ ହୋଇ ପ୍ରସନ୍ନ ପଣ୍ଡା ଛକ ଦେଇ ଝାରସୁଗୁଡା ହକି ଷ୍ଟାଡିୟମରେ ରାଲି ପହଞ୍ଚି ଥିଲା। ରାଲିରେ ବିଭିନ୍ନ ପ୍ରଦୂଷଣ ମୁକ୍ତ ପୋଷ୍ଟର ରହି ଥିଲା। ଏହି ରାଲିକୁ ଝାରସୁଗୁଡା ଡିଏଫ୍ଓ ମନୁ ଭଟ୍ଟ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ମହାନଦୀ କୋଇଲା କମ୍ପାନୀର ଇବ୍ ଭ୍ୟାଲିର ବରିଷ୍ଠ ଅଧିକାରୀ କହ୍ନେଇଲାଲ ମିଶ୍ର, ଲଖନପୁର ମାଇନସ ଭି.କେ ସିଂ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଝାରସୁଗୁଡା ଆଞ୍ଚଳିକ ଶାଖାର ଅଧିକାରୀ ହିରଣ୍ୟ କୁମାର ନାୟକ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ରାଲି ହକି ଷ୍ଟାଡିୟମ ଏଚ କଟାପାଲିରେ ପହଞ୍ଚିବା ପରେ ଅଧିକାରୀମାନେ ଉଦ୍‌ବୋଧନ ଦେଇ କହିଲେ ଯେ, ପ୍ରଦୂଷଣ ଆମ ପାଇଁ ବିଶ୍ୱତୁଲ୍ୟ ଅବସ୍ଥା। ଏହାର ବିକାର ରୂପ ଜଳ, ସ୍ଥଳ ଏବଂ ଆକାଶରେ ପରିବ୍ୟାପ୍ତ। ଅର୍ଥାତ ପାଣି ପବନ ଏବଂ ଖାଦ୍ୟରେ ଏହାର ଅପରୂପ ଅନୁପ୍ରବେଶ ହେତୁ ଆମେ ଆଜି ଗୁରୁତର ଅବସ୍ଥାର ସମ୍ମୁଖୀନ ହୋଇ ଥାଉ। ଖାଦ୍ୟ ପାଣି ଏବଂ ପବନ ହେଲା ଜୀବନର ପ୍ରକୃତ ସାର ସାମଗ୍ରୀ ଏହାର ସଠିକ ପ୍ରୟୋଗ ବଳରେ ଜିବନ ସତେଜ ହୋଇଥାଏ। ଏଥିପ୍ରତି ଆମେ ସଜାଗ ରହିବା ଉଚିତ। ପ୍ରଦୂଷଣ ବିପକ୍ଷରେ ଲାଗୁ ହୋଇଥିବା ଆଇନକୁ ପାଳନ କରିବାକୁ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ୨ୟ ଓଏସଏପିର ଯବାନ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଝାରସୁଗୁଡା ଆଞ୍ଚଳିକ ଶାଖାର ଅଧିକାରୀ, କର୍ମଚାରୀ, ପୋଲିସ ଓ ହକି ଆସୋସିଏସନର ଖେଳାଳି ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ମହାନଦୀ କୋଇଲା କମ୍ପାନୀ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଥିଲା।

## ଆମ ସଂକଳ୍ପ ସଚେତନତା ରଥର ଶୁଭାରମ୍ଭ

ଯାଜପୁର, (ଡିକେ ନ୍ୟୁଜ୍): ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆମ ସଂକଳ୍ପ ସଚେତନତା ରଥକୁ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଯାଜପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ଏବଂ ପୌରାଞ୍ଚଳ ବୁଲି ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ମାଦକ ଦ୍ରବ୍ୟ ବ୍ୟବହାର ବିରୋଧରେ ଲୋକଙ୍କୁ ସଚେତନ କରାଇବ। ଏହା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ବୁଲିବ ଓ ଏହି କାର୍ଯ୍ୟକ୍ରମରେ ଯାଜପୁର ଅବକାରୀ ଅଧିକ୍ଷକ ଟିକେ ଟାଣ୍ଡେଲ୍, ଡେପୁଟି ଅବକାରୀ ଅଧିକ୍ଷିକା ଅନିତା ଓଝା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ସମସ୍ତ ଅବକାରୀ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ଚାଲିଥିବା ବେଆଇନ ମାଦକ ଦ୍ରବ୍ୟ କାରବାର ଉପରେ ଲାଗିବ ଲଗାମ ଏହି କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଅବକାରୀ ବିଭାଗ ସଂକଳ୍ପବଦ୍ଧ ବୋଲି କୁହାଯାଇଛି।

## ଶ୍ରେଷ୍ଠ ପୋଲିସ ହାବିଲଦାର ଭାବେ ମସି ଅହମ୍ମଦ ଖାନ ପୁରସ୍କୃତ

ଖୋର୍ଦ୍ଧା, (ଡିକେ ନ୍ୟୁଜ୍): କର୍ତ୍ତବ୍ୟନିଷ୍ଠ ଓ ଜଣେ ସଚ୍ଚୋଟ ପୋଲିସ ଭାବରେ ହାବିଲଦାର ମସି ଅହମ୍ମଦ ଖାନଙ୍କୁ ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ବୋଲଗଡ ଓ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଉପଢୌକନ ଓ ମାନପତ୍ର ଦେଇ ପୁରସ୍କୃତ କରିଛନ୍ତି। ୧୯୯୫ ମସିହାରେ ପୋଲିସ ବିଭାଗରେ ଯୋଗଦେଇଥିବା ଶ୍ରୀ ଖାନ ପରବର୍ତ୍ତୀ ସମୟରେ ଓଡିଶାର ବିଭିନ୍ନ ସ୍ଥାନରେ ସଫଳତାର ସହିତ କାର୍ଯ୍ୟକରି ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସାଧାରଣରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ରାଜ୍ୟର ବହୁ ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ମନ୍ତ୍ରୀଙ୍କର ପିଏସଓ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। କୋମାଣ୍ଡୋ ଶିକ୍ଷା ପ୍ରଶିକ୍ଷଣ ପ୍ରାପ୍ତ ଶ୍ରୀ ଖାନ କୋଭିଡ ମହାମାରୀ ସମୟରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୦ ମସିହାରେ ଖୋର୍ଦ୍ଧା ଜିଲ୍ଲାର ଶ୍ରେଷ୍ଠ ହାବିଲଦାର ଭାବରେ ଜିଲ୍ଲା ପ୍ରଶାସନ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଦୁର୍ଘଟଣା ଗ୍ରସ୍ତ ବାଇକ ଆରୋହୀମାନଙ୍କୁ ଚିକିତ୍ସାଳୟରେ ଭର୍ତ୍ତିକରି ମାନବିକତାର ପରିଚୟ ଦେଇଛନ୍ତି। ଅଦ୍ୟାବଧି ୭୩ରୁ ଊର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ଅନୁଷ୍ଠାନରୁ ସେ ପୁରସ୍କୃତ ହୋଇଛନ୍ତି। ବର୍ତ୍ତମାନ ଶ୍ରୀ ଖାନ ଖୋର୍ଦ୍ଧା ନୂଆବସନ୍ତାଣ୍ଡ ସ୍ଥିତ ପୋଲିସ ଫାଣ୍ଡିରେ ହାବିଲଦାର ଭାବରେ କାର୍ଯ୍ୟରତ ଅଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ...

ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନେ ପୁଣିଥରେ ଦୋହରାଇଥିଲେ ଯେ ଏକ ସ୍ଥିର, ସୁରକ୍ଷିତ ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗର ପାଇଁ ଏକ ସମାନ ଦୃଷ୍ଟିକୋଣ ଦ୍ୱିପାକ୍ଷିକ ସହଯୋଗକୁ ଆଗକୁ ନେଇଯିବ। ଉପ-ପ୍ରଧାନମନ୍ତ୍ରୀ ମାର୍ଲେସ୍ ସୀମାପାର ଆତଙ୍କବାଦ ବିରୁଦ୍ଧରେ ଭାରତର ଲଢ଼େଇରେ ଅଷ୍ଟ୍ରେଲିଆର ସମର୍ଥନକୁ ପୁନର୍ବାର ଦୋହରାଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ଚଳିତ ବର୍ଷ ଶେଷରେ ଭାରତରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବାକୁ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଶ୍ରୀ ଆଲବାନିଜଙ୍କୁ ନିମନ୍ତ୍ରଣ କରିଛନ୍ତି।

### ଜୁଲାଇ ୨୧ରୁ ସଂସଦର...

ସଂଶୋଧନ ବିଲ୍ ପାରିତ ହୋଇପାରେ- ସଂସଦ ମୌସୁମୀ ଅଧିବେଶନରେ ବୀମା ସଂଶୋଧନ ବିଲ୍ ପାରିତ ହୋଇପାରେ। ବିଧେୟକରେ ବିମୀ କ୍ଷେତ୍ରରେ ଏଫଡିଆଇର ସୀମା ବୃଦ୍ଧି ହୋଇ ୧୦୦ ପ୍ରତିଶତ କରିବାକୁ ପ୍ରସ୍ତୁତି ହେଉଛି। ବିଲକୁ ସଂସଦରେ ମଞ୍ଜୁରୀ ମିଳିପାରେ। କ୍ୟାବିନେଟ ମଞ୍ଜୁରୀ ପରେ ବିଲ୍ ମନ୍ତ୍ରଣାଳୟରେ ଆର୍ଥିକ ସେବା ବିଭାଗ ବିଧେୟକକୁ ସଂସଦରେ ଉପସ୍ଥାପିତ କରିବାର ପ୍ରକ୍ରିୟା ଆରମ୍ଭ ହେବ। ଏହା ପୂର୍ବରୁ ଜାନୁଆରୀ ୩୧ରେ ବଜେଟ୍ ଅଧିବେଶନ ହୋଇଥିଲା। ତେବେ ମଙ୍ଗଳବାର ଇଣ୍ଡି ମେଣ୍ଟର ୧୬ ଜଣିଆ ରାଜନୈତିକ ଦଳ ମିଳିତ ବୈଠକ କରିଥିଲେ। ଏଥିରେ ପହଲଗାମ ଆତଙ୍କୀ ଆକ୍ରମଣ ଓ 'ଅପରେସନ୍ ସିନ୍ଦୂର'କୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ଏଥିରେ 'ଅପରେସନ୍ ସିନ୍ଦୂର' ବାବଦରେ ଆଲୋଚନା କରିବା ପାଇଁ ବିରୋଧୀ ଦଳ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବ ଦାବି କରିଛନ୍ତି।

### ତହସିଲଦାରମାନେ ହେଉଛନ୍ତି...

ସଠିକ ତଥ୍ୟ ଆସିବା ଦରକାର, ଯାହାଦ୍ୱାରା ଚାଷୀମାନେ ସେମାନଙ୍କ ପ୍ରକୃତ ଚାଷ କରିଥିବା ଫସଲ ପାଇଁ ସୁବିଧା ପାଇବେ। କର୍ତ୍ତବ୍ୟପରାୟଣ ଓ ସଚ୍ଚୋଟ ହୁଅନ୍ତୁ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଏ ସରକାର ବରଦାସ୍ତ କରିବେ ନାହିଁ। ଭଲ କାମ କରୁଥିବା ଅଧିକାରୀଙ୍କୁ ନିଶ୍ଚୟ ପୁରସ୍କୃତ କରାଯିବ। ପ୍ରତିଷ୍ଠା ନୁହେଁ, ସମର୍ପଣ ହେଉ ଆପଣମାନଙ୍କ ମାନଦଣ୍ଡ। ଏକ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ରାଜସ୍ୱ ପ୍ରଶାସନ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଆମକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଚିରାଚରିତ କାର୍ଯ୍ୟପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ପଡିବ ଆପଣମାନେ ନିଜର ମାନସିକତା ବଦଳାନ୍ତୁ। ଆମ ସରକାର ଶାସନକୁ ଆସିବା ପରେ, ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଛନ୍ତି। ରାଜସ୍ୱ ସେବା ଏବେ ଲୋକମାନଙ୍କର ନିକଟତର ହୋଇଛି। ବର୍ତ୍ତମାନ ଲୋକଙ୍କ ସରକାରରେ ଜନସାଧାରଣ ହେଉଛନ୍ତି ଶ୍ରେଷ୍ଠ ବିଚାରକ ଆମକୁ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ପଡିବ। ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତୁ। ସମୟ ଅନୁଯାୟୀ ରାଜସ୍ୱ ସେବା ଯୋଗାଇ ଦେବା ପାଇଁ ଯତ୍ନବାନ ହୁଅନ୍ତୁ ବୋଲି ଶ୍ରୀ ପୂଜାରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଦେଓରଞ୍ଜନ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ବି.ପରମେଶ୍ୱରନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର, ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଦୁଇ ଦିନିଆ କର୍ମଶାଳାର ପ୍ରଥମ ଅଧିବେଶନରେ ସମସ୍ତ ଜିଲ୍ଲାର ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାରମାନେ ଅଂଶଗ୍ରହଣ କରିଥିଲେ।

### ୬ରେ ଜମ୍ମୁ ଓ କାଶ୍ମୀର...

ଉଧମପୁର-ଶ୍ରୀନଗର-ବାରାମୁଲ୍ଲା ରେଳ ଲିଙ୍କ୍ (ୟୁଏସ୍‌ବିଆର୍‌ଏଲ) ପ୍ରକଳ୍ପକୁ ମଧ୍ୟ ଦେଶକୁ ଉତ୍ସର୍ଗ କରିବେ। ପ୍ରାୟ ୪୩,୭୮୦ କୋଟି ଟଙ୍କା ମୂଲ୍ୟରେ ନିର୍ମିତ ୨୭୨ କିଲୋମିଟର ଲମ୍ବା ୟୁଏସବିଆରଏଲ ପ୍ରକଳ୍ପରେ ୩୬ଟି ସୁଡ଼ଙ୍ଗ (୧୧୯ କିଲୋମିଟର ବ୍ୟାପି) ଏବଂ ୯୪୩ଟି ସେତୁ ଅନ୍ତର୍ଭୁକ୍ତ ଏହି ପ୍ରକଳ୍ପ କାଶ୍ମୀର ଉପତ୍ୟକା ଏବଂ ଦେଶର ଅନ୍ୟାନ୍ୟ ସ୍ଥାନ ମଧ୍ୟରେ ସବୁଦିନିଆ, ସୁଗମ ରେଳ ସଂଯୋଗ ସ୍ଥାପନ କରିବ ଯାହା କ୍ଷେତ୍ରୀୟ ଗତିଶୀଳତାକୁ ପରିବର୍ତ୍ତନ କରିବା ଏବଂ ସାମାଜିକ-ଆର୍ଥିକ ଏକୀକରଣକୁ ଆଗେଇ ନେବା ଲକ୍ଷ୍ୟରେ ନିର୍ମାଣ କରାଯାଇଛି। ପ୍ରଧାନମନ୍ତ୍ରୀ ମଧ୍ୟ ଶ୍ରୀ ମାତା ବୈଷ୍ଣୋ ଦେବୀ କଟରାରୁ ଶ୍ରୀନଗର ଏବଂ ପଛକୁ ଦୁଇଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏଗୁଡ଼ିକ ସ୍ଥାନୀୟ ବାସିନ୍ଦା, ପର୍ଯ୍ୟଟକ, ତୀର୍ଥଯାତ୍ରୀଙ୍କ ପାଇଁ ଏକ ଦ୍ରୁତ, ଆରାମଦାୟକ ଏବଂ ନିର୍ଭରଯୋଗ୍ୟ ଯାତ୍ରା ବିକଳ୍ପ ପ୍ରଦାନ କରିବ। ବିଶେଷକରି ସୀମାନ୍ତ ଅଞ୍ଚଳରେ ଶେଷ ମାଇଲ ସଂଯୋଗକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ପ୍ରଧାନମନ୍ତ୍ରୀ ବିଭିନ୍ନ ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବେ। ସେ ଜାତୀୟ ରାଜପଥ-୭୦୧ରେ ରଫିଆବାଦରୁ କୁପୱାଡା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପ ଏବଂ ଏନ୍‌ଏଚ୍-୪୪୪ରେ ୧,୯୫୨ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଶୋପିଆନ ବାଇପାସ ରାସ୍ତା ନିର୍ମାଣର ଶିଳାନ୍ୟାସ କରିବେ। ସେ ଶ୍ରୀନଗରର ଜାତୀୟ ରାଜପଥ-୧ର ସଂଗ୍ରାମା ଜଙ୍କସନ ଏବଂ ଜାତୀୟ ରାଜପଥ-୪୪ର ବେମିନା ଜଙ୍କସନରେ ଦୁଇଟି ଫ୍ଲାଏଓଭର ପ୍ରକଳ୍ପର ମଧ୍ୟ ଉଦଘାଟନ କରିବେ। ଏହି ପ୍ରକଳ୍ପଗୁଡ଼ିକ ଟ୍ରାଫିକ ଭିଡ଼କୁ କମ କରିବ ଏବଂ ଯାତ୍ରୀମାନଙ୍କ ପାଇଁ ଟ୍ରାଫିକ ପ୍ରବାହକୁ ବୃଦ୍ଧି କରିବ। ପ୍ରଧାନମନ୍ତ୍ରୀ କଟରାରେ ୩୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଶ୍ରୀ ମାତା ବୈଷ୍ଣୋ ଦେବୀ ମେଡିକାଲ ଉତ୍କର୍ଷ ପ୍ରତିଷ୍ଠାନର ମଧ୍ୟ ଶିଳାନ୍ୟାସ କରିବେ। ଏହା ରିଆସି ଜିଲ୍ଲାର ପ୍ରଥମ ମେଡିକାଲ କଲେଜ ହେବ ଯାହା ଏହି ଅଞ୍ଚଳର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ଯଥେଷ୍ଟ ଯୋଗଦାନ ଦେବ।

### ଢେଙ୍କାନାଳରେ ପ୍ରାୟ ୩୦୮...

ପାଇଁ ଆବେଦନ କରିବାର ସର୍ବୋଚ୍ଚ ବୟସ ସୀମାକୁ ୪୨ ବର୍ଷ କରିଛୁ। ଏହା ଯୁବବର୍ଗଙ୍କୁ ସରକାରୀ ଚାକିରିରେ ପ୍ରତିଯୋଗୀତା କରିବାକୁ ଅଧିକ ସୁଯୋଗ ଦେବ। ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆମେ ୨୦୩୬ ସୁଦ୍ଧା ଓଡିଶାକୁ ସମୃଦ୍ଧ ଓଡିଶାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛୁ ଏବଂ ଏଥିପାଇଁ ମୂଳଦୁଆ ଗତ ଜୁନ ୧୨ ତାରିଖରେ ପଡି ସାରିଛି। ଏବେ ଏହି ଭିତ୍ତିଭୂମି ଉପରେ ନିର୍ମାଣ ହେଉଛି ନୂତନ ଓଡିଶା, ସମୃଦ୍ଧ ଓଡିଶା। ଏଥିପାଇଁ ପ୍ରତି ଜିଲ୍ଲାକୁ ବି ସମୃଦ୍ଧ ହେବାକୁ ପଡିବ। ଆଜିର ପ୍ରକଳ୍ପ ସବୁ ଢେଙ୍କାନାଳ ଜିଲ୍ଲାକୁ ସମୃଦ୍ଧ କରିବାକୁ ଉଦ୍ଦିଷ୍ଟ। ଆସନ୍ତୁ, ଗଢିବା ଏକ ସମୃଦ୍ଧ ଢେଙ୍କାନାଳ ଏବଂ ସମୃଦ୍ଧ ଓଡିଶା। ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ସାରା ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ୬ ମାସ ମଧ୍ୟରେ ଆଜି ଆମେ ମାନେ ଦେଖି ପାରୁଛେ। ଆଗକୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆମେ ଶିଳ୍ପ ମାଧ୍ୟମରେ ରୋଜଗାର ବଢାଇବୁ ଏବଂ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ଉକ୍ତ କାର୍ଯ୍ୟକ୍ରମରେ, ଖାଦ୍ୟ ଯୋଗାଣ ମନ୍ତ୍ରୀ, କୃଷ୍ଣ ଚନ୍ଦ୍ର ପାତ୍ର କହିଥିଲେ ଯେ, ଗଣତନ୍ତ୍ରରେ ସବୁଠାରୁ ବଡ କଥା ହେଉଛି 'ଲୋକଙ୍କ ଭରଷାକୁ ଅକ୍ଷୁର୍ଣ୍ଣ ରଖିବା' ଏହି ଭାବନାକୁ ମନରେ ରଖି ପ୍ରଥମ ଦିନରୁ ହିଁ ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ପଦକ୍ଷେପ ନେଇଥିଲୁ। ପ୍ରତ୍ୟେକ ମୁହୂର୍ତ୍ତ ଲୋକଙ୍କ ପାଇଁ ସମର୍ପିତ ଆମ ସରକାର, ଲୋକଙ୍କ ହିତରେ ହିଁ କାର୍ଯ୍ୟରତ ଆଉ ଆଜି ବର୍ଷେ ମଧ୍ୟ ପୂରିନି କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ରାଜ୍ୟରେ ବିକାଶର ଧାରା ବହି ଚାଲିଛି। ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ, ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ, ଶତ୍ରୁଘ୍ନ ଜେନା , ପରଜଙ୍ଗ ବିଧାୟକ, ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା, ସିମାରାଣୀ ନାୟକ ଓ ପାଲଲହଡା ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

### ଆଇପିଏଲ ବିଜୟ ଉତ୍ସବ...

ଖେଳିଯାଇଥିଲା ଓ ଲୋକମାନେ ଏଣେତେଣେ ଦୌଡାଦୌଡି ଆରମ୍ଭ କରିଦେଇଥିଲେ। ଯେଉଁଥିପାଇଁ ଦଳାଚକଟା ସ୍ଥିତି ଉପୁଜି ଥିଲା ବୋଲି ସୂଚନା ରହିଛି। ଏହି ଦୁର୍ଘଟଣା ସାମ୍ନାକୁ ଆସିବା ପରେ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏହି ଦୁର୍ଘଟଣାରେ ମୁଁ ଅତ୍ୟନ୍ତ ମର୍ମାହାତ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ତେବେ ଏହି ଦୁର୍ଘଟଣା ସମୟର ଜାରି ହୋଇଥିବା ଭିଡିଓରେ ପୋଲିସ ଭିଡକୁ ସମ୍ଭାଳିବାରେ ବିଫଳ ହୋଇଥିବା ଦେଖିବାକୁ ମିଳିଛି। ତେବେ ଆହତ ଓ ଗୁରୁତର ଆହତ ଲୋକମାନଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡିଛି।

## ଏକବର୍ଷ ସରକାରର ପୂର୍ତ୍ତି ପାଇଁ ପ୍ରସ୍ତୁତି



ଅନୁଗୁଳ, (ଡିକେ ନ୍ୟୁଜ୍): କେନ୍ଦ୍ରରେ ମୋଦି ସରକାରର ୧୧ ବର୍ଷ ଓ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ୧ ବର୍ଷ ସରକାରର ବର୍ଷ ପୂର୍ତ୍ତିକୁ ଧୂମଧାମରେ ପାଳିବ। ବିଜେପି ସେବା ସୁଶାସନ ଓ ଗରିବ କଲ୍ୟାଣର କେନ୍ଦ୍ରର ୧୧ ବର୍ଷ ଓ ରାଜ୍ୟର ୧ ବର୍ଷ ବିଜେପି ସରକାରର ବର୍ଷ ପୂର୍ତ୍ତି ପାଇଁ ବୁଧବାର ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜୁନ ୫ ବିଶ୍ୱ ପର୍ଯ୍ୟାବରଣ ଦିବସରେ ସମସ୍ତ କାର୍ଯ୍ୟକର୍ତ୍ତା ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ ଆରମ୍ଭ କରାଯିବ ଏବଂ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଚାଲିବ ଏବଂ ସେହିଦିନ ଜିଲ୍ଲାରେ ଏକ କର୍ମଶାଳା ଅନୁଷ୍ଠିତ ହେବ। ଜୁନ ୧୧ରୁ ଜୁନ ୧୮ ମଧ୍ୟରେ ସମସ୍ତ ମଣ୍ଡଳ ଏବଂ ଶକ୍ତିକେନ୍ଦ୍ରସ୍ତରରେ ବିକଶିତ ଓଡିଶା ବିକଶିତ ଭାରତ ସମାବେଶ ଅନୁଷ୍ଠିତ ହେବ ବୁଦ୍ଧିଜିବୀମାନଙ୍କର ସମାବେଶ ଅନୁଷ୍ଠିତ ହେବ। ଜୁନ ୨୧ରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯିବା ସହ ଜୁନ ୨୩ରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର ବଳିଦାନ ଦିବସ ଏବଂ ଜୁନ ୨୫ରେ ତତ୍କାଳୀନ କଂଗ୍ରେସ ସରକାର ଏମର୍ଜେନ୍ସି ଲାଗୁ କରିଥିବାର ୫୦ ବର୍ଷକୁ କଳା ଦିବସ ଭାବେ ପାଳିବ ବିଜେପି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଆଜିର ବୈଠକରେ ଜିଲ୍ଲା ସଭାପତିଙ୍କ ସମେତ ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ଦିଲ୍ଲୀପ ପ୍ରଧାନ, ସୁଦିପ ଗଡ଼ନାୟକ ଓ ପ୍ରକାଶ ମହାରଣା, ଚୌଧୁରୀ ପ୍ରଧାନ, ବିଶ୍ୱଜିତ ମିଶ୍ର, ପର୍ଶୁରାମ ବାରିକ, ପ୍ରହଲ୍ଲାଦ ସାମଲ, ଦିଲ୍ଲୀପ ଦାସ, ଗୋପବନ୍ଧୁ ଗଡ଼ନାୟକ, ପ୍ରତ୍ୟୁଷ ରଞ୍ଜନ ପଣ୍ଡା ପ୍ରମୁଖ କୋର କମିଟି ସଦସ୍ୟ ଯୋଗ ଦେଇଥିଲେ। ଆଗାମୀ ଦିନର ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ ପାଇଁ ସଂଯୋଜକ ଭାବେ ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ସହ ସଂଯୋଜକ ଭାବେ ସୁଦିପ ଗଡ଼ନାୟକ ଓ ପ୍ରହଲ୍ଲାଦ ସାମଲଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ସମସ୍ତ ମଣ୍ଡଳରେ ମଣ୍ଡଳ ସଭାପତିଙ୍କ ସମେତ ୩ ଜଣଙ୍କୁ ସଂଯୋଜକ ଓ ସହ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି।

## ନିମ୍ନମାନର ଖଜା ବିକ୍ରେତାଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ

ପୁରୀ, (ଡିକେ ନ୍ୟୁଜ): ମହାପ୍ରସାଦ ବୋଲି କହି ବଡ଼ଦାଣ୍ଡରେ ଖଜା ବିକ୍ରି କରୁଥିବା ଉଠାଦୋକାନୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ତତ୍ପର ହୋଇଛି ପ୍ରଶାସନ। ମହାପ୍ରସାଦ ବୋଲି କହି ବଡ଼ଦାଣ୍ଡରେ ନିମ୍ନମାନର ଖଜାକୁ ଚଢ଼ା ଦାମରେ ବିକ୍ରି କରିବା ସହ ମାପ ଓଜନ ମଧ୍ୟ ଠକେଇ କରୁଛନ୍ତି। ଏ ସମ୍ପର୍କରେ ସିଂହଦ୍ୱାର ଥାନାରେ ଅଭିଯୋଗ ହେବାପରେ ଆକ୍ସନ ମୋଡକୁ ଆସିଛି ଜିଲ୍ଲା ପ୍ରଶାସନ। ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିର ଚାରି ପାଖରେ ଖଜା ବିକ୍ରି କରୁଥିବା ଉଠା ଦୋକାନୀ ଓ ବ୍ୟବସାୟୀମାନଙ୍କୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଦ୍ୱାରା ଖୁବଶୀଘ୍ର ହଟାଯିବ ବୋଲି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ସେହିପରି ବିକ୍ରି ହେଉଥିବା ଖଜାରମାନ ମଧ୍ୟ ଯାଞ୍ଚ କରାଯିବ। ଫୁଡ୍ ସେଫ୍ଟି ଲାଇସେନ୍ସ ନନେଇ ଖଜା ଫ୍ୟାକ୍ଟ୍ରି ଖୋଲିଥିବା ବ୍ୟବସାୟୀମାନଙ୍କ ଉପରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଭକ୍ତମାନେ କାହାରି କଥାରେ ବିଶ୍ୱାସ ନକରି କେବଳ ଶ୍ରୀମନ୍ଦିର ଆନନ୍ଦ ବଜାରରେ ବିକ୍ରି ହେଉଥିବା ମହାପ୍ରସାଦ ଖଜା କିଣିବାକୁ ଜିଲ୍ଲାପାଳ ଭକ୍ତମାନଙ୍କୁ ଅନୁରୋଧ କରିଛନ୍ତି। ବଡଦାଣ୍ଡ ଉଠା ଦୋକାନୀମାନେ ଭକ୍ତଙ୍କୁ ଖଜା ବିକ୍ରି କରୁଥିବାବେଳେ ଠକେଇ କରୁଥିବା ଅଭିଯୋଗ ପରେ ସିଂହ ଦ୍ୱାର ଥାନାରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ୨ଜଣ ଖଜା ବ୍ୟବସାୟ କରୁଥିବା ଉଠା ଦୋକାନୀଙ୍କୁ ଠକେଇ ମାମଲାରେ ଗିରଫ କରାଯାଇଛି ବୋଲି ପୁରୀ ଏସପି ବିନୀତ ଅଗ୍ରୱାଲ କହିଛନ୍ତି। ବଡ ଦାଣ୍ଡ ଓ ଶ୍ରୀମନ୍ଦିର ଚାରିପାଖରେ ବେଆଇନ ଭାବେ ଖଜା ବିକ୍ରି କରୁଥିବା ଉଠାଦୋକାନୀଙ୍କୁ ହଟାଇବା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡକୁ କୁହାଯାଇଥିବା ସେ ସୂଚନା ଦେଇଛନ୍ତି।





# ଐତିହାସିକ ବିଜୟ ପରେ ପ୍ରଥମ ପୋଷ୍ଟ କଲେ କୋହଲି




ନୂଆଦିଲ୍ଲୀ, ୪।୬ (ହି.ସ): ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ ୨୦୨୫ ଚାମ୍ପିୟନ୍ ହୋଇଛି। ଏହି ଐତିହାସିକ ବିଜୟ ପରେ, ଦଳର ସବୁଠାରୁ ବରିଷ୍ଠ ଖେଳାଳି ବିରାଟ କୋହଲି ତାଙ୍କର ପ୍ରଥମ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ନିଜର ଭାବନା ଶେୟାର କରିଥିଲେ। ୪ ଜୁନ ୨୦୨୫ ସକାଳ ୮ଟାରେ ଶେୟାର କରାଯାଇଥିବା ଏହି ପୋଷ୍ଟରେ, ବିରାଟ କେବଳ ତାଙ୍କର ଖୁସି ପ୍ରକାଶ କରିନ ଥିଲେ, ବରଂ ପ୍ରଶଂସକ ଏବଂ ଏହି ଲମ୍ବା ଯାତ୍ରାକୁ ମଧ୍ୟ ମନେ ପକାଇଥିଲେ। ପୋଷ୍ଟରେ ତାଙ୍କର ଭାବପ୍ରବଣ ଶବ୍ଦ ଏବଂ ଟ୍ରଫି ସହିତ ତାଙ୍କର ଫଟୋ ପ୍ରଶଂସକଙ୍କ ହୃଦୟ ଜିତିଥିଲା। ତାଙ୍କର ପୋଷ୍ଟ କିଛି ମିନିଟ ମଧ୍ୟରେ ବହୁତ ଭାଇରାଲ ହୋଇଥିଲା। ବିରାଟ ତାଙ୍କ ଇନଷ୍ଟାଗ୍ରାମ ପୋଷ୍ଟରେ ଆରସିବି ଚାମ୍ପିଅନ ହେବାର କିଛି ଫଟୋ ଶେୟାର କରିଛନ୍ତି। ସେହି ସମୟରେ, ଗୋଟିଏ ଫଟୋରେ ସେ ଏକ ଲାଲ ଆର୍‌ସିବି ଜର୍ସି ପିନ୍ଧି ଗର୍ବର ସହିତ ଆଇପିଏଲ ୨୦୨୫ ଟ୍ରଫି ଧରିଛନ୍ତି। ଏହି ଫଟୋଗୁଡ଼ିକ ସହିତ, ସେ ଏକ ଭାବପ୍ରବଣ ବାର୍ତ୍ତା ଲେଖିଛନ୍ତି, ଯେଉଁଥିରେ ସେ ତାଙ୍କ ଦଳ, ପ୍ରଶଂସକ ଏବଂ ଏହି ୧୮ ବର୍ଷର ଯାତ୍ରାକୁ ମନେ ପକାଇଛନ୍ତି। ଏହି ପୋଷ୍ଟକୁ ପ୍ରଥମ ୧ ଘଣ୍ଟାରେ ୫୦ ଲକ୍ଷରୁ ଅଧିକ ଲାଇକ ଏବଂ ହଜାର ହଜାର କମେଣ୍ଟ ମିଳିଛି। ତାଙ୍କ ପୋଷ୍ଟରେ, ବିରାଟ ଲେଖିଛନ୍ତି, ଏହି ଦଳ ସ୍ୱପ୍ନକୁ ସମ୍ଭବ କରିଥିଲା, ଏକ ସିଜିନ ଯାହାକୁ ମୁଁ କେବେ ଭୁଲିପାରିବି ନାହିଁ। ଆମେ ଗତ ୨.୫ ମାସରେ ଯାତ୍ରାକୁ ସମ୍ପୂର୍ଣ୍ଣ ଉପଭୋଗ କରିଛୁ। ଏହା ଆର୍‌ସିବି ପ୍ରଶଂସକଙ୍କ ପାଇଁ ଯେଉଁମାନେ ଖରାପ ସମୟରେ ମଧ୍ୟ ଆମକୁ ଛାଡି ନାହାଁନ୍ତି। ଏହା ସମସ୍ତ ହୃଦୟ ବିଦାରକ ଏବଂ ନିରାଶାର ବର୍ଷ ପାଇଁ। ଏହା ଏହି ଦଳ ପାଇଁ ଖେଳିବା ସମୟରେ ପଡ଼ିଆରେ କରାଯାଇଥିବା ପ୍ରତ୍ୟେକ ପ୍ରୟାସ ପାଇଁ। ଯେପର୍ଯ୍ୟନ୍ତ ଆଇପିଏଲ ଟ୍ରଫି କଥା ଆସେ - ସେ ମୋତେ ୧୮ ବର୍ଷ ଅପେକ୍ଷା କରାଇଲା, କିନ୍ତୁ ଏହା ଅପେକ୍ଷାର ମୂଲ୍ୟବାନ। ବିରାଟ କୋହଲି ଆଇପିଏଲ ୨୦୨୫ରେ ତାଙ୍କ ବ୍ୟାଟିଂ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ସେ ସମଗ୍ର ସିଜିନରେ ୧୫ ମ୍ୟାଚରେ ୬୫୭ ରନ କରିଥିଲେ। ଏଥିରେ ୮ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ଥିଲା। କୋହଲିଙ୍କ ହାରାହାରି ମଧ୍ୟ ୫୪.୭୫ ଥିଲା ଏବଂ ସେ ୧୪୪.୭୧ ଷ୍ଟ୍ରାଇକ ରେଟରେ ଏହି ରନ କରିଥିଲେ।

# ମୁଖ୍ୟମନ୍ତ୍ରୀ କପ ଫୁଟବଲ ମ୍ୟାଚ ପ୍ରଚାର ପାଇଁ ୩ ରଥ ବୁଲିଲା




ଝାରସୁଗୁଡ଼ା, ୪।୬ (ଡିକେ ନ୍ୟୁଜ୍): ଜିଲ୍ଲା କ୍ରୀଡା ସଂଘ ତରଫରୁ ୨ୟ ଓଏସଏପି ଠାରେ ମୁଖ୍ୟମନ୍ତ୍ରୀ କପ ଫୁଟବଲର ପ୍ରଥମ ସେମିଫାଇନାଲ ମ୍ୟାଚ ଓଏସଏପି ମିନି ଷ୍ଟାଡିୟମରେ ବରଗଡ ଓ ଯାଜପୁର ଜିଲ୍ଲା ମଧ୍ୟରେ ଗୁରୁବାର ୫ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଜିଲ୍ଲାରେ ଖେଳାଳି, ଖେଳପ୍ରେମୀ ଓ ସାଧାରଣ ଜନତାଙ୍କ ଅବଗତି ପାଇଁ ତିନୋଟି ଗାଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରଚାର ପାଇଁ ବୁଧବାର ସକାଳ ୯ଟାରେ ୨ୟ ଓଏସଏପି ମିନି ଷ୍ଟାଡିୟମରେ ଝାରସୁଗୁଡା ଏଡିଏମ୍ ବ୍ରଜବନ୍ଧୁ ଭୋଇ ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ୨ୟ ଓଏସଏପିର ଦୁର୍ଗପତି ଶ୍ରୀ ପ୍ରସାଦ ତମାଙ୍ଗ ଓ ପୋଲିସ ଏସଡିପିଓ ଉପସ୍ଥିତ ଥିଲେ। ଏହାକୁ ସଫଳ କରିବା ପାଇଁ ଝାରସୁଗୁଡା ବିଧାୟକ ତଥା ଓଡିଶା ଫୁଟବଲ ଆସୋସିଏସନର ସଭାପତି ଟଙ୍ଗଧର ତ୍ରିପାଠୀ ସଂପୂର୍ଣ୍ଣ ତଦାରଖ କରୁଛନ୍ତି। ଝାରସୁଗୁଡା ଜିଲ୍ଲାର ଫୁଟବଲ ଖେଳାଳି ଯେକି ଓଡିଶାର ପ୍ରତିନିଧିତ୍ୱ କରିଛନ୍ତି। ସେମାନଙ୍କୁ ସମ୍ମାନିତ କରିବା ପାଇଁ ବିଧାୟକ ଯୋଜନା ପ୍ରସ୍ତୁତ କରଛନ୍ତି। ଏହି କାର୍ଯକ୍ରମରେ ଝାରସୁଗୁଡା ଜିଲ୍ଲା କ୍ରୀଡା ସଂସ୍ଥାର ସଭ୍ୟମାନେ ଉପସ୍ଥିତ ଥିଲେ।

# ଜୁଲାଇ ୫କୁ ଘୁଞ୍ଚିଲା ନୀରଜ ଚୋପ୍ରା କ୍ଲାସିକ୍




ନୂଆଦିଲ୍ଲୀ, ୪।୬ (ହି.ସ): ଯୁଗଳ ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରାଙ୍କ ନାଁରେ ଆୟୋଜିତ ହେବାକୁ ଥିବା ପ୍ରଥମ ନୀରଜ ଚୋପ୍ରା କ୍ଲାସିକ୍ ଜାଭଲିନ୍ ପ୍ରତିଯୋଗିତା ଜୁଲାଇ ୫କୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହା ମେ'୨୪ ତାରିଖରେ ଆୟୋଜିତ ହେବାର ଥିଲା। ତେବେ ଭାରତ-ପାକସ୍ତାନ ସାମରିକ ଛକାପଞ୍ଝା ପାଇଁ ଆୟୋଜିତ ହୋଇ ପାରି ନଥିଲା। ଆୟୋଜକମାନେ ନୂଆ ତାରିଖ ଘୋଷଣା କରିଛନ୍ତି। ସେହିଭଳି ଭାରତୀୟ ଦୌଡ଼କୁଦ ସଂଘ ସ୍ୱୀକୃତ ଏହି ପ୍ରତିଯୋଗିତା ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଖେଳାଯିବ ବୋଲି ସୂଚନା ଦେଇଛନ୍ତି। ବିଶ୍ୱର ବଛାବଛା ୧୨ଜଣ ଜାଭଲିନ୍ ତାରକା ଅଂଶଗ୍ରହଣ କରିବାକୁ ଥିବା ଏହି ପ୍ରତିଯୋଗିତାରେ ଭାରତରୁ ନୀରଜଙ୍କ ସହ ୫ଜଣ ଜାଭଲିନ୍ ତାରକା ଅଂଶଗ୍ରହଣ କରିବେ। ଅନ୍ୟମାନେ ହେଲେ ସଚିନ ଯାଦବ, ଓଡ଼ିଆ ପୁଅ କିଶୋର ଜେନା, ରୋହିତ ଯାଦବ ଓ ସୁଶୀଲ ସିଲଓ୍ୱାଲ୍। ବିଦେଶୀ ଖେଳାଳିମାନେ ହେଲେ ଦୁଇଥର ବିଶ୍ୱ ବିଜେତା ଗ୍ରେନେଡାର ଆଣ୍ଡରସନ୍ ପିଟର୍ସ, ପୂର୍ବତନ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଜର୍ମାନୀର ଥୋମାସ ରୋହଲର, ୨୦୧୫ ବିଶ୍ୱ ବିଜେତା କେନିଆର ଜୁଲିଅସ୍ ୟେଗୋ, ଆମେରିକାର କର୍ଟିସ୍ ଥମ୍ପସନ୍, ଏସୀୟ କ୍ରୀଡ଼ା କାଂସ୍ୟ ଜାପାନର ପଦକ ବିଜେତା ଜେନ୍କି ଡିନ୍, ଶ୍ରୀଲଙ୍କାର ରମେଶ ପାଥିରେଜ ଓ ବ୍ରାଜିଲର ମେରିସିଓ ଡା ସିଲଭା ପ୍ରମୁଖ। ପ୍ରତିଯୋଗିତା ଲାଗି ଟିକେଟ ଦର ୧୯୯ ଟଙ୍କାରୁ ୯୯୯ ଟଙ୍କା ମଧ୍ୟରେ ରଖାଯାଇଛି। ନୀରଜ ଚୋପ୍ରା ଓ ଜେଏସଡବ୍ଲୁ ସ୍ପୋର୍ଟସ ଏହାକୁ ମିଳିତ ଭାବେ ଆୟୋଜନ କରୁଛନ୍ତି।

# ବାହୁଡା ପୂର୍ବରୁ ମୁକ୍ତିଲାଭ କରିବ ଫିଲ୍ମ 'ଶ୍ରୀଜଗନ୍ନାଥଙ୍କ ନବକଳେବର'

ଭୁବନେଶ୍ୱର, ୪।୬ (ହି.ସ): ରୁପେଲି ପରଦାରେ ପ୍ରଦର୍ଶିତ ହେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବର। ସିନେମା ମାଧ୍ୟମରେ ଦର୍ଶକ ଦେଖିବେ ଜାଗାର ଅଲୌକିକ ନୀତିକାନ୍ତି। ଯୋଡ଼। ଆଷାଢ଼ ପଡିଲେ ପରିବର୍ତ୍ତନ ହୁଏ ମହାପ୍ରଭୁ ଜଗନ୍ନାଥଙ୍କ ଘଟ। କ'ଣ ପାଇଁ ପଡିଲା ନବକଳେବରର ଆବଶ୍ୟକତା ଓ କେବେ ଆରମ୍ଭ ହୋଇଥିଲା ନବକଳେବର, ତାହା ହିଁ ଏ କାହାଣୀର ମୁଖ୍ୟ କଥାବସ୍ତୁ। ଜଗନ୍ନାଥଙ୍କ ମୂର୍ତ୍ତିକୁ ଦାରୁମୂର୍ତ୍ତି କୁହାଯାଏ। ଦାରୁମୂର୍ତ୍ତି ନଷ୍ଟ ହେବାର ସମ୍ଭାବନା ଥାଏ। କଳାପାହାଡ଼ ଆକ୍ରମଣ ସମୟରେ ଜଗନ୍ନାଥଙ୍କ ବିଗ୍ରହକୁ ନେଇ ଗଙ୍ଗାନଦୀ କୂଳରେ ନିଆଁ ଲଗାଇ ପୋତି ଦିଆଯାଇଥିଲା। ଯେତେବେଳେ ଦାରୁମୂର୍ତ୍ତି ନଷ୍ଟ ହେବାର ପ୍ରଶ୍ନ ଉଠିଲା ସେତେବେଳେ ଆରମ୍ଭ ହୋଇଥିଲା ନବକଳେବର। ୧୫୭୫ ମସିହାରେ ପ୍ରଥମ ଗଜପତି ରାମଚନ୍ଦ୍ର ଦେବଙ୍କ ସମୟରେ ହୋଇଥିଲା ପ୍ରଥମ ନବକଳେବର। ମହାପ୍ରଭୁ ମାନବୀୟ ଲୀଳା କରନ୍ତି। ବିଶ୍ୱବ୍ୟାପୀ ଜଗନ୍ନାଥଙ୍କ ପ୍ରଚାର ପ୍ରସାରକୁ ନେଇ ଆମେ, ଶ୍ରୀ ଜଗନ୍ନାଥଙ୍କ ନବକଳେବର ସିନେମା ଯୋଜନା କରିଛୁ, କହିଛନ୍ତି ପ୍ରଯୋଜକ ତଥା ନିର୍ଦ୍ଦେଶକ ବିନି ସାମଲ।

# ଅକ୍ଷର ପଟେଲ ସନ୍ୟାସ ନେବାର ଏଆଇ ଭିଡିଓ ଭାଇରାଲ




ନୂଆଦିଲ୍ଲୀ, ୪।୬ (ହି.ସ): ଗୋଟିଏ ପଟେ, ଆର୍‌ସିବି ପ୍ରଥମ ଥର ପାଇଁ ଆଇପିଏଲ ଚାମ୍ପିୟନ ହେବାର ଉତ୍ସବ ପାଳନ କରୁଛି। ଅନ୍ୟପଟେ, ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଅକ୍ଷର ପଟେଲ ଅବସର ନେଇଛନ୍ତି। ପଟେଲ କହିଛନ୍ତି ଯେ ସେ କ୍ରିକେଟକୁ ଅଲବିଦା କହିବାକୁ ନିଷ୍ପତ୍ତି ନେଇଛନ୍ତି। ହଁ, ଆଇପିଏଲ ୨୦୨୫ ସମାପ୍ତ ହେବା ପରେ, ଏକ ଭିଡିଓ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି। ଏହି ଭାଇରାଲ ଭିଡିଓରେ, ଅକ୍ଷର ପଟେଲ କହୁଥିବାର ଦେଖାଯାଉଛି ଯେ ତାଙ୍କର ଏବଂ କ୍ରିକେଟର ଯାତ୍ରା କେବଳ ଏହି ପର୍ଯ୍ୟନ୍ତ ଥିଲା। ଏହି ଭିଡିଓରେ, ଅକ୍ଷର ପଟେଲ ଏକ ଅବସର ଭାଷଣ ଦେଇ କହିଛନ୍ତି, 'ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଘୋଷଣା। ଏହା ଘୋଷଣା କରିବା ମୋ ପାଇଁ ସହଜ ନୁହେଁ। କ୍ରିକେଟ ମୋତେ ସବୁକିଛି ଦେଇଛି, ମୋର ପରିଚୟ ଏବଂ ତୁମର ପ୍ରେମ, କିନ୍ତୁ ପ୍ରତ୍ୟେକ ଯାତ୍ରାର ଏକ ଅନ୍ତ ଅଛି। ହୁଏତ ମୋର ଏବଂ କ୍ରିକେଟର ଯାତ୍ରା ଏହି ପର୍ଯ୍ୟନ୍ତ ଥିଲା।' ଅକ୍ଷର ପଟେଲ ଭାରତର ସର୍ବୋତ୍ତମ ଅଲରାଉଣ୍ଡର ଖେଳାଳିଙ୍କ ମଧ୍ୟରୁ ଜଣେ। ଯେତେବେଳେ ଏବିପି ଲାଇଭ ଏହି ଭିଡିଓର ତଦନ୍ତ କଲା, ସେତେବେଳେ ଜଣାପଡିଲା ଯେ ଅକ୍ଷର ପଟେଲ କ୍ରିକେଟରୁ ଅବସର ନେଇ ନାହାଁନ୍ତି କାରଣ ଏହି ଭାଇରାଲ ଭିଡିଓ ଏଆଇ ସହିତ ତିଆରି ହୋଇଛି। ଅକ୍ଷର ପଟେଲ ନିଜେ ତାଙ୍କ ଅବସର ଉପରେ କୌଣସି ବୟାନ ଦେଇନାହାଁନ୍ତି କିମ୍ବା କୌଣସି ପୋଷ୍ଟ ଶେୟାର କରିନାହାଁନ୍ତି। ସେହିପରି, ବିସିସିଆଇ ମଧ୍ୟ ଏପରି କିଛି ନିଶ୍ଚିତ କରିନାହିଁ। ଅକ୍ଷର ପଟେଲ ଆଇପିଏଲ ୨୦୨୫ରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଥିଲେ। ଦିଲ୍ଲୀ ଦଳକୁ ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ପଟେଲ ବର୍ତ୍ତମାନ ଭାରତୀୟ ଟି-୨୦ ଦଳର ଉପ-ଅଧିନାୟକ ମଧ୍ୟ। ସୂଚନାଯୋଗ୍ୟ, ଗତ ଗୋଟିଏ ମାସ ମଧ୍ୟରେ ବିରାଟ କୋହଲି ଏବଂ ରୋହିତ ଶର୍ମା ଟେଷ୍ଟ କ୍ରିକେଟକୁ ଅଲବିଦା କହିଛନ୍ତି। ଏହି ଉଭୟ ବରିଷ୍ଠ ଖେଳାଳି ଗତ ବର୍ଷ ଟି-୨୦ ଫର୍ମାଟକୁ ଅଲବିଦା କହିଥିଲେ। ବିରାଟ-ରୋହିତଙ୍କ ଟି-୨୦ ଅବସର ପରେ, ଅକ୍ଷର ପଟେଲ ଟି-୨୦ ଦଳର ସବୁଠାରୁ ବରିଷ୍ଠ ଖେଳାଳିଙ୍କ ମଧ୍ୟରୁ ଜଣେ।

# 'ଧୂମ୍-୪'ରେ ନଜର ଆସିବେ ରଣବୀର କପୁର



ମୁମ୍ବାଇ, ୪।୬ (ହି.ସ): 'ଧୂମ୍-୪'ରେ ନଜର ଆସିବେ ରଣବୀର କପୁର। ଫିଲ୍ମରେ ତାଙ୍କ ଲୁକ୍ ପୂରାପୂରି ନୂଆ ଓ ଅଲଗା ହେବ। ଏହାର ପ୍ରସ୍ତୁତି ସେ ଏବେଠୁ ଆରମ୍ଭ କରିଦେଇଛନ୍ତି। ସଦ୍ୟ ରିପୋର୍ଟ ଅନୁସାରେ, 'ଧୂମ୍-୪' ଏପର୍ଯ୍ୟନ୍ତ ମୁକ୍ତିପ୍ରାପ୍ତ ସବୁ 'ଧୂମ୍' ଫିଲ୍ମଠୁ ଦମ୍‌ଦାର ହେବ। ଏଥିରେ ଭରପୂର ଆକ୍ସନ୍ ରହିବ। ରିପୋର୍ଟ ଅନୁସାରେ, ଆଦିତ୍ୟ ଚୋପ୍ରା 'ଧୂମ୍-୪'ର କାହାଣୀ ଲେଖୁଛନ୍ତି। ଏହି କାହାଣୀ ପୁରୁଣା ଫ୍ରାଞ୍ଚାଇଜିକୁ ନୂଆ ରୂପ ଦେବ। ଦର୍ଶକଙ୍କ ଆଶା ଅନୁସାରେ ଏହା ମନୋରଞ୍ଜନର ଖୋରାକ ଦେବ। ରଣବୀର ଏହି ଭୂମିକା ପାଇଁ ପୂରାପୂରି ଫିଟ୍ ବୋଲି ରିପୋର୍ଟ ସ୍ପଷ୍ଟ କରିଛି। ତାଙ୍କ ବ୍ୟକ୍ତିତ୍ୱ ହିସାବରେ ତାଙ୍କର ଭୂମିକା ସ୍ଥିର ହୋଇଛି। ଫିଲ୍ମର କାହାଣୀ ଓ ଆକ୍ସନ୍ ବିଶ୍ୱର ସର୍ବୋତ୍କୃଷ୍ଟ ଆକ୍ସନ୍ ଫିଲ୍ମ ମଧ୍ୟରେ ଅନ୍ୟତମ ହେବ ବୋଲି ଗଣମାଧ୍ୟମ ସ୍ପଷ୍ଟ କରିଛି। ଫିଲ୍ମର ଅନ୍ଦାଜ୍ ପୂର୍ବର ୱାଇଆର୍‌ଏଫ୍ ସ୍ପାଇ ୟୁନିଭର୍ସ ଫିଲ୍ମଠୁ ସମ୍ପୂର୍ଣ୍ଣ ଅଲଗା ହେବ। ୨୦୨୬, ଖରାଦିନେ 'ଧୂମ୍-୪'ର ସୁଟିଂ ଆରମ୍ଭ ହେବ। ଏହି ଘୋଷଣା ପରେ ଫ୍ୟାନ୍‌ଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। କିଛି ରଣବୀରଙ୍କ କାଷ୍ଟିଂକୁ ନେଇ ଉତ୍ସାହିତ ଅଛନ୍ତି। ଆଉ କିଛି ହ୍ରିତିକ ରୋଶନଙ୍କୁ କାଷ୍ଟ୍ କରିବାକୁ ଦାବି କରିଛନ୍ତି। ଅଦ୍ୟାବଧି 'ଧୂମ୍' ଫ୍ରାଞ୍ଚାଇଜିର ୩ ଫିଲ୍ମ ରିଲିଜ୍ ହୋଇସାରିଛି। ପ୍ରଥମ ଫିଲ୍ମରେ ଅଭିଷେକ ବଚ୍ଚନ, ଜନ୍ ଆବ୍ରାହମ୍, ଉଦୟ ଚୋପ୍ରା ଅଭିନୟ କରିଥିଲେ। 'ଧୂମ୍-୨'ରେ ଅଭିଷେକ ବଚ୍ଚନ, ହ୍ରିତିକ ରୋଶନ ଓ ଐଶ୍ୱର୍ଯ୍ୟା ରାୟ ମୁଖ୍ୟ ଭୂମିକାରେ ଥିଲେ। 'ଧୂମ୍-୩'ରେ ଆମିର ଖାନ୍ ଡବଲ୍ ରୋଲ୍ କରିଥିଲେ। ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ କ୍ୟାଟ୍ରିନା କୈଫ୍। ତେବେ ଆଗାମୀ ଦିନରେ ରଣବୀର ଏକାଧିକ ବଡ଼ ପ୍ରୋଜେକ୍ଟରେ ନଜର ଆସିବେ। ଏବେ ତାଙ୍କ ହାତରେ ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ମେଗାବଜେଟ୍ ଫିଲ୍ମ 'ରାମାୟଣ' ରହିଛି। ଏଥିରେ ସେ ଶ୍ରୀରାମ ଭୂମିକା ନିର୍ବାହ କରିଛନ୍ତି। ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ 'ଆନିମଲ୍ ପାର୍କ'ରେ ବି ସେ ନଜର ଆସିବେ। କିଛି ଦିନ ତଳେ ସେ ସଞ୍ଜୟ ଲୀଲା ଭଂସାଲୀଙ୍କ ଫିଲ୍ମ 'ଲଭ୍ ଆଣ୍ଡ ୱାର୍' ସାଇନ୍ କରିଛନ୍ତି। ଏଥିରେ ସେ ଭିକି ଓ ଆଲିୟାଙ୍କ ସହ ନଜର ଆସିବେ। 'ବ୍ରହ୍ମାସ୍ତ୍ର-୨'ରେ ମଧ୍ୟ ତାଙ୍କୁ କାଷ୍ଟ୍ କରାଯାଇଛି।

# 'ଦ ରାଜା ସାହବ'ର ବଦଳିଲା ରିଲିଜ ଡେଟ୍




ମୁମ୍ବାଇ, ୪।୬ (ହି.ସ): ଫିଲ୍ମ ନିର୍ମାତା-ନିର୍ଦ୍ଦେଶକ ମାରତିଙ୍କ ବହୁ ପ୍ରତିକ୍ଷୀତ ହରର୍-କମେଡ଼ି 'ଦ ରାଜା ସାହବ'ର ରିଲିଜ ଡେଟ୍ ସାମ୍ନାକୁ ଆସି ସାରିଛି। ନିର୍ମାତା ଘୋଷଣା କରିଛନ୍ତି କି ପ୍ରଭାସ ଷ୍ଟାରର ଫିଲ୍ମ ୫ ଡିସେମ୍ବରରେ ହଲରେ ରିଲିଜ ହେବ। ସୂଚନା ଅନୁସାରେ ଫିଲ୍ମକୁ ବହୁ ବଡ଼ ଆକାରରେ ନିର୍ମାଣ କରାଯାଉଛି। ଟିଜି ବିଶ୍ୱ ପ୍ରସାଦ ଏହି ଫିଲ୍ମର ନିର୍ମାଣ କରୁଛନ୍ତି। ଯାହାର ସିନେମାଟୋଗ୍ରାଫି କାର୍ତ୍ତିକ ପଲାନୀ କରିଛନ୍ତି ଏବଂ ସଂଗୀତ ଥମନ ଏସ ଦେଇଛନ୍ତି। ନିର୍ମାତା ଏହା ବି ଘୋଷଣା କରିଛନ୍ତି କି ଫିଲ୍ମର ଏକ ଟିଜର ୧୬ଜୁନରେ ଜାରି କରାଯିବ। ନିର୍ମାତା ପ୍ରଭାସଙ୍କ ୪୫ତମ ଜନ୍ମଦିନ ଅବସରରେ 'ଦ ରାଜା ସାହବ'ର ମୋଶନ ପୋଷ୍ଟର ଜାରି କରିଥିଲେ। ଦୁଇ ମିନିଟର ଏହି ମୋଶନ ପୋଷ୍ଟରର ଆରମ୍ଭ ଜଙ୍ଗଲରେ ପିୟାନୋ ବଜାଉଥିବା 'ହ୍ୟାପି ବର୍ଥଡେ' ଗୀତରେ ହେଉଛି। ଏହାପରେ ଜଙ୍ଗଲରେ ବୁଲୁଥିବା ଏକ ରହସ୍ୟମୟୀ ବ୍ୟକ୍ତିଙ୍କୁ ଦେଖାଉଛି, ଯିଏ ଏକ ପୁରୁଣା ମହଲକୁ ନେଇ ଯାଉଛନ୍ତି। ଏହି ସମୟରେ ତେଲୁଗୁ ସୁପରଷ୍ଟାର ପ୍ରଭାସଙ୍କ ଲୁକ୍ ଦେଖାଯାଉଛି। ଏହି ପୋଷ୍ଟରରେ ଅଭିନେତା ପ୍ରଭାସ ଏକ ବ୍ଲାକ୍ ଆଉଟଫିଟରେ ଭିଣ୍ଟେଜ ପ୍ୟାଲେସରେ ସିଂହାସନ ଉପରେ ବସିଛନ୍ତି। ସେ ରାଜାର ପୋଶାକ ପିନ୍ଧିଛନ୍ତି ଏବଂ ତାଙ୍କର ଏକ ହାତରେ ସିଗାର ରହିଛି। ପୋଷ୍ଟରରେ ଟ୍ୟାଗଲାଇନ ଲେଖାଯାଇଛି କି, 'ହରର ଇଜ ଦ ନ୍ୟୁ ହ୍ୟୁମର, ହ୍ୟାପି ବର୍ଥଡେ ରେବେଲ ସାବ'। ଏହି ଫିଲ୍ମକୁ ମାରତି ନିର୍ଦ୍ଦେଶନା ଦେଇଛନ୍ତି ଏବଂ ଏହାକୁ ପିପଲ ମିଡ଼ିଆ ଫ୍ୟାକ୍ଟ୍ରି ବ୍ୟାନରରେ ବିଶ୍ୱ ପ୍ରସାଦ ପ୍ରଡ୍ୟୁସ କରିଛନ୍ତି।

# ୬ରୁ ଆରମ୍ଭ ହେବ 'ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ'

ଭୁବନେଶ୍ୱର, ୪।୬ (ହି.ସ): ଭୁବନେଶ୍ୱର ସ୍ଥିତ ଜୟଦେବ ଭବନଠାରେ ଆସନ୍ତା ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଯାଉଛି 'ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ'ର (ବିଏଫ୍ଏଫ) ଦ୍ୱିତୀୟ ସଂସ୍କରଣ। ଚାରିଦିନ ବ୍ୟାପି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଆ ସହିତ ୯ଟି ଭାଷାର କ୍ଲାସିକ୍ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ପ୍ରତିଦିନ ସକାଳ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ଚଳଚ୍ଚିତ୍ରର ସ୍କ୍ରିନିଂ ହେବ। ଏହି କାର୍ଯ୍ୟକ୍ରମ ଓଡ଼ିଆ ସିନେପ୍ରେମୀଙ୍କ ପାଇଁ ଖୋଲା ରହିବ। ଭୁବନେଶ୍ୱର ଫିଲ୍ମ ସର୍କଲ ପକ୍ଷରୁ ୨୦୨୪ରେ 'ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ'ର ପ୍ରଥମ ସଂସ୍କରଣ କରାଯାଇଥିଲା। ଏହାକୁ ଦର୍ଶକୀୟ ଆଦୃତି ମିଳିବା ପରେ ଚଳିତବର୍ଷ ଏହାର ଦ୍ୱିତୀୟ ସଂସ୍କରଣ କରାଯାଉଛି। ଜୁନ୍ ୬ ତାରିଖ ସନ୍ଧ୍ୟା ୭ଟାରେ 'ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ'ର ଉଦଘାଟନୀ କାର୍ଯ୍ୟକ୍ରମ ରହିଛି। ଏଥିରେ ବଲିଉଡ୍ ସହିତ ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ନିର୍ଦ୍ଦେଶକ, ଫିଲ୍ମ ନିର୍ମାତା, ଅଭିନେତା ଓ ଅଭିନେତ୍ରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ଓ ଉପନ୍ୟାସ ଉପରେ ଆଧାରିତ ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ୯ଟି ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ କରିବା ପାଇଁ ମନୋନୟନ କରାଯାଇଛି। 'ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ'ର ଅନ୍ୟତମ ଆକର୍ଷଣ ହେଉଛି ଚଳଚ୍ଚିତ୍ର ଅଭିନୟ ଓ ଚିତ୍ରନାଟ୍ୟ ରଚନା ଭଳି ବିଷୟକୁ ନେଇ ୨ଟି ମାଷ୍ଟରକ୍ଲାସ୍। ଜୁନ୍ ୭ ତାରିଖରେ ଗୀତଗୋବିନ୍ଦ ସଦନଠାରେ ଚିତ୍ରନାଟ୍ୟ ଉପରେ ହେବାକୁଥିବା ମାଷ୍ଟରକ୍ଲାସରେ ବଲିଉଡର ଖ୍ୟାତନାମା ଚିତ୍ରନାଟ୍ୟ ଲେଖକ ଚାରୁଦତ୍ତ ଆଚାର୍ଯ୍ୟ ଯୋଗଦେବେ। ସେହିପରି ୮ ତାରିଖରେ ଓଡ଼ିଶା ପ୍ରେସ୍ କ୍ଲବଠାରେ ଅଭିନୟକୁ ନେଇ ହେବାକୁଥିବା ମାଷ୍ଟରକ୍ଲାସରେ ଖ୍ୟାତନାମା ପ୍ରଶିକ୍ଷିକ ଅଭିମନ୍ୟୁ ରାୟ ଯୋଗଦେଇ ଯୁବ ପ୍ରତିଭାମାନଙ୍କୁ ବିଶେଷ ତାଲିମ ଓ ପରାମର୍ଶ ଦେବେ। ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲର ଆବାହକ, ଲେଖକ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ, ସିନେ ସମୀକ୍ଷକ ଅଶୋକ ପାଲିତ, ବଲିଉଡ ନିର୍ଦ୍ଦେଶକ ଓ ସାଉଣ୍ଡ ଇଞ୍ଜିନିୟର ସୁବାସ ସାହୁ ଏବଂ ଅଭିନେତା ସୁକାନ୍ତ ରଥଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik